
# ରାଷ୍ଟ୍ରୀୟ ଏକତା ଓ ବିକାଶ ନିମନ୍ତେ ଏକ ଆନ୍ତରିକ ଆହ୍ୱାନ

ଜଲସା ସାଲାନା କାଦିୟାନ ୧୯୯୧ ଅବସରରେ

**ଖଲିଫତୁଲ ମସିହ୍ ଚତୁର୍ଥ [ରଅ] ଙ୍କର**

**ଉଦଯାପନୀ ଭାଷଣ**



# ରାଷ୍ଟ୍ରୀୟ ଏକତା ଓ ବିକାଶ ନିମନ୍ତେ ଏକ ଆନ୍ତରିକ ଆହ୍ୱାନ

ଜଲସା ସାଲାନା କାଦିୟାନ ୧୯୯୧ ଅବସରରେ

**ଉଦଯାପନୀ ଭାଷଣ**

ହଜରତ୍ ମିର୍ଜା ତାହିର ଅହମଦ[ରହ]
ଖଲିଫତୁଲ ମସିହ୍ ଚତୁର୍ଥ
(ଈଶ୍ୱର ତାଙ୍କ ପ୍ରତି ପ୍ରସନ୍ନ ହୁଅନ୍ତୁ)

# ଜଲସା ସାଲାନା କାଦିୟାନ ୧୯୯୧ ଅବସରରେ
# ଉଦଯାପନୀ ଭାଷଣ


**ଉଦବୋଧନ:** ହଜରତ୍ ମିର୍ଜା ତାହିର ଅହମଦ[ରହ]
ଖଲିଫତୁଲ ମସିହ୍ ଚତୁର୍ଥ
(ଈଶ୍ୱର ତାଙ୍କ ପ୍ରତି ପ୍ରସନ୍ନ ହୁଅନ୍ତୁ)

**ଓଡିଆରେ ଅନୁବାଦ:** ଶରାଫତ ଅହମଦ, ପଙ୍କାଳ, ଓଡିଶା

**ପ୍ରକାଶକ:** ନାଜର୍ ନଶ୍ରୋ ଓ ଇଶାଅତ
ସଦର ଅଞ୍ଜୁମନ୍ ଅହମଦୀୟା
କାଦିୟାନ୍, ପଞ୍ଜାବ 143516

**ମୁଦ୍ରକ:** ଫଜଲେ ଉମର ପ୍ରିଣ୍ଟିଙ୍ଗ ପ୍ରେସ
କାଦିୟାନ୍, ପଞ୍ଜାବ 143516

**ପ୍ରଥମ ସଂସ୍କରଣ :** 2018 (1000 Copies)

**ଅକ୍ଷର ସଜ୍ଜା:** ଏ.ବି.ସି. ରିପ୍ରୋଡକସନ ସେଣ୍ଟର
ସାକ୍ଷୀପଡା, ସମ୍ବଲପୁର

**ISBN :**



No part of this publication may be reproduced in any from or by any means without prior written permission from the publisher.


**TOLL FREE - 18001802131**

بسم الله الرحمن الرحيم

# ୨୮ ଡିସେମ୍ବର ୧୯୯୧ରେ କାଦିୟାନ ଠାରେ ଅନୁଷ୍ଠିତ ଶତବାର୍ଷିକ ଜଲସା ସାଲାନା ଅବସରରେ ଏକ ସାରଗର୍ଭକ ତଥା ଐତିହାସିକ ଉଦ୍‌ବୋଧନ

ତଶହୁଦ୍, ତାଉଯ ଓ ସୁରଃ ଫାତିହାର ଆବୃତ୍ତି ପରେ ହଜୁର୍[ରହ] କହିଲେ :

ଅଲ୍ଲାଃତାଲାଙ୍କର ଅସୀମ କରୁଣା ଯେ ଅତି ସୁନ୍ଦରୁ ରୂପେ ଅତ୍ୟନ୍ତ ପବିତ୍ର ବାତାବରଣ ମଧ୍ୟରେ ଏବଂ ଅନେକ ବିଶ୍ୱାସ ବର୍ଦ୍ଧକ ଦୃଶ୍ୟ ଦେଖାଇବା ସହିତ ଏହି ବର୍ଷର ବାର୍ଷିକ ଧର୍ମ ସମାବେଶ, ଯାହା ଏକ ବିଶେଷ ଐତିହାସିକ ଜଲ୍‌ସା ସାଲାନାର ରୂପ ଧାରଣ କରିଛି, ତାହା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଜଲ୍‌ସା ଅନେକ ଦୃଷ୍ଟିରୁ ଏକ ଐତିହାସିକ ମାନ୍ୟତା ହାସଲ କରିଛି । ଶହେ ବର୍ଷ ପୂର୍ବେ ହୋଇଥିବା ପ୍ରଥମ ଜଲ୍‌ସା ତୁଳନାରେ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏକ ଶତ ବର୍ଷ ପୂର୍ବେ ଅନୁଷ୍ଠିତ ପ୍ରଥମ ଜଲ୍‌ସା ପ୍ରତ୍ୟେକ ଶତାବ୍ଦୀର ପ୍ରଥମ ଜଲସା ଅପେକ୍ଷା ଏକ ବିଶେଷ ମହତ୍ତ୍ୱ ରଖିଥାଏ । ଦୀର୍ଘ ୪୪ ବର୍ଷର ବ୍ୟବଧାନ ପରେ ୪୫ତମ ବର୍ଷରେ ପଦାର୍ପଣ କରିଥିବା ଏହି ଜଲ୍‌ସାରେ ହଜରତ ମସିହ ମଉଦ[ଅସ] ଙ୍କର ଖଲିଫାଙ୍କୁ ସ୍ୱୟଂ ସମ୍ମିଳିତ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ଏଠାରେ ସେହି ଜଲ୍‌ସା ଅନୁଷ୍ଠିତ ହେଉଛି, ଯେଉଁଥିରେ ଭାରତର ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଜମାଅତ୍‌ର ଲୋକମାନେ ସମ୍ମିଳିତ ହୋଇଛନ୍ତି । ଯଦ୍ଦ୍ୱାରା ଜଲ୍‌ସା ସାଲାନାର ଗତ ଶହେ ବର୍ଷର ଇତିହାସରେ ଆଜି ପର୍ଯ୍ୟନ୍ତ ଏପରି ବ୍ୟାପକ ସଂଖ୍ୟାରେ ବିଭିନ୍ନ ପ୍ରାନ୍ତରୁ ଲୋକମାନଙ୍କର ଆଗମନ ହୋଇ ନଥିଲା ।

କାଶ୍ମୀର ରାଜ୍ୟରୁ ମଧ୍ୟ ଆଶ୍ଚର୍ଯ୍ୟ ଜନକ ଓ ଆଶାତୀତ ଭାବରେ ବହୁତ ଅଧିକ ଅତିଥିମାନଙ୍କର ଆଗମନ ହୋଇଛି । ଯେପରି କି ମୁଁ ଅନୁମାନ କରୁଛି ଓ ପ୍ରବନ୍ଧକମାନଙ୍କ ଠାରୁ ପଚାରି ବୁଝିଥିଲି । ସେମାନେ କହିଲେ ଯେ କାଶ୍ମୀରରୁ ପ୍ରାୟଃ ତିନି ହଜାର ଅହମଦି ଏଠାକୁ ଆସିଛନ୍ତି ।

ଓଡିଶା ଏକ ସ୍ୱଦୂରବର୍ତ୍ତୀ ରାଜ୍ୟ, ଯେଉଁଠାରୁ ଆସିଥିବା ଲୋକମାନଙ୍କୁ ତିନି ଦିନ ଓ ତିନି ରାତିର ଅତି କଷ୍ଟକର ଯାତ୍ରା କରିବାକୁ ପଡ଼ିଥାଏ । ବହୁତ ଗରିବ ଜମାଅତ ସେଠାରେ ରହିଛି । ଗରିବ ହେଲେ ସୁଦ୍ଧା ନିୟମ ଅନୁସାରେ ସେଗୁଡ଼ିକ ନିଜର ସାମର୍ଥ୍ୟ ଅନୁଯାୟୀ ଚନ୍ଦା ଦେଉଥିବା ଜମାଅତ୍ । ସେଠାକାର ମୌସୁମି ଋତୁ ଅଧିକାଂଶ ଭାବେ ଗରମ୍ ହୋଇଥାଏ । ଏହା ଏପରି ଏକ ଗ୍ରୀଷ୍ମାଞ୍ଚଳ ଯେଉଁଠି ଅଧିକ

ଖୁବ୍ କମ ଶୀତ ଅନୁଭୂତ ହୁଏ । ଏହା ସତ୍ତ୍ୱେ ଏପରି ଅଧିକ ଥଣ୍ଡା ସମୟରେ କଷ୍ଟ ସହ୍ୟ କରି ଓଡ଼ିଶାରୁ ବହୁ ସଂଖ୍ୟାରେ ବନ୍ଧୁମାନେ ଓ ସ୍ତ୍ରୀ, ପିଲାମାନେ ଏଠାରେ ଆସି ପହଞ୍ଚି ଛନ୍ତି ।

ମୁଁ ମୋର ପ୍ରଶ୍ନୋତ୍ତର ସଭାରେ ସେମାନଙ୍କୁ ପ୍ରଶ୍ନ କରିଥିଲି ଯେ ଆପଣମାନଙ୍କ ମଧ୍ୟରେ କେତେ ଲୋକ ଅଛନ୍ତି, ଯେଉଁମାନଙ୍କୁ କାଦିୟାନ୍ ଆସିବାର ଆଦୌ ସୁଯୋଗ ପ୍ରାପ୍ତ ହୋଇନାହିଁ? ଅର୍ଥାତ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କ ଭାଗ୍ୟରେ ଏହା ପୂର୍ବରୁ କାଦିୟାନ ଆସିବାର ସୌଭାଗ୍ୟ ଜୁଟି ନାହିଁ । ତେଣୁ ଏହି ଜଲ୍‌ସା ଏହି ଦୃଷ୍ଟିରୁ ମଧ୍ୟ ଅନେକ ମଙ୍ଗଳକାରୀ । କିନ୍ତୁ ମୁଁ ଏବେ ଏସବୁ ବିଷୟ ବର୍ଣ୍ଣନା କରିବାକୁ ଛିଡ଼ା ହୋଇନାହିଁ । ପ୍ରସଙ୍ଗ କ୍ରମେ ଏହାର କେବଳ ବର୍ଣ୍ଣନା କରୁଛି । ମୁଁ ମୋର ପ୍ରକୃତ ବିଷୟବସ୍ତୁ ଆଡ଼କୁ ଆସିବା ପୂର୍ବରୁ ଏ କଥା ଜଣାଇ ଦେବା ଆବଶ୍ୟକ ମନେ କରୁଛି ଯେ ଏହି ଜଲ୍‌ସାର ସଫଳତାରେ କାଦିୟାନ୍‌ର ଅଣ ମୁସଲ୍‌ମାନ ବାସିନ୍ଦାମାନଙ୍କର ସହଯୋଗ, ସେମାନଙ୍କ ସ୍ନେହ ସହଯୋଗ ତଥା ସେମାନଙ୍କ ସୌଜନ୍ୟ ମୂଳକ ବ୍ୟବହାର କ୍ଷେତ୍ରରେ ବହୁତ ଅବଦାନ ରହିଛି । ମୋର ଧାରଣାରେ ନଥିଲା କିମ୍ବା ମୁଁ ଭାବି ନଥିଲି ଯେ କାଦିୟାନର ସେହି ବାସିନ୍ଦା ଯେଉଁମାନେ ଦେଶର ବିଭାଜନ ପରେ ଏଠାରେ କାମ କରୁଛନ୍ତି, ସେମାନେ ଏପରି ଉଦାରପୂର୍ଣ୍ଣ ଖୋଲା ହୃଦୟ ତଥା ମୁକୁଳା ବାହୁ ପ୍ରସାରିତ କରି ଆମର ସ୍ୱାଗତ କରିବେ । ଏପରି ମନ ମୁଗ୍ଧକର ପ୍ରେମର ପରିପ୍ରକାଶ କରିବେ ।

ମୁଁ ଅଫିସର୍ ଜଲ୍‌ସା ସାଲାନାଙ୍କର ଠାରୁ ଜାଣି ପାରିଲି ଯେ ଆମକୁ ଅତିଥିମାନଙ୍କ ରହଣୀ ପାଇଁ ଘରର ଅସୁବିଧା ବୋଧ ହେଲା । କାରଣ ଏଠାରେ ଦରୱେଶ୍‌ମାନଙ୍କ ସଂଖ୍ୟା ଖୁବ୍ କମ । କିନ୍ତୁ ଆଗନ୍ତୁକ ଅତିଥିମାନଙ୍କ ସଂଖ୍ୟା ଆଶାତୀତ ଭାବରେ ବହୁ ଅଧିକ ହୋଇଗଲା । ଏପରିକି ଗତକାଲିର ଉପସ୍ଥାନ ୨ ୨ ହଜାରରୁ ଅଧିକ ଥିଲା । କିନ୍ତୁ ଏମାନଙ୍କର ଅନୁମାନ ଥିଲା ଯେ ପ୍ରାୟଃ ତେର କି ଚଉଦ ହଜାର ପାଖାପାଖି ଅତିଥି ଆସିବେ । ତାହେଲେ ଯଦି ଜଲସା ସ୍ଥଳୀରେ ଉପସ୍ଥିତ ଲୋକମାନଙ୍କ ସଂଖ୍ୟାର ଗଣନା ୨ ୨ ହଜାର ହୋଇଯିବାର ସମ୍ଭାବନା ଦେଖାଯିବ, ତେବେ ଜଣାଯିବ ଯେ ଏହାଠାରୁ ଅଧିକ ଲୋକ ସ୍ତ୍ରୀ ଓ ପୁରୁଷ ମଧ୍ୟ ଉପସ୍ଥିତ ରହିଥିବେ । କାରଣ କେତେକ ଲୋକ ବିଭିନ୍ନ କାମ ଧନ୍ଦାରେ ବ୍ୟସ୍ତ ରହିଛନ୍ତି । ସେଥିପାଇଁ ସେମାନେ ଜଲ୍‌ସା ଗାହ୍‌ରେ ଉପସ୍ଥିତ ନାହାନ୍ତି । ଯାହା ହେଉ, ସେ କହିଲେ ଯେ କାଦିୟାନ୍‌ର କେତେକ ବାସିନ୍ଦା ଶିଖ୍ ଭାଇମାନେ ସୂଚନା ଜାଣିପାରି ନିଜେ ଆସି ପହଞ୍ଚିଲେ ଓ ଅତି ବାଧ୍ୟ ବାଧକତା ସହିତ ଅତିଥିମାନଙ୍କୁ

ବଡ଼ ସ୍ନେହ ଆଦର ସହିତ ନିଜ ଘରକୁ ପାଛୋଟି ନେଇଗଲେ । ଯେପରିକି ଅତୀତରେ କାଦିୟାନ୍‌ର ବିଭିନ୍ନ ମୁହଲ୍ଲା (ସାହି)ରେ ଅଧିକାଂଶ ଅତିଥିମାନଙ୍କୁ ରହିବାକୁ ସ୍ଥାନ ମିଳି ଯାଉଥିଲା । ଏଥିର ମଧ୍ୟ ଧାର୍ମିକ ମତଭେଦ ବା ବିରୋଧାଭାସ ରହିବା ସତ୍ତ୍ୱେ ପାକିସ୍ତାନ ସହିତ ରାଜନୈତିକ ମତଭେଦ ଥାଇ ସୁଦ୍ଧା ବାହାରୁ ଆସିଥିବା ଅତିଥିମାନଙ୍କ ସହିତ ସେମାନେ ଯେ କୌଣସି ଦେଶରୁ ଆସି ଥାଆନ୍ତୁନା କାହିଁକି, ଏମାନେ ବହୁତ ଆଦର ଓ ପ୍ରେମ ପୂର୍ଣ୍ଣ ବ୍ୟବହାର କରିଛନ୍ତି । ଅଲ୍ଲାଃତାଲା ଏ ସମସ୍ତଙ୍କୁ ଉତ୍ତମ ବଦଳା ଦିଅନ୍ତୁ ।

ମାନବିକତା ମୂଳକ ଧର୍ମର ପ୍ରଥମ ପାଦ ହେଉଛି, ଯଦି ପରୋପକାର କରିବାର ବାଟ ମିଳିଯାଏ, ତେବେ ପ୍ରଭୁଙ୍କ ଆଡ଼କୁ ଯିବାର ଅନ୍ୟାନ୍ୟ ପଥ ସରଳ ହୋଇଯାଏ । ଯେଉଁମାନେ ପ୍ରଭୁଙ୍କ ବାଟରେ ଚାଲିଥାଆନ୍ତି, ସେମାନଙ୍କୁ ନିଶ୍ଚିତ ଭାବେ ମାନବିକତା ପ୍ରାପ୍ତ ହୋଇଥାଏ । ସେମାନେ ଯେତିକି ଈଶ୍ୱରଙ୍କ ଆଡ଼କୁ ଯାଆନ୍ତି, ତାଙ୍କ ମଧ୍ୟରେ ସେତିକି ନୈତିକତାର ମାନ ବଢ଼ି ଚାଲିଥାଏ । ଏହି ଉଭୟ ବିଷୟ ପରସ୍ପର ସହିତ ଜଡିତ ରହିଛି । ତେଣୁ ଏ ସମ୍ବନ୍ଧରେ ମୁଁ ହୁଏତ ଶୁଣିଛି ଯେ ଧାର୍ମିକ ମତଭେଦ ନିଜ ସ୍ଥାନରେ ରହିଛି । କିନ୍ତୁ ଏଠାରେ ଆମ ପରିବେଶରେ ମାନବିକ ମର୍ଯ୍ୟାଦା ରକ୍ଷା କରାଯାଉଛି । ଏହି ଜ୍ୟୋତିକୁ ପ୍ରଜ୍ୱଳିତ କରୁଥିବା ଲୋକମାନେ ରହିଛନ୍ତି । ଅଲ୍ଲାଃତାଲା ସେମାନଙ୍କ ହୃଦୟକୁ ଆଲୋକିତ କରନ୍ତୁ ଓ ସେମାନଙ୍କ ସ୍ୱଚ୍ଛ ମାନସିକତାକୁ ମଧ୍ୟ ପ୍ରକାଶିତ କରନ୍ତୁ ଏବଂ ଏକ ଅଲ୍ଲାଃଙ୍କର ପ୍ରେମରେ ସଂପୃକ୍ତ ରହି ପ୍ରତ୍ୟେକ ସେହି ପଥକୁ ଗ୍ରହଣ କରନ୍ତୁ, ଯାହା ପ୍ରଭୁଙ୍କ ନିକଟକୁ ପହଞ୍ଚାଇ ଥାଏ ।

ଏବେ ମୁଁ ଆପଣଙ୍କ ଧ୍ୟାନ ସେହି ବିଷୟ ପ୍ରତି ଆକର୍ଷିତ କରିବାକୁ ଚାହୁଁଛି ଯେ ଦୁନିଆରେ ବଡ଼ ତୀବ୍ରତା ସହିତ ପରିବର୍ତ୍ତନ ଘଟିବାର ଦେଖାଯାଇଛି ଓ ଦୁନିଆର ନକ୍‌ସା ବଦଳିବାରେ ଲାଗିଛି । ଏ ସମ୍ପର୍କରେ କେତେକ ବିଷୟ ପ୍ରତି ମୁଁ ମୋର ପ୍ରଥମ ଭାଷଣରେ ଆଲୋକପାତ କରିଛି । ତେଣୁ ଆଉ ଅଧିକ ବର୍ଣ୍ଣନା କରିବି ନାହିଁ । କିନ୍ତୁ ଏ କଥା ଜଣାଇବା ଜରୁରୀ ଯେ ଏହି ପରିବର୍ତ୍ତନର ଗଭୀର ସମ୍ବନ୍ଧ ଜମାଅତ୍ ଅହମଦିୟା ସହିତ ରହିଛି । ରୁଷ ଦେଶର ପରିବର୍ତ୍ତନ ଦୁନିଆରେ ବଡ଼ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଦୁନିଆକୁ ବିଭିନ୍ନ ଦିଗରୁ ବା ବିଭିନ୍ନ ବର୍ଗ ସହିତ ବିଭାଜିତ କରିଦେଇଛି । ଯଦିଓ ଏହା ପୂର୍ବରୁ ବିଭାଜନର ପ୍ରକାର ଭିନ୍ନ ଥିଲା, ରୁଷିଆର ସେହି ପରିବର୍ତ୍ତନ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ହୋଇଥିଲା, ୧୯୧୮-୧୯୧୯ ମସିହାରେ । ସେହି ଆନ୍ଦୋଳନ ତୀବ୍ର ଭାବରେ ଗତିଶୀଳ ହେଲା ଓ

ଚରମ ସୀମାରେ ପହଞ୍ଚିଗଲା । ଏହି ବିପ୍ଳବର ବିଶେଷତ୍ୱ ହେଉଛି ଯେ ଦୁନିଆ ନୂତନ କଳେବର ବା ନୂତନ ଆକାରରେ ବିଭାଜିତ ହୋଇଯାଇଛି । ଏହା ପୂର୍ବରୁ ଗୋରା, କଳାର ମତଭେଦ ଥିଲା । ଉତ୍ତର, ଦକ୍ଷିଣ ଓ ପୂର୍ବ, ପଶ୍ଚିମର ବିଭାଜନ ଥିଲା । କିନ୍ତୁ ଧନୀ, ଦରିଦ୍ର ଓ ବିଭେଦ ଦୃଷ୍ଟିକୋଣରୁ ପ୍ରଥମ ଥର ଦୁନିଆକୁ ଦୁଇ ଭାଗରେ ବିଭାଜିତ କରି ଦିଆଗଲା । ଏହି ବିପ୍ଳବ 'ଜାରେ ରୁଷ' ଅର୍ଥାତ ରୁଷର ଜାର ଶାସନର ପତନ ଓ ସାମ୍ରାଜ୍ୟ ଧ୍ୱଂସ ହେବା ଦ୍ୱାରା ଆସିଥିଲା । ଅର୍ଥାତ୍ ରୁଷ ସାମ୍ରାଜ୍ୟ ବିଭାଜନ ହୋଇଯିବା ଦ୍ୱାରା ଏକ ପରିବର୍ତ୍ତନ ଘଟିଥିଲା ।

ଏବେ ଯେଉଁ ଏକ ନୂତନ ପରିବର୍ତ୍ତନ ଆସିଛି, ଏଥିରେ ରୁଷିଆ ତା'ର ବିଗତ ସତୁରି ବର୍ଷରେ ନିଜର ନୂତନ ଦୃଷ୍ଟିକୋଣ ଦ୍ୱାରା ଯାହା କିଛି ହାସଲ କରିଥିଲା, ସେ ସବୁ ଏକବାରେ ହରାଇ ବସିଲା । ଏ କଥା ସ୍ୱୀକାର କଲା ଯେ ଆମକୁ ଯାହା ପ୍ରାପ୍ତ ହୋଇଥିଲା, ସେ ସବୁରେ କିଛିଟା ଭିନ୍ନତା ଅବଶ୍ୟ ରହିଥିଲା । ସେଥିରେ କେବଳ ଅନିଷ୍ଟ ଓ ତିରସ୍କାର ଥିଲା । ଫଳ ସ୍ୱରୂପ ଦୁନିଆରେ ହଠାତ୍ ଯେପରି ଏକ ଭୂମିକମ୍ପ ସୃଷ୍ଟି ହୋଇ ଯାଇଥିଲା । ବୁଦ୍ଧିଜୀବୀମାନେ ଏହାକୁ ନେଇ ଅନେକ କଳ୍ପନା ଜଳ୍ପନା ଓ ବିଭିନ୍ନ ପ୍ରକାରର ଆଶଙ୍କା ପ୍ରକାଶ କରିଥିଲେ । ତେବେ ସେ ଯାହା ହେଉ, ସମସ୍ତ ପ୍ରକାଶିତ ପ୍ରସଙ୍ଗରେ କେତେଦୂର ସତ୍ୟତା ଓ ଜୋର ରହିଛି ତଥା କେତେଦୂର ସେମାନଙ୍କ ବିଚାରଧାରା ସଠିକ ଦିଗରେ ରହିଛି, ସେହି ଆଲୋଚନାକୁ ବର୍ତ୍ତମାନ ବାଦ୍ ଦେଇ ମୁଁ ଏକଥା ଜଣାଇ ଦେବାକୁ ଚାହୁଁଛି ଯେ ଏହି ଉଭୟ ବିପ୍ଳବ ବିଷୟରେ ଆମ ଈଶ୍ୱର ଜମାଅତ୍ ଅହମଦୀୟାକୁ ଆଗରୁ ହିଁ ଖବର ଦେଇଥିଲେ ତଥା ଖୁବ ସ୍ୱଷ୍ଟ ଭାବେ ଓ ସମ୍ପୂର୍ଣ୍ଣ ରୂପେ ଜଣାଇ ଦେଇଥିଲେ । ତେଣୁ ସଂସାରବାସୀଙ୍କର ଅନୁମାନ ଯାହାବି ହୋଇଥାଉ ପଛକେ ଉକ୍ତ ବୈପ୍ଳବିକ ପରିବର୍ତ୍ତନର ଫଳାଫଳ କଣ ହେବ ବା କଣ ଘଟିବ, ଏ ସମ୍ପର୍କରେ ଜମାଅତ୍ ଅହମଦୀୟାକୁ ପୂର୍ବେ ମଧ୍ୟ ବିଶ୍ୱାସ ଥିଲା । ଏହି ଅବସ୍ଥା ପ୍ରକାଶ ପାଇବା ପରେ ଏହି ବିଶ୍ୱାସ ଅଧିକ ବୃଦ୍ଧି ପାଇଛି ଯେ ଯାହା ବି ଘଟିବ ବା ପ୍ରକାଶ ପାଇବ, ତାହା ଜମାଅତ୍ ଅହମଦିୟା ପକ୍ଷରେ ଉତ୍ତମ ହେବ ଓ ଜମାଅତ ଅହମଦିୟାର ବିଶ୍ୱବ୍ୟାପୀ ଉନ୍ନତିର ଏକ ମାଧ୍ୟମ ରୂପେ ପ୍ରମାଣିତ ହେବ ।

ହଜରତ ମସିହ୍ ମଉଦ[ଅସ] ଅଲ୍ଲାଃତାଲାଙ୍କ ଠାରୁ ଖବର ପାଇଁ ଜାରେ ରୁଷ ଅର୍ଥାତ ରୁଷର ଜାର ଶାସନର ପତନ ଓ ସେହି ସମ୍ରାଟଙ୍କର ଦୟନୀୟ ଅବସ୍ଥାର ଚିତ୍ରଣ କରି ନିଜର ଏକ ପଦ୍ୟରେ ଉଲ୍ଲେଖ କରିଛନ୍ତି । ସେହି ପଦ୍ୟରେ ଏପରି ଏକ ବିଶ୍ୱବ୍ୟାପୀ ଭୂମିକମ୍ପର ସୂଚନା ରହିଛି, ଯାହାକୁ ପ୍ରଭୁ ତାଙ୍କୁ ଭୂମିକମ୍ପ ଆକାରରେ

ଅବଗତ କରାଇଥିଲେ । କିନ୍ତୁ ହଜରତ ମସିହ ମଉଦ୍[ଅସ] ଅତି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି । ଏହା ଜରୁରୀ ନୁହେଁ ଯେ ପ୍ରକାଶ୍ୟ ଭାବେ ଭୁମିକମ୍ପ ହେବ । ବରଂ ବିଶ୍ୱରେ ଏପରି ଭୟଙ୍କର ବିପଦ ଓ ସଂକଟଜନକ ବିନାଶ ଘଟିବ, ଯଦ୍ୱାରା ସମଗ୍ର ବିଶ୍ୱ ଦୋହଲିଯିବ । ସମସ୍ତେ ଥରହର କମ୍ପମାନ ହେବେ ଓ ଆତଙ୍କିତ ଅବସ୍ଥାରେ ଥିବେ । ତେଣୁ ମୁଁ ଜାଣିନାହିଁ ଯେ ତାହା କି ପ୍ରକାରର ବିପଦର ସୂଚନା ଦେଉଛି କିମ୍ବା କେଉଁ ଧରଣର ସଂକ୍ରାମକ ରୋଗ ହେବ (ପ୍ଲେଗ୍ ଇତ୍ୟାଦି ରୋଗର ଜୀବାଣୁ ଯାହା ବାୟୁ ଦ୍ୱାରା ବ୍ୟାପି ଥାଏ) କିନ୍ତୁ ଏକ ଭୟଙ୍କର ଓ ଅତି ଯନ୍ତ୍ରଣା ଦାୟକ ଚିହ୍ନ ପ୍ରକାଶିତ ହେବ, ଯାହା ଘଟିବା ସଂକ୍ରାନ୍ତରେ ସମସ୍ତ ଜଗତବାସୀ ସାକ୍ଷ୍ୟ ଦେବେ ।

**ୟକ୍ ବୟକ୍ ଇକ୍ ଯଲ୍ୟଲା ସେ ସଖତ୍ ଜୁମ୍ବିସ୍ ଖାଏଁ ଙ୍ଗେ**
**କ୍ୟା ବଶର୍ ଔର୍ କ୍ୟା ଶଜର୍ କ୍ୟା ହଜର୍ ଔର କ୍ୟା ବାହାର ।**

ଏବେ ଦେଖନ୍ତୁ, ଭୁମିକମ୍ପ ହେଲେ ଏପରି ଅବସ୍ଥା ହୁଏ ନାହିଁ ଯେ ମନୁଷ୍ୟ, ଗଛପତ୍ର, ପାହାଡ଼ ପର୍ବତ ତଥା ଘରଦ୍ୱାର ଓ ନଦୀ ସମୁଦ୍ର ଆଦି ପ୍ରଭାବିତ ହୋଇ ଯାଆନ୍ତି ।

**ଇକ୍ ଝପକ୍ ମେଁ ୟେ ଯମିଁ ହୋ ଯାଏଗି ଯେର୍ ଓ ଯବର୍**
**ନାଲିୟାଁ ଖୁଁ କି ଚଲେଙ୍ଗି ଜୈସେ ଆବେ ରୁଦ୍ ବାର ।**

ଆଖି ପିଛୁଳାକେ ଏହି ଭୂମି ଓଲଟ ପାଲଟ ହୋଇଯିବ ଏବଂ ଝଡ଼ ବର୍ଷା ବେଳେ ଯେପରି ନାଳ ନର୍ଦ୍ଦମାରେ ପାଣି ପ୍ରବାହିତ ହୋଇଥାଏ, ସେହିପରି ରକ୍ତର ନଦୀ ବହି ଚାଲିବ ।

**ରାତ୍ ଯୋ ରଖ୍‌ତେ ଥେ ପୋଷାକେଁ ବରଙ୍ଗେ ୟାସ୍‌ମିନ୍**
**ସୁବ୍‌ହା କର୍‌ଦେଗି ଉହ୍ନେ ମିସ୍‌ଲେ ଦରଖ୍‌ତାନେ ଚିନ୍‌ାର ।**

ରାତିରେ ଯେଉଁମାନେ ଚମେଲି ଫୁଲ ପରି ଉଜ୍ଜଳ ପୋଷାକ ପରିଧାନ କରିଥିଲେ, ସକାଳ ପାହିବା ବେଳକୁ ସେମାନେ ଚିନାର ବୃକ୍ଷ ସଦୃଶ ହୋଇ ଯିବେ ।

ଅର୍ଥାତ୍ ରାତି ପର୍ଯ୍ୟନ୍ତ ଯେଉଁମାନେ ସୁଖ ସମୃଦ୍ଧି ସହିତ ବାସ କରୁଥିଲେ, ସେମାନଙ୍କ ଅବସ୍ଥା ସକାଳେ ଲାଜକୁଳି ଲତା ପରି ଝାଉଁଳି ଯିବ । କାରଣ ଚିନାର ଗଛ ରାତରେ ଅତି ଚହଟ ଚିକଣ ହୋଇଥାଏ । କିନ୍ତୁ ସକାଳ ପାହିଲା ମାତ୍ରେ ତା'ର ଫୁଲ ପତ୍ର ସବୁ ଝାଉଁଳି ଯାଇ ଏକ ଶୁଖିଲା ଗଛ ସଦୃଶ ଛିଡ଼ା ହୋଇଥାଏ ।

**ଭୁଲେଙ୍ଗେ ନଗ୍‌ମୋଁ କୋ ଅପ୍‌ନେ ସବ୍ କବୁତର୍ ଔର୍ ହଜାର**
**ହୋଶ୍ ଉଡ୍ ଯାଏଁଗେ ଇନ୍‌ସା କେ ପରିନ୍ଦୋକେ ହୱାସ୍ ।**

କପୋତ ଓ ଗୋବରା ଚଢ଼େଇ ଅର୍ଥାତ ସେହି ପକ୍ଷୀ ଯେଉଁମାନେ ମଧୁର ସଙ୍ଗୀତ ଗାଆନ୍ତି, ନିଜର ସ୍ୱର ଭୁଲି ଯିବେ ଓ ସେ ପକ୍ଷୀମାନଙ୍କ ପରି ମନୁଷ୍ୟ ତା'ର ଚେତନା ହରାଇ ବସିବ ଅଥବା ଏପରି ଅବସ୍ଥା ଦେଖାଦେବ ଯେ ମନୁଷ୍ୟ ତା'ର ଚେତନା ହରାଇ ବସିବ । ମନୁଷ୍ୟ ତ ମନୁଷ୍ୟ, ପକ୍ଷୀମାନେ ମଧ୍ୟ ତାଙ୍କ ସ୍ୱରର ରାଗୀଣି ଭୁଲିଯିବେ ।

**ମୁୟ୍‌ମହଲ୍ ହୋ ଯାଏଁଗେ ଉସ୍ ଖୌଫ୍ ସେ ସବ୍ ଜୀନ୍ ୱ ଇନ୍‌ସ୍**
**ଯାର୍ ଭି ହୋଗା ତୋ ଉସ୍ ଘଡ଼ି ହୋଗା ବହାଲେ ଯାର୍ ।**

ଏହି ଆତଙ୍କରେ ସମସ୍ତ ଜୀନ୍ ଓ ଇନ୍‌ସ୍ (ମାନବ ଓ ଦାନବ) ଦୁର୍ବଳ ଓ ଅକ୍ଷମ ହୋଇ ଯିବେ, ଜାର୍ ଯିଏକି ବଡ଼ ପରାକ୍ରମୀ ସମ୍ରାଟ ଥିଲା, ସେ ମଧ୍ୟ ସେ ଦିନ ଅତି ଦୟନୀୟ ଅବସ୍ଥାରେ ରହିଥିବ ।

**ଏକ୍ ନମୁନା କହର୍‌କା ହୋଗା ୱହ୍ ରବ୍‌ବାନି ନିଶାନ୍**
**ଆସମାଁ ହମଲେ କରେଗା ଖିଞ୍ଚକର ଅପନି କଟାର ।**

ଏହି ଭୟଙ୍କର ଓ ବିନାଶକାରୀ ଲୀଳା ଅଲ୍ଲାଃତାଲାଙ୍କର ଏକ ନମୁନାର ଚିହ୍ନ ସ୍ୱରୁପ ହେବ, ସତେ ଯେପରି ଆକାଶ ଖଣ୍ଡାଧରି ଆକ୍ରମଣ କରୁଥିବ ।

(ରୁହାନି ଖଯାଏନ୍, ବରାହିନ ଅହମଦିୟା, ଭାଗ ପଞ୍ଚମ, ଖଣ୍ଡ ୨୧ ପୃ: ୧୫୧-୧୫୨)

ଏବେ ଏହି ଯେଉଁ ପଦ ରହିଛି, 'ଯାର୍ ଭି ହୋଗା ତୋ ଉସ୍ ଘଡ଼ି ହୋଗା ବହାଲେ ଯାର୍' ଏହା ଚିନ୍ତା କରିବା ଯୋଗ୍ୟ ବିଷୟ । କାରଣ ହଜରତ ମସିହ ମଉଦ୍[ଅସ] ଯେତେବେଳେ ଏହି ପଦ୍ୟ କହିଥିଲେ, ସେତେବେଳେ 'ଯାର୍' (ରୁଷ ସମ୍ରାଟ) ର ସାମ୍ରାଜ୍ୟ ଆମେରିକାର ସାମ୍ରାଜ୍ୟ ପରେ ଦ୍ୱିତୀୟ ସ୍ଥାନରେ ଥିଲା କିମ୍ବା ତା'ର ସମତୁଲ୍ୟ ଥିଲା । ଏମାନଙ୍କୁ ବିଶ୍ୱର ସର୍ବାପେକ୍ଷା ପ୍ରତିଷ୍ଠିତ ଓ ବିଶିଷ୍ଟ ସାମ୍ରାଜ୍ୟ ରୂପେ ଗଣନା କରାଯାଉଥିଲା । ଜାର ସମ୍ରାଟର ଭୟରେ ୟୁରୋପର ଛୋଟ ଛୋଟ ରାଜାମାନେ ଥରହର ହୋଇ କମ୍ପୁଥିଲେ । ଜାରର ଆତଙ୍କ ଦ୍ୱାରା ବିଶ୍ୱର ପ୍ରତ୍ୟେକ ଜାତି ମଧ୍ୟରେ ଏକ ହୃତ୍ କମ୍ପନ ସୃଷ୍ଟି ହୋଇ ଯାଇଥାଏ ।

ଏଥିରେ କ'ଣ କଥା ଲୁଚି ରହିଥିଲା ଯେ ସେ ସମୟରେ ହଜରତ ମସିହ୍ ମଉଦ୍[ଅସ] କହିଛନ୍ତି, ରୁଷ୍‌ର ସାମ୍ରାଜ୍ୟ ଛିନ୍ନ ଭିନ୍ନ ହୋଇଯିବ ବା ଛତ୍ରଭଙ୍ଗ ଦେଇ ଧରାଶାୟୀ ହୋଇଯିବ । ଅର୍ଥାତ୍ ମୁଁ ଯେଉଁ ଦିନର ଖବର ଦେଉଛି ତାହା ନିଶ୍ଚିତ ରୂପେ ଘଟିବ । ସାମାଚ୍ଚାର ପତ୍ରମାନଙ୍କରେ ଏହି ବିଷୟକୁ Headline ରେ ମୁଖ୍ୟ

ବିଷୟରେ ଶୀର୍ଷକ ରୂପେ ଉଲ୍ଲେଖ କରାଯାଇଥିଲା । ଉର୍ଦ୍ଦୁରେ ତ ଏହାହିଁ ଲେଖାଥିଲା ଯେ 'ଯାର୍ କି ହାଲତ୍ ଯାର୍ ।' ଇଂରାଜୀ ତଥା ଅନ୍ୟାନ୍ୟ ଭାଷାର ସମାଚାର ପତ୍ରରେ ମଧ୍ୟ ଏହାହିଁ ଶୀର୍ଷକ ଉଲ୍ଲେଖ କରାଯାଇଥିଲା । ଏହା ନିଶ୍ଚିତ ଭାବେ ଅଲ୍ଲାଃତାଲାଙ୍କର ବାଣୀ ଥିଲା ଯାହା ଏକ ଚିହ୍ନ ସ୍ୱରୂପ ପୂରଣ ହେଲା । କିନ୍ତୁ ଏହି ଐଶିବାଣୀ ଦ୍ୱାରା କେବଳ ଯେ ବିପରୀତ ଅବସ୍ଥାର ସୂଚନା ଦିଆଯାଇଛି ତାହା ନୁହେଁ, ବରଂ ଏହା ପରେ ଯେଉଁ ଦୈବି ବାଣୀ ରହିଛି, ସେଥିରେ ରୁଷିଆର ରାଜନୈତିକ ବିପ୍ଲବ ପରେ ସେଠାରେ ଅହମଦିୟତ୍‌ର ପ୍ରତିଷ୍ଠା  ତଥା ପ୍ରସାରିତ ହେବାର ମଧ୍ୟ ସୂଚନା ଦିଆଯାଇଛି ।

ସେ ପୁଣି କହିଛନ୍ତି, ସେହି ରାତିରେ ସ୍ୱପ୍ନରେ ମୁଁ ଦେଖୁଛି, ଯେପରି କି ରୁଷର 'ସୋଟା' (ବାଡ଼ି) ମୋ ହାତରେ ରହିଛି । ଏଥିରେ ଗୁପ୍ତ ଭାବରେ ବନ୍ଧୁକର ନଳି ମଧ୍ୟ ରହିଛି । ଏଥିରେ ଉଭୟ କାର୍ଯ୍ୟ ସମ୍ପାଦିତ ହୋଇଥାଏ । ପୁଣି ଦେଖିଲି, ସେହି ସମ୍ରାଟ, ଯାହାଙ୍କ ପାଖରେ 'ବୁଅଲିସିନା' (ବୁଅଲିସିନା ମଧ୍ୟ ରୁଷ ଅଞ୍ଚଳର ଜଣେ ପ୍ରତିପତ୍ତି ସଂପନ୍ନ ବ୍ୟକ୍ତି ଥିଲେ)ର ଧନୁ ମୋ ପାଖରେ ରହିଛି । ପୁଣି ମୁଁ ସେହି ଧନୁ ଦ୍ୱାରା ଗୋଟିଏ ବାଘକୁ ତୀର ବିଦ୍ଧ କଲି । ସମ୍ଭବତଃ ବୁଅଲିସିନା ମୋ ପାଖରେ ଛିଡ଼ା ହୋଇଛି ଓ ସେହି ସମ୍ରାଟ ମଧ୍ୟ ।

(ଦିବ୍ୟବାଣୀ ନକଲ୍, ପୃ:୪, ତଜକରା ପୃ ୪୫୮ - ୪୫୯, ୧୯୬୯ ପ୍ରକାଶନ ରବୁଆ)

ବୁଅଲିସିନାର ମାନମର୍ଯ୍ୟାଦା ଆଜି ମଧ୍ୟ ରୁଷ୍‌ର ପୂର୍ବାଞ୍ଚଳରେ ବାସ କରୁଥିବା ମୁସଲ୍‌ମାନମାନଙ୍କ ମଧ୍ୟରେ ଯେଉଁ ପ୍ରକାର ରହିଛି, ଏପରି ସମ୍ମାନ ବିଶ୍ୱରେ ସମ୍ଭବତଃ ଆଉ କୌଣସି ଜ୍ଞାନୀ ବ୍ୟକ୍ତିଙ୍କର ଥାଇ ନପାରେ ।

ରୁଷିଆରୁ ଯେଉଁ ଲୋକମାନେ ଲଣ୍ଡନ ଜଲ୍‌ସାରେ ସମ୍ମିଳିତ ହୋଇଥିଲେ, ସେମାନେ ମୋତେ କହିଲେ ଓ ପ୍ରଥମ ଥର ମୁଁ ସେମାନଙ୍କ ଠାରୁ ଜାଣିବାକୁ ପାଇଲି ଯେ ବୁଖାରା ଓ ତାସକନ୍ଦ ଇତ୍ୟାଦି ଅଞ୍ଚଳରେ ବୁଅଲିସିନାର ପୁସ୍ତକ ଅଲ୍ କାନୁନ୍ ଏତେ ଲୋକପ୍ରିୟତା ଅର୍ଜନ କରିଛି ଯେ ଏହା କେବେ ହେଲେ ବଜାରରେ ଉପଲବ୍‌ଧ ହୁଏ ନାହିଁ । ଯେତେବେଳେ ମୁଦ୍ରଣ୍ ହୋଇ ବଜାରକୁ ଆସେ, ତାହ ସଙ୍ଗେ ସଙ୍ଗେ ବିକ୍ରି ହୋଇଯାଏ । ଏହା ସେହି ଅଞ୍ଚଳ, ଯେଉଁଠାରେ ବିଶେଷ ଭାବରେ ଏହି ନୂତନ ପରିବର୍ତ୍ତନ ଦ୍ୱାରା ଲୋକମାନେ ଅହମଦିୟତ୍ ପ୍ରତି ଆକର୍ଷିତ ହେଉଛନ୍ତି ।

ପୁଣି ହଜରତ୍ ମସିହ୍ ମଉଦ୍[ଅସ] ଉଲ୍ଲେଖ କରିଛନ୍ତି 'ମୁଁ ମୋର ଜମାଅତକୁ ରୁଷିଆ ଅଞ୍ଚଳରେ ବାଲୁକା ସଦୃଶ ଦେଖୁଛି ।'

(ରେଜିଷ୍ଟର ରେୱାଆତ୍ ସାହାବା, ଖଣ୍ଡ ୧୨, ପୃ:୧୪, ତଜ୍‌କରା ପୃ: ୮୧୩, ୧୯୬୨ )

ଅର୍ଥାତ୍ 'ମୁଁ ରୁଷିଆରେ ମୋର ଜମାଅତ୍‌କୁ ପ୍ରଚୁର ପରିମାଣରେ ପ୍ରସାରିତ ହେଉଥିବାର ଦେଖୁଅଛି ।'

ଏହା ତ୍ ହଜରତ ମସିହ ମଉଦ[ଅସ] ଙ୍କର ଭବିଷ୍ୟତ ବାଣୀ ଥିଲା । ଯାହାର ସମ୍ପର୍କ ରୁଷ ବିପ୍ଳବ ସହିତ ରହିଛି ଓ ପରେ ପ୍ରକାଶିତ ହେବାକୁ ଥିବା ଘଟଣା ସମ୍ପର୍କରେ ଅଛି । ଏବେ ହଜରତ ମୁସଲେହ ମଉଦ[ରଅ] (ଦ୍ୱିତୀୟ ଖଲିଫା) ଙ୍କର ଏକ ସ୍ୱପ୍ନ ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରୁଛି, ଯାହା 'ଅଲ୍ ଫଜଲ୍' ୩୦ମଇ ୧୯୪୭, ଖଣ୍ଡ ୩୫/ ୧୩୮ ରେ ପ୍ରକାଶିତ ହୋଇ ଥିଲା ।

ପ୍ରଥମେ ହଜରତ ମସିହ ମଉଦ[ଅସ]ଙ୍କର ଭବିଷ୍ୟତ ବାଣୀ ଦ୍ୱାରା ରୁଷ୍‌ର ସେହି ପରିବର୍ତ୍ତନର ଉଲ୍ଲେଖ କରାଯାଇଛି, ଯେଉଁଥିରେ ଜାରିୟାତ୍ ଅର୍ଥାତ୍ ରୁଷ ସାମ୍ରାଜ୍ୟର ବିନାଶ ଓ ତା' ପରେ ଏକ ଅନ୍ୟ ଶକ୍ତି ତା' ଉପରେ ଅଧିକାର ବିସ୍ତାର କରିବାର ସୂଚନା ରହିଛି ।

ହଜରତ ମୁସ୍‌ଲେହ୍ ମଉଦ୍[ରଅ] ଙ୍କୁ ଅଲ୍ଲାଃତାଲା ଏହି ସୂଚନା ଦେଇଛନ୍ତି ଯେ ଏହି ଦ୍ୱିତୀୟ ଶକ୍ତି ମଧ୍ୟ ଏବେ ନଷ୍ଟ ହେବାକୁ ଯାଉଛି । ଏହା ପରେ ବିଶ୍ୱରେ ଏକ ନୂତନ ଅବସ୍ଥାର ଆବିର୍ଭାବ ହେବ । ସୁତରାଂ ହଜରତ ମୁସ୍‌ଲେହ ମଉଦ୍[ରଅ] ଏହିପରି ଉଲ୍ଲେଖ କରିଛନ୍ତି ।

ପରବର୍ତ୍ତୀ ଦିନ କିମ୍ବା ତା' ପର ଦିନ ରାତିରେ ଯେତେବେଳେ ମୋ ଆଖି ଖୋଲିଲା, ସେତେବେଳେ ଅତି ପ୍ରବଳ ଭାବେ ମୋ ହୃଦୟରେ ଏହି ବିଷୟ ଗଭୀର ରେଖାପାତ କଲା (ଏହା ସାଧାରଣ ସ୍ୱପ୍ନ ନଥିଲା, ବରଂ ପ୍ରକଟିତ ହେଉଥିବା ଏକ ଅଲୌକିକ ଦୃଶ୍ୟ ଥିଲା କିମ୍ବା ଐଶିବାଣୀର ଅବସ୍ଥା ଥିଲା) ଯେ ବ୍ରିଟେନ ଓ ରୁଷିଆ ମଧ୍ୟରେ ଏକ MODIFIED TREATY ଆଧୁନିକ ଚୁକ୍ତିନାମାର ଆଦାନ ପ୍ରଦାନ ହୋଇଛି । ଏଥି ସକାଶେ ପୂର୍ବରୁ ମଧ୍ୟ ଇସଲାମୀୟ ଦେଶମାନଙ୍କରେ ବଡ଼ ଅସ୍ଥିରତା ସୃଷ୍ଟି ହୋଇଛି ଓ ନୈରାଶ୍ୟ ଖେଳି ଯାଇଥିବା ଯୋଗୁଁ ତାହା ଦୁଶ୍ଚିନ୍ତାର କାରଣ ହୋଇଛି ।

ସେ ପୁଣି କହିଥିଲେ, 'ଏହାର ଅର୍ଥ ହେଉଛି ପରିମାର୍ଜିତ ହୋଇଥିବା ଓ୍ୱସ୍ତିର ଅର୍ଥ ମଧ୍ୟମ ଧରଣର ବା ସୀମିତ । ଏଥିରୁ ମୁଁ ଭାବୁଛି ଯେ ଏହି ଶବ୍ଦଗୁଡ଼ିକ ସେ ବିଷୟ ପ୍ରତି ସଙ୍କେତ କରୁଛି ଯେ ସମ୍ଭବତଃ ବାହାର ଚାପ ଓ କେତେକ ବିପଦର ଆଶଂକା ହେତୁ ବ୍ରିଟେନ ଗୁପ୍ତ ଭାବରେ ରୁଷିଆ ସହିତ ଏପରି ସନ୍ଧି କରିନେବ, ଯାହା ସକାଶେ ରୁଷିଆର ଚାପ ମଧ୍ୟ ପୂର୍ବ ଅଞ୍ଚଳ ପ୍ରତି ବଢ଼ି ଯିବ । ସେ ସମୟରେ ମୋ ମନ ମସ୍ତିଷ୍କରେ ଇରାକ, ପାଲେଷ୍ଟାଇନ୍ ତଥା ଶାମ (ସିରିୟା)

ଦେଶମାନଙ୍କର ଛବି ଆସିଲା । ଅର୍ଥାତ୍ ରୁଷ ଓ ଇଂରେଜମାନଙ୍କ ମଧ୍ୟରେ ସନ୍ଧି ଚୁକ୍ତି ହୋଇଯିବା ଫଳରେ ସେମାନଙ୍କ ମଧ୍ୟରେ ଦୁଶ୍ଚିନ୍ତା ଓ ଅସ୍ଥିରତା ଉତ୍ପନ୍ନ ହୋଇଯିବ । ଯେହେତୁ ଇଂରେଜ ଯିଏ କି ଅତି କଠୋରତା ପୂର୍ବକ ରୁଷର ବିରୋଧ କରୁଥିଲା, କେଉଁ କାରଣରୁ ସେ ଏହି ସନ୍ଧି କରିଛି ଓ କେଉଁ ଆଧାର ଉପରେ ଏହି ମିତ୍ରତା ପର୍ଯ୍ୟବସିତ ହୋଇଛି ।

ଯେତେ ଦୂର ସ୍ଥାୟୀ ତଥା ଅନ୍ତିମ ଲକ୍ଷ୍ୟର ପ୍ରଶ୍ନ ରହିଛି, କୁର୍‌ଆନ୍ ଓ ହଦିସ୍‌ରୁ ଜଣାପଡୁଛି ଯେ ଏହି ଗୋଷ୍ଠୀମାନଙ୍କ ମଧ୍ୟରେ ଯୁଦ୍ଧ ତ ନିଶ୍ଚୟ ହେବ । କିନ୍ତୁ କେତେକ ସମୟରେ ରାଜନୈତିକ ଉଦ୍ଦେଶ୍ୟରେ କବଳିତ ହୋଇ ଶତ୍ରୁର ଚାପକୁ ହ୍ରାସ କରିବା ପାଇଁ କିମ୍ବା ତା'ର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଶାସକମାନେ ସାମୟିକ ଭାବେ ସନ୍ଧି କରିନିଅନ୍ତି । ଯଦ୍ୱାରା କୌଣସି ବିପଦର ଆଶଂକା ନ ରହିବ । ଜଣାପଡୁଛି ଯେ ଇଂରେଜମାନେ ରୁଷିଆକୁ ଧ୍ୟାନରେ ରଖି (ରୁଷର ଶକ୍ତି ଓ ପରାକ୍ରମକୁ ଧ୍ୟାନରେ ରଖି) ନିଜର ସୁରକ୍ଷାକୁ ମଜ୍‌ବୁତ୍ କରିବା ଉଦ୍ଦେଶ୍ୟରେ ବାଧ୍ୟ ହୋଇ କୌଣସି ସନ୍ଧିର ଚୁକ୍ତିନାମା କରିନେବେ ।

ରାଜନୈତିକ ଚାପ ଦ୍ୱାରା ଅନେକ ସମୟରେ ବଡ଼ ବଡ଼ ପରିଣାମ ବାହାରି ଯାଏ ଓ ଶାସକମାନେ ସେହି ଚାପର ବଶବର୍ତ୍ତୀ ହୋଇ ଏପରି ପଦକ୍ଷେପ ନେବାକୁ ବାଧ୍ୟ ହୋଇ ଯାଆନ୍ତି, ଯେପରି ଜଣାପଡୁଛି ଯେ ବ୍ରିଟେନ ଓ ଆମେରିକା ଯେଉଁମାନେ ଋଷର ଲାଭଜନକ ପଥରେ ପ୍ରତିରୋଧକ ହୋଇ ରହିଥିଲେ, ଏବେ କେତେକ ରାଜନୈତିକ ଅବସ୍ଥା କିମ୍ବା ରାଜନୈତିକ ଉଦ୍ଦେଶ୍ୟ ଅଧିନସ୍ଥ ହୋଇ ବିରୋଧ କରିବା ଛାଡ଼ି ଦେବେ । ଅନ୍ୟ ପକ୍ଷରେ ରୁଷ ମଧ୍ୟ କେତେକ ବିଷୟରେ ବ୍ରିଟେନ ଓ ଆମେରିକା ସହିତ ବିବାଦ କରୁଥିଲା, ଏବେ ସେମାନଙ୍କୁ ବିରୋଧ କରିବା ଛାଡ଼ି ଦେବ ।

ହଜରତ ମୁସଲେହ୍ ମଉଦ୍[ରଅ] ଙ୍କର ଏହି ଅର୍ଦ୍ଧଚେତନ ଅବସ୍ଥାରେ ପ୍ରକଟିତ ହୋଇଥିବା ଦୃଶ୍ୟ ଏପରି ସ୍ୱଚ୍ଛତା ଓ ସ୍ୱଷ୍ଟ ରୂପେ ପୂରଣ ହେଲା, ଯାହାକୁ ପାଠ କରିବା ପରେ ଆଶ୍ଚର୍ଯ୍ୟ ଲାଗୁଛି । ବିଶେଷ ଭାବେ ସେହି ତିନିଗୋଟି ଦେଶ, ଯେଉଁମାନଙ୍କ ଉପରେ ରୁଷିଆର ଶକ୍ତି ଲୋପ ହେବା ବା ଧ୍ୱଂସ ହେବା ପରେ ସବୁଠାରୁ ଅଧିକ ପ୍ରତିକୂଳ ପ୍ରଭାବ ପଡ଼ିଛି । ସେମାନେ ହେଲେ ଇରାକ, ଶାମ (ସିରିୟା) ଓ ପାଲେଷ୍ଟାଇନ୍ । ହଜରତ ମୁସଲ୍‌ହ୍ ମଉଦ୍[ରଅ]ଙ୍କୁ ଉକ୍ତ ତିନିଗୋଟି ଦେଶକୁ ଅଲୌକିକ ସ୍ୱପ୍ନ ଦ୍ୱାରା ଅର୍ଦ୍ଧ ଚେତନ ଅବସ୍ଥାରେ ଦେଖାଇ ଦିଆଯାଇଥିଲା ।

ଏଥି ସମ୍ବନ୍ଧରେ ମୁସଲ୍‌ମାନମାନଙ୍କୁ ସାଧାରଣତଃ ଗଭୀର ଚିନ୍ତାଗ୍ରସ୍ତ ଅବସ୍ଥାରେ ଦେଖାଯାଇଥିଲା ।

ଏହି ଯେଉଁ ଅବସ୍ଥା ଏପରି ଭାବେ ପ୍ରକାଶିତ ହେବାରେ ଲାଗିଛି, ଜଣାପଡୁଛି ଯେ ଅଲ୍ଲାଃତାଲାଙ୍କର କ୍ଷମତା କର୍ତ୍ତୃତ୍ୱାଧୀନ ହୋଇ ରହିଥିବା ବିଶ୍ୱରେ କେତେକ ପରିବର୍ତ୍ତନ ଘଟିବାର ରହିଛି । ପାଶ୍ଚାତ୍ୟ ଦେଶର ଜାତିମାନେ ଏହା ଭାବନ୍ତି ଯେ ସେମାନଙ୍କ ଇଚ୍ଛା ଓ ଆକାଂକ୍ଷା ଅନୁଯାୟୀ ଦୁନିଆର ନକ୍‌ସା ତିଆରି ହେବ । ପ୍ରାଚ୍ୟ ଦେଶର ଜାତିମାନଙ୍କ ମଧ୍ୟରୁ ଅଧିକାଂଶ ନିଜର ସରଳତା, ନିର୍ବୋଧତା ତଥା ସ୍ୱାର୍ଥାନ୍ଧତା ଯୋଗୁଁ ସେହି ନୂତନ ନକ୍‌ସାର ନିର୍ମାଣରେ ସେମାନଙ୍କ ସହାୟକ ହେଉଛନ୍ତି । ଯେଉଁ ନକ୍‌ସାକୁ ସେମାନେ ବାସ୍ତବରେ ସମଗ୍ର ବିଶ୍ୱର ଦୁର୍ବଳବର୍ଗମାନଙ୍କୁ ସଦା ସର୍ବଦା ପାଇଁ ଇତିହାସରେ ପରିଣତ କରିଦେବାକୁ ରଖିଛନ୍ତି । ଗରିବ ଦେଶମାନେ ଦୁଇଗୋଟି ଧର୍ମରେ ବିଭକ୍ତ ହୋଇ ଜୀବନ ଅତିବାହିତ କରିବାରେ ଅଭ୍ୟସ୍ତ ହୋଇ ସାରିଛନ୍ତି । ସେମାନେ ଏହା ଭାବି ପାରନ୍ତି ନାହିଁ ଯେ ଏପରି ଭିତିରିଆ ଭାବେ ଆବଣ୍ଟନର ଫଳାଫଳ ଦ୍ୱାରା ଧନୀ ଦେଶମାନେ ସେମାନଙ୍କ ସହିତ କି ପ୍ରକାର ଅନ୍ୟାୟ କରୁଛନ୍ତି ଓ ନିଜ ଆଧିପତ୍ୟ ବିସ୍ତାର କରିବାରେ ଲାଗିଛନ୍ତି ।

କିନ୍ତୁ ଆଜିର ବିଷୟ ରାଜନୈତିକ ନୁହେଁ । ଯେଉଁ ବିଷୟ ମୁଁ କହିବାକୁ ଯାଉଛି, ପ୍ରକାଶ୍ୟ ଭାବେ ତାହା ରାଜନୈତିକ ସତ, କିନ୍ତୁ କିଛି ଏହା ସତ୍ତ୍ୱେ ମୁଁ ଏହା ସ୍ୱଷ୍ଟ ରୂପେ କହିବି ଯେ ଏହା ରାଜନୈତିକ ପ୍ରସଙ୍ଗ ନୁହେଁ । ବରଂ ସ୍ୱଷ୍ଟ ରୂପେ କେବଳ ଧାର୍ମିକ ଓ ମାନବିକତା ସହିତ ଜଡ଼ିତ ରହିଛି ।

ଯେଉଁ ଅବସ୍ଥାଗୁଡ଼ିକ ମୁଁ ଆପଣଙ୍କ ସମ୍ମୁଖରେ ଦୃଶ୍ୟାଙ୍କନ କରିଛି, ଏହାର ପରିଣାମ ସ୍ୱରୂପ ଗରିବ ଦେଶର ଦରିଦ୍ର ନାଗରିକ ଅତ୍ୟଧିକ କଷ୍ଟ ଓ ଦୁଃଖରେ ଶୀକାର ହେଉଛନ୍ତି ଅଥବା ଅତ୍ୟଧିକ ନିର୍ଯାତନା ଭୋଗ କରୁଛନ୍ତି । କେହି ହେଲେ ସେମାନଙ୍କର ଦେଖାଶୁଣା କରୁଥିବା ସଦୟ ବ୍ୟକ୍ତି ଓ ସାହାଯ୍ୟକାରୀ ନାହାନ୍ତି । ଉଚ୍ଚ ଶ୍ରେଣୀର ଲୋକମାନେ ରାଜନୈତିକ ଅଭିରୁଚିରେ ମଗ୍ନ ହୋଇ ନିଜର ସମସ୍ତ ପ୍ରକାରର ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ ଜଣେ ଅନ୍ୟ ଦେଶ ପ୍ରତି ବିରୋଧ କରିବା ଦିଗରେ ଉତ୍କୃଷ୍ଟ ଉପାୟମାନ ପାଞ୍ଚିବାରେ ଲାଗିଛନ୍ତି । କାହାରିକୁ ଏହାର ଚିନ୍ତା ନାହିଁ, କାହାଠାରେ ଏପରି ଚେତନା ମଧ୍ୟ ନାହିଁ ଯେ ସେମାନଙ୍କର ଦୁଇ ଓଳି ପେଟ ପୁରୁଛି କି ନାହିଁ କିମ୍ବା ସେମାନେ ଦୁଇ ମୁଠା ଖାଦ୍ୟ ପାଉଛନ୍ତି କି ନାହିଁ କିମ୍ବା ସେମାନଙ୍କୁ ଗୋଟିଏ ଓଳିର ଆହାର ମର୍ଯ୍ୟାଦା ସହକାରେ ଉପଲବ୍‌ଧ ହେଉଛି କି ନାହିଁ ।

ଗୋଟିଏ ପାର୍ଶ୍ୱରେ ଗରିବ ଜନତା ଅଛନ୍ତି, ଯେଉଁମାନେ ଦିନକୁ ଦିନ ଜରାଜୀର୍ଣ୍ଣ ଅବସ୍ଥାକୁ ଆସି ଦୁର୍ବଳ ହେବାରେ ଲାଗିଛନ୍ତି । ସେମାନଙ୍କ ଚେହେରାକୁ ଦେଖିଲେ ଜଣାପଡ଼େ ଯେ ସେମାନଙ୍କ ଶରୀରରୁ ରକ୍ତ ଶୁଷ୍କ ହେବାରେ ଲାଗିଛି । ଅନ୍ୟ ପକ୍ଷେ ଏପରି ପଦ୍ଧତି ଜାରି ରହିଛି, ଯଦ୍ୱାରା ଗରିବମାନଙ୍କର ରକ୍ତ ସେମାନଙ୍କ ଆଡ଼କୁ ହସ୍ତାନ୍ତରିତ କରି ଦିଆଯାଉଛି, ଯେଉଁମାନେ ଆଗରୁ ହିଁ ଅଧିକ ରକ୍ତ ଠୁଳ କରି ରଖିଛନ୍ତି । ତେଣୁ ଯଦି ଗରିବ ବର୍ଗର ଲୋକ ନିଜ ସମୃଦ୍ଧିର ସୁରକ୍ଷା ନ କରିବେ ଓ ଗରିବ ଜନତାଙ୍କ ରକ୍ତ ଏହିପରି ଧନଶାଳୀ ଓ କ୍ଷମତାଶାଳୀ ଗୋଷ୍ଠୀମାନଙ୍କୁ ହସ୍ତାନ୍ତର ହେବାର କ୍ରମ ଜାରି ରହିବ, ତେବେ ଏପରି ଏକ ସମୟ ଆସିବ ଯେଉଁଥିରୁ ଉଦ୍ଧାର ପାଇବା ଅସମ୍ଭବ ହୋଇ ପଡ଼ିବ । ଦୁନିଆ ଏହାଠାରୁ ଅଧିକ ବିପଦଗ୍ରସ୍ତ ଓ ବିନାଶ ହୋଇଯିବ । ଯେଉଁ ବିନାଶରୁ ଆମେ ରୁଷର ବିଧ୍ୱଂସ ହେବା ଦ୍ୱାରା ଘଟିଥିବା ଦୁର୍ଦ୍ଦଶାରୁ ମୁକ୍ତି ଲାଭ କରିଅଛେ । ଏହା ତ ଏକ ପ୍ରକାଶ୍ୟ ମୁକ୍ତି ଯେଉଁଥିରେ କୌଣସି ବାସ୍ତବିକତା ନାହିଁ । ପ୍ରକୃତ କଥା ହେଉଛି ଯେ ଏ ସମସ୍ତ ଦୁର୍ଭାଗ୍ୟ ଓ ଦୁର୍ଦ୍ଦଶାର ମୁଖ୍ୟ କାରଣ ଈଶ୍ୱରଙ୍କ ଠାରୁ ଦୂରେଇ ରହିବାର ପରିଣାମ ମନେ ହେଉଛି । ଏହି ଦୃଷ୍ଟିରୁ ମୁଁ ଆପଣଙ୍କୁ ବୁଝାଇବାକୁ ଚାହୁଁଛି ଯେ ଏହା ସ୍ୱଷ୍ଟ ଭାବେ ଏକ ଧାର୍ମିକ ଦୃଷ୍ଟି କୋଣ ସହିତ ବିଶ୍ୱର ଅବସ୍ଥା ପ୍ରତି ଚିନ୍ତା ବ୍ୟକ୍ତ କରିବାର କାରଣ ।

ମୁଁ ଯେବେ ଠାରୁ ଭାରତକୁ ଆସିଛି, ମୋର ଚଳ ପ୍ରଚଳ ଭିତରେ ଯାହା ଦେଖିଛି ମୋତେ ତ ଦରିଦ୍ରମାନଙ୍କ ଦୁଃଖର କୌଣସି ଧର୍ମ ଦେଖାଗଲା ନାହିଁ । ଶିଖ ବିପଦଗ୍ରସ୍ତ ଥାଉ ବା ମୁସଲ୍‌ମାନ ଅଭାବଗ୍ରସ୍ତ ହୋଇଥାଉ କିମ୍ବା ହିନ୍ଦୁ ବିପତ୍ତିରେ ପଡ଼ିଥାଉ ପ୍ରତ୍ୟେକ ଦୁଃଖ ଏକା ପ୍ରକାରର ଓ ଗୋଟିଏ ଧର୍ମର । ପାକିସ୍ତାନରେ ମଧ୍ୟ ଯେତେବେଳେ ମୁଁ ସେଠାରେ ଥିଲି, ଚଳପ୍ରଚଳ କରୁଥିଲି, ସେଠାରେ ମଧ୍ୟ ଦେଖିଛି, ଅହମଦିମାନଙ୍କର ଦୁଃଖ ହେଉ ବା ଅଣ ଅହମଦିମାନଙ୍କର ଦୁଃଖ ହେଉ କିମ୍ବା ଖ୍ରୀଷ୍ଟିୟାନମାନଙ୍କର ଦୁଃଖ ହେଉ ଅଥବା ହିନ୍ଦୁମାନଙ୍କର ଦୁଃଖ, ସେସବୁ ଏକା ପ୍ରକାରରର ଥିଲା । ମୋତେ ମଧ୍ୟ ଗୋଟିଏ ପ୍ରକାରର କଷ୍ଟ ଅନୁଭବ ହେଲା । ସେହିପରି ଅନ୍ୟାନ୍ୟ ଦେଶମାନଙ୍କର ସମ ଅବସ୍ଥା । ଯେ ପର୍ଯ୍ୟନ୍ତ ଆମେ ଗରିବ ଓ ଦୁର୍ବଳମାନଙ୍କର ଦୁଃଖ କଷ୍ଟକୁ ଅନୁଭବ କରିବାର ଯୋଗ୍ୟତା ହାସଲ ନ କରିବା, ସେ ପର୍ଯ୍ୟନ୍ତ ଆମେ ପ୍ରଭୁଙ୍କ ସାନିଧ୍ୟ ଲାଭ କରି ପାରିବା ନାହିଁ । ଯେଉଁମାନେ ପ୍ରଭୁଙ୍କ ନିକଟତର ହେଉଛନ୍ତି, ସେମାନଙ୍କର କର୍ତ୍ତବ୍ୟ ହେଉଛି ଯେ ନିଜ ଜୀବନର ଏକ ଲକ୍ଷ୍ୟ ପ୍ରସ୍ତୁତ କରି ନିଅନ୍ତୁ ଯେ ସମସ୍ତ ମାନବଜାତିର ଆବଶ୍ୟକତା ବିଷୟରେ ଓ

ମହତ୍ତ୍ୱ ବିଷୟରେ ସେମାନଙ୍କୁ ଅବଗତ କରାନ୍ତୁ, ସର୍ବୋତ୍ତମ ଉନ୍ନତି କରିବାର ପାଳି ତ ପରେ ଆସିବ ।

ଏ ସମ୍ପର୍କରେ ପ୍ରତ୍ୟେକ ଧର୍ମ ଓ ଧର୍ମାବଲମ୍ବୀଙ୍କର କିଛି କରିବାର ଅଛି । ବିଭିନ୍ନ ଧାର୍ମିକ ନେତା ବା ଧର୍ମ ଗୁରୁମାନଙ୍କୁ ଏହି ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ ନିର୍ବାହ କରିବାକୁ ହେବ । କିନ୍ତୁ ଏହା କିପରି ହେବ । କେଉଁ ଉପାୟ ରହିଛି ଯାହା ଦ୍ୱାରା ଆମେ ତୃତୀୟ ବିଶ୍ୱର ଦେଶମାନଙ୍କ ଜନତାଙ୍କୁ ଏକାଠି କରି ପାରିବା ଏବଂ ତୃତୀୟ ବିଶ୍ୱର ରାଜନୈତିକ ନେତା ଓ ଶାସକ ଦେଖାଇ ପାରିବେ ଯେ ତୁମର ବରିଷ୍ଠତା ଭିତ୍ତିକ ବୈଶିଷ୍ଟ୍ୟ ତଥା ସମସ୍ତ ପ୍ରକାରର ଲାଭ ଏହି କଥା ସହିତ ଜଡ଼ିତ ରହିଛି ଯେ ତୁମର ଜନତା ଓ ତୁମ ବର୍ଗର ଲୋକମାନେ ଅନ୍ୟମାନଙ୍କ ସହିତ ଭ୍ରାତୃଭାବ ରଖନ୍ତୁ । ସେମାନଙ୍କ ସହିତ ପ୍ରେମ କରନ୍ତୁ, ଜଣେ ଅନ୍ୟ ପ୍ରତି ତ୍ୟାଗ ମନୋଭାବ ରଖି ଜୀବନ ଯାପନ କରନ୍ତୁ । ପ୍ରାଚ୍ୟର ସମସ୍ତ ପଡ଼ୋଶି ଦେଶମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହେଉ । ଯଦି ଏପରି ହେବନାହିଁ, ତେବେ ଯେଉଁ ନୂତନ ନକ୍ସା ଦୁନିଆର ତିଆରି ହେଉଛି, ସେଥିରେ ତୁମର ସ୍ଥାନ ପୂର୍ବାପେକ୍ଷା ଉଣା ଓ ଅତି ନିମ୍ନ ହେବ ଅର୍ଥାତ ରସାତଳଗାମୀ ହୋଇଯିବ ।

ରୁଷ ବିପ୍ଲବକୁ ଦୁନିଆ ହୁଏତ ଯେଉଁ ପରିପ୍ରେକ୍ଷୀରେ ଦେଖୁ ନା କାହିଁକି, ଏଥିରେ ଏକ ଯଥାର୍ଥତା ନିଶ୍ଚିତ ଭାବେ ପ୍ରକଟିତ ହେଉଛି ଯେ ହୁଏତ ରୁଷର ବ୍ୟବସ୍ଥା ପଦ୍ଧତି ଫମ୍ପା ହୋଇଥାଉ କିମ୍ବା ଯୁକ୍ତିଯୁକ୍ତ ଦୃଷ୍ଟିକୋଣ ଦ୍ୱାରା ଏହାକୁ ଭୁଲ ସାବ୍ୟସ୍ତ କରାଯାଉ । କିନ୍ତୁ ଏହାର ଗୋଟିଏ ଲାଭ ବିଶ୍ୱକୁ ଅବଶ୍ୟ ମିଳିଥିଲା ଯେ ଗରିବ ଗୋଷ୍ଠୀମାନଙ୍କ ପାଇଁ ଏକ ସହାୟକ ସଦୃଶ ଥିଲା । ସେହି ଶକ୍ତିଶାଳୀ ଗୋଷ୍ଠୀ ଯେଉଁମାନଙ୍କର ସ୍ୱାର୍ଥ ନିରୀହ ଓ ଗରିବମାନଙ୍କ ସହିତ ସର୍ବଦା ସଂଘର୍ଷରତ ଥାଏ, ସେମାନେ ଅଧିକାଂଶ ସମୟରେ ଗରିବମାନଙ୍କ ସହିତ ଅନ୍ୟାୟ କିମ୍ବା ତାଙ୍କ ଅଧିକାର ଛଡ଼ାଇ ନେବାର ସାହାସ କେବଳ ଏଇଥିପାଇଁ କରି ପାରୁ ନଥିଲେ ଯେ ସେମାନଙ୍କ ଉପରେ ରୁଷିଆର ପ୍ରତିପତ୍ତି ଓ ଭୟ ରହିଥିଲା । ବିଗତ ସତୁରି ବର୍ଷ ମଧ୍ୟରେ ଅନେକ ଥର ଏପରି ଘଟଣା ଘଟିଛି ଯେ ଅନେକ ଗରିବ ଦେଶ କେବଳ ଏଇଥିପାଇଁ ବଞ୍ଚି ଯାଇଥିଲେ ଯେ ରୁଷିଆର ଗରିମା ସେମାନଙ୍କ ସହାୟକ ହୋଇଥିଲା । ରୁଷିଆ ପକ୍ଷରୁ ସାହଯ୍ୟ ପାଇବାର କଳ୍ପନା କରି ଇରାକ ଭୁଲ୍ କରି ବସିଲା, ଯାହାର ପରିଣାମ ଆପଣଙ୍କ ସମ୍ମୁଖରେ ରହିଛି । ଏବେ ଦେଖନ୍ତୁ, ଏହି ନୂତନ ପରିବର୍ତ୍ତନ କିପରି ଇରାକ୍‌କୁ ଛିନ୍ନ ଭିନ୍ନ କରିଦେଲା । ଯୁକ୍ତି ଏହା ନୁହେଁ ଯେ ତାହା ଯଥାର୍ଥ ଥିଲା କି ଭୁଲ୍ ଉପରେ ପର୍ଯ୍ୟବସିତ ଥିଲା । ତାହା ଆଂଶିକ ଭାବେ ଠିକ୍

ଉପରେ ପ୍ରତିଷ୍ଠିତ ଥିଲା ଅଥବା ସମ୍ପୂର୍ଣ୍ଣ ଭାବେ ସଠିକତା ଉପରେ ଚାଲୁଥିଲା । ଯୁକ୍ତି ହେଉଛି ଏହିପରି ଭାବେ ଦୁନିଆର ଇତିହାସ ଗଠନ ହୋଇଥାଏ । ସେଥି ଯୋଗୁଁ ଏପରି ମଧ୍ୟ ଘଟିଥିଲା । ଅବଶ୍ୟ ଏଥିରେ ଏବେ ପରିବର୍ତ୍ତନ ଦେଖାଗଲାଣି ।

ୟୁରୋପରେ ଗରିବମାନଙ୍କ ପ୍ରତି ଯେଉଁ ଆନ୍ଦୋଳନ ଚାଲିଛି, ସେଥିରେ ମଧ୍ୟ ରୁଷର ଆଧିପତ୍ୟର ପ୍ରଭାବ ଥିଲା । ସେହି ଆନ୍ଦୋଳନକାରୀଙ୍କ ମଧ୍ୟରୁ ଯେଉଁମାନେ ପୁରାତନ ରୀତି ନୀତିର ଅନୁଗାମୀଙ୍କ ଦଳରେ ସଂପୃକ୍ତ ରହିଥିଲେ, ସେମାନେ ନିଜ ଜନତାଙ୍କ ଅଧିକାର କିମ୍ବା ପ୍ରାପ୍ୟକୁ ପୂର୍ବାପେକ୍ଷା ଅଧିକ ମାତ୍ରାରେ ଦେଉଥିଲେ । ସେମାନେ ଏହା ଏଇଥିପାଇଁ କରୁଥିଲେ ଯେ କାଳେ ସେମାନଙ୍କ ମଧ୍ୟରେ ରୁଷର ସାମ୍ୟବାଦ ଭାବଧାରା ପ୍ରବେଶ କରିଯିବ । ତେଣୁ ରୁଷ ବିପ୍ଲବର ଯେଉଁ ପ୍ରଭାବ ରହିଛି, ଏହା ଅତି ସୁନ୍ଦର ପ୍ରସାରୀ ଓ ପ୍ରଗାଢ଼ ଥିଲା । ଏହାର ତିକ୍ତ ପ୍ରଭାବ ଆପଣମାନଙ୍କୁ ହଠାତ୍ ଅନୁଭବ ହେବ ନାହିଁ । ଭବିଷ୍ୟତରେ ଏପରି ପରିବର୍ତ୍ତନ ଘଟିବ, ଯାହା ପରେ ଦୁର୍ବଳ ଗୋଷ୍ଠୀର ଲୋକମାନେ ନିଜକୁ ପୂର୍ବାପେକ୍ଷା ଅଧିକ ଅସହାୟ ବୋଧ କରିବେ । ଏପରି ଅବସ୍ଥାରେ ଆମମାନଙ୍କୁ କଣ କରିବା ଆବଶ୍ୟକ । ଧର୍ମଗୁରୁ ଭାବରେ ମୁଁ ଆପଣଙ୍କୁ କି ପ୍ରକାର ଉପଦେଶ ଦେଇ ପାରିବି ଓ ଯେଉଁ ପ୍ରସଙ୍ଗରେ ମୁଁ କିଛି ଅଧିକ ଆଲୋକପାତ କରିବି ।

ହଜରତ ମସିହ ମଉଦ୍[ଅସ] ଜମାଅତ୍ ଅହମଦିୟାର ପ୍ରତିଷ୍ଠାତା ଥିଲେ । ତାଙ୍କୁ ପ୍ରଭୁ ଏହି ସମସ୍ତ ବିପ୍ଳବ ସମ୍ପର୍କରେ ବିସ୍ତୃତ ଭାବେ ଜଣାଇ ଦେଇଛନ୍ତି, ଏହା ଏକ ଦୀର୍ଘକାୟ ପ୍ରସଙ୍ଗ । ମୁଁ ଏହାକୁ ଏଠାରେ ପୁନରାବୃତ୍ତି କରୁନାହିଁ । କିନ୍ତୁ ସେ ହିଁ ଭାରତକୁ ଏହି ବିଷମ ସ୍ଥିତିର ସମାଧାନ ପନ୍ଥା ମଧ୍ୟ ବତାଇ ଦେଇଛନ୍ତି । ନିଜ ମୃତ୍ୟୁ ପୂର୍ବରୁ ସେ ଭାରତବାସୀଙ୍କୁ ଯେଉଁ ଅନ୍ତିମ ବାର୍ତ୍ତା ଦେଇଥିଲେ, ସେହି ପୁସ୍ତିକାରେ ଅତି ଦରଦର ସହିତ ଭାରତବାସୀଙ୍କୁ ଉପଦେଶ ଦେଇ ଉଲ୍ଲେଖ କରିଛନ୍ତି । ଏହାର ନାମ 'ପୈଗାମେ ସୁଲ୍‌ହା' (ମୈତ୍ରୀ ସନ୍ଦେଶ) । ମୁଁ ସେଥିରୁ କେତେକ ନିର୍ବାଚିତ ଅଂଶ ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରୁଛି । ପୁଣି ଏହି ପ୍ରସଙ୍ଗକୁ ଆଗକୁ ବଢ଼ାଇବା, ଯଦ୍ଵାରା ଆପଣଙ୍କୁ ଏହାର ପରବର୍ତ୍ତୀ ବିଷୟ ବସ୍ତୁ ସମ୍ପର୍କରେ ଅବଗତ ହୋଇଯିବ ।

ଏହି ସଂକ୍ଷିପ୍ତ ପୁସ୍ତକ ଯାହାର ନାମ ପୈଗାମେ ସୁଲାହ ଏହାକୁ ସେ ଜୀବନର ଅନ୍ତିମ ସମୟରେ ଲେଖିଥିଲେ, ଯେତେବେଳେ ଆସନ୍ନ ମୃତ୍ୟୁର ଅବସ୍ଥାରେ ଥିଲେ । ଏବଂ ପରିଶେଷରେ ମୃତ୍ୟୁ ତାଙ୍କୁ ଆମ ଠାରୁ ବିଚ୍ଛେଦ କରି ଦେଲା । ତେବେ ଏହି ପୁସ୍ତିକା ମୁଦ୍ରଣ ମଧ୍ୟ ହୋଇ ପାରି ନଥିଲା । ଅଥଚ ପ୍ରଭୁଙ୍କ

ଡାକରା ଆସିଗଲା । ଏହି ପୁସ୍ତିକା ତାଙ୍କ ମୃତ୍ୟୁ ପରେ ପ୍ରକାଶିତ ହୋଇଥିଲା । ସେ କହିଛନ୍ତି,

"ହେ ମୋର ଦେଶବାସୀ! ଏହି ପୁସ୍ତିକା ଯାହାର ନାମ 'ପୈଗାମେ ସୁଲାହ୍' ଅତି ଶ୍ରଦ୍ଧାର ସହିତ ଆପଣଙ୍କ ସେବାରେ ପ୍ରସ୍ତୁତ କରାଯାଉଛି ଓ ଆନ୍ତରିକତାର ସହକାରେ ଦୁଆ (ପ୍ରାର୍ଥନା) କରାଯାଉଛି ଯେ ସେହି ସର୍ବଶକ୍ତିମାନ ଈଶ୍ୱର ଆପଣଙ୍କ ହୃଦୟରେ ସ୍ୱୟଂ ପ୍ରେରଣା ଭରି ଦିଅନ୍ତୁ । ଏବଂ ଆମ ସହାନୁଭୂତିର ରହସ୍ୟ ଆପଣମାନଙ୍କ ହୃଦୟରେ ପ୍ରକଟ କରି ଦିଅନ୍ତୁ, ଯାଦ୍ୱାରା ଆପଣ ଏକ ମୈତ୍ରୀ ପୂର୍ଣ୍ଣ ଉପହାରକୁ କୌଣସି ବିଶେଷ ସ୍ୱାର୍ଥ ଓ କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ସାଧନ ପ୍ରତି ଆଧାରିତ ଥିବାର ନ ଭାବନ୍ତୁ ।

ଆପଣମାନେ ଏକଥା ନ ଭାବନ୍ତୁ ଯେ ମୁଁ ମୋର ବ୍ୟକ୍ତିଗତ ଉଦ୍ଦେଶ୍ୟ ସାଧନ ପାଇଁ କୌଣସି ବିଷୟ ବର୍ଣ୍ଣନା କରୁଛି । ବରଂ ମୁଁ ସ୍ୱଚ୍ଛତା ସହକାରେ ଆପଣଙ୍କ ଉପକାର ପାଇଁ ତଥା ଆପଣଙ୍କ ପ୍ରତି ମୋର ରହିଥିବା ପ୍ରେମ ଭାବନା ବଶତଃ ବାଧ୍ୟ ହୋଇ ଆପଣଙ୍କୁ ଏହା ଲେଖୁଛି ।

ହେ ପ୍ରିୟଗଣ ! ପରକାଳ ଘଟଣା ବିଷୟରେ ତ ସାଧାରଣ ଲୋକ ବିଶେଷ ଅନଭିଜ୍ଞ ଥାଆନ୍ତି । ସେହିମାନଙ୍କ ଠାରେ ପରକାଳ ଅବସ୍ଥାର ରହସ୍ୟ ପ୍ରକଟିତ ହୋଇଥାଏ, ଯେଉଁମାନେ ମୃତ୍ୟୁ ପୂର୍ବରୁ ମୃତ୍ୟୁବରଣ କରି ନିଅନ୍ତି । କିନ୍ତୁ ଇହକାଳର ସତ୍‌କର୍ମ ଓ ଦୁଷ୍କର୍ମକୁ ପ୍ରତ୍ୟେକ ଦୂରଦର୍ଶୀ ବୁଦ୍ଧିମାନ ବ୍ୟକ୍ତି ଜାଣି ପାରିଥାଏ ।

ଏ କଥା କାହାରି ପାଇଁ ଅଛପା ନୁହେଁ ଯେ ଏକତା ଏକ ଏପରି ବିଷୟ ଯଦ୍ଦ୍ୱାରା ଏପରି ବିପଦମାନ ଯାହା କୌଣସି ପ୍ରକାରେ ଦୂର ହୋଇ ପାରି ନଥାଏ, ସେହି ସବୁ ଜଟିଳ ପରିସ୍ଥିତି ଯାହାର କୌଣସି ପ୍ରକାରେ ସମାଧାନର ବାଟ ବାହାରି ପାରି ନଥାଏ, ତାହା ଏକତା ଦ୍ୱାରା ତାହାର ସମାଧାନ ହୋଇ ଯାଇଥାଏ । ଅର୍ଥାତ ପରସ୍ପର ପ୍ରେମ ଓ ଭାଇଚାରା ସହିତ ରହିବା ଫଳରେ ଏହା କେବଳ ସମ୍ଭବ ।

ତେଣୁ ଜଣେ ବୁଦ୍ଧିମାନ ଓ ବିବେକଶୀଳ ବ୍ୟକ୍ତି ପକ୍ଷେ ଏହା ସମ୍ଭବ ନୁହେଁ ଯେ ସେ ନିଜକୁ ଏକତାର ଉପକାରୀତାରୁ ଦୂରେଇ ରଖିବ । ହିନ୍ଦୁ ଓ ମୁସଲ୍‌ମାନ ଏହି ଦେଶର ଦୁଇଟି ଏପରି ବିଶିଷ୍ଟ ଜାତି, ଯାହା ପାଇଁ ଯଦି ଏକ ଅସମ୍ଭବ ଚିନ୍ତାଧାରା ମନରେ ଆସିବ, ହୁଏତ କୌଣସି ସମୟରେ ହିନ୍ଦୁମାନେ ଏକତ୍ର ହୋଇ ମୁସଲ୍‌ମାନମାନଙ୍କୁ ଏହି ଦେଶରୁ ବାହାର କରିଦେବେ କିମ୍ବା ମୁସଲ୍‌ମାନମାନେ ଏକତ୍ର ହୋଇ ହିନ୍ଦୁମାନଙ୍କୁ ବିତାଡ଼ିତ କରିଦେବେ । ବରଂ ଏବେ ତ ହିନ୍ଦୁ ଓ

ମୁସଲ୍‌ମାନଙ୍କ ମଧ୍ୟରେ ଘନିଷ୍ଠତା ଏପରି ବଢ଼ିଚାଲିଛି ଯେପରି କି ସେମାନେ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇ ରହଛନ୍ତି । ଯଦି ଜଣକୁ କୌଣସି ବିପଦ ଆସେ, ତେବେ ଅନ୍ୟ ଜଣକ ମଧ୍ୟ ସେଥିରେ ସମଭାଗୀ ହୋଇଥାଏ । ଯଦି କୌଣସି ଜାତି ଅନ୍ୟ ଏକ ଜାତିକୁ କେବଳ ନିଜର ଇନ୍ଦ୍ରୀୟ ଉପରେ ନିୟନ୍ତ୍ରଣ ନରଖି ଅଂହକାର ଓ ବଡ଼ପଣି ଦେଖାଇ ଅପରକୁ ନୀଚ ଓ ଅପମାନ କରିବାକୁ ଇଚ୍ଛା କରିବ, ତେବେ ସେ ମଧ୍ୟ ଅପବାଦ ଓ ଲାଞ୍ଛନାରୁ ବଞ୍ଚିତ ରହିବ ନାହିଁ । ଯଦି ସେମାନଙ୍କ ମଧ୍ୟରୁ କେହି ନିଜର ପଡ଼ୋଶୀ ପ୍ରତି ସହାନୁଭୁତି ପ୍ରଦର୍ଶନ କରିବାରେ ଅସମର୍ଥ ହୁଏ, ତେବେ ସେ ମଧ୍ୟ କ୍ଷତିଗ୍ରସ୍ତ ହେବ । ଯେଉଁ ବ୍ୟକ୍ତି ତୁମ ଉଭୟ ଜାତି ମଧ୍ୟରୁ ଜଣେ ଅନ୍ୟର ବିନାଶର ଚିନ୍ତାରେ ରହିଥାଏ, ତା'ର ଉଦାହରଣ ସେହି ବ୍ୟକ୍ତି ସଦୃଶ, ଯିଏ କି ବୃକ୍ଷର ଯେଉଁ ଡ଼ାଳରେ ବସିଥାଏ ସେହି ଡ଼ାଳକୁ ହାଣିବାରେ ଲାଗିଥାଏ ।

ଆପଣମାନେ ଅଲ୍ଲାଃତାଲାଙ୍କ କୃପାରୁ ଶିକ୍ଷିତ ଅଛନ୍ତି । ଏବେ ମନରୁ ଇର୍ଷା ଭାବ ତ୍ୟାଗ କରି ପ୍ରେମରେ ଉନ୍ନତି କରିବା ଶୋଭା ଜନକ । କଠୋର ଭାବକୁ ଛାଡ଼ି ସହାନୁଭୂତିକୁ ଆଦରି ନେବା ଆପଣଙ୍କ ପକ୍ଷେ ବୁଦ୍ଧିମତାର ପରିଚୟ । ସାଂସାରିକ ଦୁଃଖ କଷ୍ଟ ହେଉଛି ମରୁଭୂମିର ଯାତ୍ରା ସଦୃଶ, ଯାହାକୁ ଠିକ ଉତ୍ତାପ ଓ ସୂର୍ଯ୍ୟର ପ୍ରଖରତା ସମୟରେ ଭୋଗ କରାଯାଇଥାଏ । ତେଣୁ ଏହି କଷ୍ଟଦାୟକ ପଥକୁ ଅତିକ୍ରମ କରିବା ପାଇଁ ପରସ୍ପର ମଧ୍ୟରେ ଏକତାର ସେହି ଶୀତଳ ଜଳର ଆବଶ୍ୟକତା ରହିଛି, ଯାହା ଏହି ପ୍ରଜ୍ଜଳିତ ଅଗ୍ନିକୁ ପ୍ରଶମିତ କରିଦିଏ ତଥା ପିପାସିତ ଜୀବନ ଜଞ୍ଜାଳ ସମୟରେ ମୃତ୍ୟୁମୁଖରୁ ରକ୍ଷା କରିଥାଏ ।

ଏପରି ଘଡ଼ିସନ୍ଧି ମୂହର୍ତ୍ତରେ ଏହି ଲେଖକ ଆପଣଙ୍କୁ ସନ୍ଧି ଦ୍ୱାରା ପରସ୍ପର ମିଳନ ପାଇଁ ଆହ୍ୱାନ କରୁଛି । କାରଣ ଉଭୟଙ୍କୁ ସ୍ନେହ, ମୈତ୍ରୀ ବା ଆପୋଷ ବୁଝାମଣାର ଅତ୍ୟନ୍ତ ଆବଶ୍ୟକତା ରହିଛି । ଦୁନିଆରେ ବିଭିନ୍ନ ପ୍ରକାରର ସଂକଟ ଦେଖା ଦେଉଛି । ମରୁଡ଼ି ହେଉଛି, ଭୁମିକମ୍ପ ଆସୁଛି ଏବଂ ପ୍ଲେଗ ସଂକ୍ରାମକ ରୋଗ ପିଛା ଛାଡୁ ନାହିଁ । ଯାହା ଈଶ୍ୱର ମୋତେ ସୂଚନା ଦେଇଛନ୍ତି ତାହା ହିଁ ଘଟିବ । ଯଦି ଦୁନିଆ କୁକର୍ମରୁ ନିଜକୁ ଦୂରେଇ ନ ରଖେ ତଥା ମନ୍ଦକର୍ମ ହେତୁ ଅନୁତାପ ନକରେ, ତେବେ ଦୁନିଆ ଉପରେ ଅତି ଭୟଙ୍କର ଓ ଯନ୍ତ୍ରଣା ଦାୟକ ବିପତ୍ତି ମାନ ଆସିବ ।" (ରୁହାନି ଖଯାଏନ୍, ପୈଗାମେ ସୁଲାହ୍, ଖଣ୍ଡ ୨୩, ପୃ: ୪୪୩-୪୪୪)

ଆଜିକୁ ମୋଟ ଶହେ ବର୍ଷ ବିତି ଗଲାଣି । ଏହି ମୂଲ୍ୟବାନ ପରାମର୍ଶ ଯାହା ତାଙ୍କର ଅନ୍ତିମ ଉପଦେଶ ଥିଲା, ଯାହାକୁ ମୁଁ ଆଜି ପୁନରାବୃତ୍ତି କରି ବାରମ୍ବାର ଆପଣଙ୍କ ସମ୍ମୁଖରେ ଦୁଃଖ ସନ୍ତାପିତ ହୃଦୟରେ ଉପସ୍ଥାପନ କରୁଛି । ସେହି

ଉପଦେଶ ମୂଳକ ସୁଚିନ୍ତିତ ପରାମର୍ଶ ପ୍ରତି ଲୋକମାନେ କର୍ଣ୍ଣପାତ କଲେ ନାହିଁ ଏବଂ ଭାରତ ଆଜି ମଧ୍ୟ ଯଥାବତ ସାମ୍ପ୍ରଦାୟୀକତାର ଶୀକାର ହୋଇଆସିଛି । ସେହି ପରି ପରସ୍ପର ପ୍ରତି ଅବିଶ୍ୱାସର କାଳିମା ଦ୍ୱାରା ଆକ୍ରାନ୍ତ ହୋଇଛି । ଜଣେ ଅନ୍ୟ ପ୍ରତି ସନ୍ଦେହ ଓ ଅବିଶ୍ୱାସ କରୁଛି । ଆତଙ୍କିତ ଭାବନାରେ ବୁଡ଼ି ରହୁଛି, ଯେପରି ଆଗରୁ ରହୁଥିଲା । ବରଂ ଅନେକ କ୍ଷେତ୍ରରେ ଏହା ଆହୁରି ଅଧିକ ତୀବ୍ର ଓ ବିଚଳିତ ଭାବ ଉତ୍ପନ୍ନ କରୁଛି । ତେଣୁ ଯେଉଁ ପ୍ରକାରେ ମୋର ପ୍ରିୟ ମୁନିବ ହଜରତ ମସିହ୍ ମଉଦ୍[ଅସ] ଶହେ ବର୍ଷ ପୂର୍ବରୁ କାଦିୟାନ୍ ମହୀମା ପୀଠର ମଞ୍ଚରୁ ଛିଡା ହୋଇ ଭାରତବର୍ଷକୁ ସତ୍ ପରାମର୍ଶ ଦ୍ୱାରା ବୁଝାମଣାର ସନ୍ଧି ଓ ଏକତା ପାଇଁ ଆହ୍ୱାନ କରିଥିଲେ, ଆଜି ମୁଁ ତାହାର ଶହେ ବର୍ଷ ପରେ ତାଙ୍କର ଏକ ତୁଚ୍ଛ ଦାସ ଭାବରେ ଆପଣମାନଙ୍କୁ ସେହି ଭ୍ରାତୃଭାବ ଓ ଏକତା ଆଡ଼କୁ ଆହ୍ୱାନ କରୁଛି ।

ଯଦି ଏହି ପ୍ରକାରର ସମ୍ପୂର୍ଣ୍ଣ ମୈତ୍ରୀ ପାଇଁ ହିନ୍ଦୁ ବନ୍ଧୁମାନେ, ଆର୍ଯ୍ୟ ବନ୍ଧୁମାନେ ପ୍ରସ୍ତୁତ ଅଛନ୍ତି ଯେ ଆମର ନବୀ[ସଅ]ଙ୍କୁ ଈଶ୍ୱରଙ୍କ ସତ୍ୟନିଷ୍ଠ ରୂପେ ସ୍ୱୀକାର କରି ନେବେ । ଭବିଷ୍ୟତରେ ମହାପୁରୁଷଙ୍କୁ ଅପମାନିତ କରିବା ଓ ମିଥ୍ୟା ଆରୋପ କରିବା ଛାଡ଼ି ଦେବେ, ତା'ହେଲେ ମୁଁ ସର୍ବପ୍ରଥମେ ଏହା ସ୍ୱୀକାର କରି ଚୁକ୍ତି ପତ୍ରରେ ଦସ୍ତଖତ୍ କରିବାକୁ ପ୍ରସ୍ତୁତ ଅଛି ଯେ ଆମେ ଅହମଦିୟା ସମ୍ପ୍ରଦାୟର ଅନୁଗାମୀମାନେ ସର୍ବଦା ବେଦକୁ ସତ୍ୟ ଗ୍ରନ୍ଥ ହୋଇଥିବାର ପ୍ରମାଣ ସିଦ୍ଧ କରିବେ । ବେଦ ତଥା ଏହାର ଋଷିମାନଙ୍କର ନାମ ସମ୍ମାନ ଓ ଶ୍ରଦ୍ଧା ପୂର୍ବକ ତଥା ପ୍ରେମ ସହିତ ନେବେ ।' (ରୁହାନି ଖଯାଏନ୍, ପୈଗାମେ ସୁଲାହ, ଭାଗ ୨୩)

ଏ ପ୍ରସଙ୍ଗରେ ମୁଁ ଅଧିକ ବ୍ୟାଖ୍ୟା କରି ବୁଝାଇବାକୁ ଚାହୁଁଛି ।

ଦୁନିଆରେ ଶାନ୍ତି ପ୍ରସାରିତ କରିବାକୁ ହେଲେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କୃତୀତ୍ୱ ହେଉଛି ଧର୍ମର ଯାହାକୁ ସମ୍ପାଦନ କରିବା ଉଚିତ । କିନ୍ତୁ ସବୁଠାରୁ ବଡ଼ ଦୁର୍ଭାଗ୍ୟ ହେଉଛି ଯେ ଅଧିକ ଅଶାନ୍ତି ସୃଷ୍ଟି କରିବାକୁ ଧର୍ମକୁ ବ୍ୟବହାର କରାଯାଉଛି । ବିଚିତ୍ର କଥା ଯେ ଏକ ପ୍ରଭୁଙ୍କ ଭକ୍ତ,ଏକ ଈଶ୍ୱର ପୂଜ୍ୟ କରୁଥିବା ଲୋକମାନଙ୍କର କେବଳ ଏହି କାରଣରୁ ଯେ ଅନ୍ୟ ଧର୍ମାବଲମ୍ବୀମାନଙ୍କ ଈଶ୍ୱର ଉପାସନା କରିବାର ଶୈଳୀ ଭିନ୍ନ କିମ୍ବା ତାଙ୍କ ଧାର୍ମିକ ଶିକ୍ଷାର ବ୍ୟାଖ୍ୟାରେ ବିରୋଧାଭାସ ରହିଛି, ସେଥିପାଇଁ ସେମାନେ ଅଲ୍ଲାଃଙ୍କ ନାମରେ, ପାଳନକର୍ତ୍ତା ନାମରେ, ୱାହେଗୁରୁ ନାମରେ ପରମେଶ୍ୱର ନାମରେ, ଜଣେ ଅନ୍ୟକୁ ହତ୍ୟା କରିବାର ଶିକ୍ଷା ଦେବେ । ଜଣେ ଅନ୍ୟର ରକ୍ତ ଶୋଷଣ କରିବାରୁ ଶିକ୍ଷା ଦେବେ, ତା'ହେଲେ ଏହା କିପରି ଧର୍ମ ? ସେ କିପରି ଈଶ୍ୱର ? ଯିଏକି ଏ ପ୍ରକାର ଶିକ୍ଷା

ଦେଇ ପାରନ୍ତି ?ତେଣୁ ଧାର୍ମିକ କ୍ଷେତ୍ରରେ ଏକ ନୂତନ ବିପ୍ଳବ ନୂତନ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି ।

ପ୍ରତ୍ୟେକ ଧାର୍ମିକ ନେତାଙ୍କୁ ବିଶେଷ ଭାବେ ଯେଉଁମାନଙ୍କର ଭାରତରେ କିଛି ନା କିଛି ପ୍ରଭାବ ରହିଛି, ସେମାନଙ୍କୁ ଅବଗତ କରିବା ଜରୁରୀ ଯେ ଆପଣମାନେ ଯଦି ଚାହିଁବେ, ତେବେ ନିଜ ଗୋଷ୍ଠୀ ବା ଜାତିର ଭାଗ୍ୟ ତିଆରି କରିଦେବେ । ଯଦି ଚାହିଁବେ ନିଜ ଗୋଷ୍ଠୀ ବା ଜାତିର ଭାଗ୍ୟ ବିଗାଡ଼ି ଦେଇ ପାରିବେ । ଏହା ଆପଣମାନଙ୍କ ହାତରେ ରହିଛି । ଯଦି ଆପଣମାନେ ନିଜ ଗୋଷ୍ଠୀ ବା ଜାତିର ଭାଗ୍ୟ ବିଗାଡ଼ି ଦିଅନ୍ତି, ତେବେ କେବଳ ମନୁଷ୍ୟ ଠାରୁ ମନୁଷ୍ୟଙ୍କୁ ବିଚ୍ଛେଦ କରୁ ନାହାନ୍ତି, ବରଂ ମନୁଷ୍ୟକୁ ଈଶ୍ୱରଙ୍କ ଠାରୁ ମଧ୍ୟ ବିଚ୍ଛେଦ କରିଦେବେ । ତା'ଛଡ଼ା ନିଜର ସଂପର୍କ ମଧ୍ୟ ସବୁଦିନ ପାଇଁ ନିଜ ପାଳନକର୍ତ୍ତାଙ୍କ ଠାରୁ ଓ ତାଙ୍କ ଭକ୍ତମାନଙ୍କ ଠାରୁ ବିଚ୍ଛେଦ କରିଦେବେ । ତେଣୁ ଏହା ସେହି ଜିହାଦ (ଧର୍ମଯୁଦ୍ଧ) ଯାହା ଆଡ଼କୁ ମୁଁ ଆପଣମାନଙ୍କୁ ନିମନ୍ତ୍ରଣ କରୁଛି । ଏଥି ସମ୍ପର୍କରେ ମୁଁ ପୁଣି ଏକଥା ମଧ୍ୟ କହିବି ଯେ ପ୍ରତ୍ୟେକ ଧର୍ମର ଏହାହିଁ ଶିକ୍ଷା ରହିଛି ଯେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ପ୍ରେମଭାବ ସ୍ଥାପନ କରାଯାଉ ତଥ ପ୍ରଭୁ ଓ ମନୁଷ୍ୟ ମଧ୍ୟରେ ପ୍ରେମ ଭାବ ସୃଷ୍ଟି କରାଯାଉ ।

ସୁତରାଂ ଯଦି ଧାର୍ମିକ ନେତା ଧର୍ମ ନାମରେ କାହାରିକୁ ଘୃଣାର ଶିକ୍ଷା ଦେଉଛନ୍ତି, ତେବେ ଦୁଇଟି ପରିଣାମ ମଧ୍ୟରୁ ଗୋଟିଏ ପରିଣାମ ନିଶ୍ଚୟ ବାହାର କରିବାକୁ ହେବ । ହୁଏତ ସେ ଧର୍ମ ମିଥ୍ୟା, ନଚେତ ସେହି ଧାର୍ମିକ ନେତା ବା ଧର୍ମ ଗୁରୁ ମିଥ୍ୟାବାଦୀ, ଏକା ସମୟରେ ଉଭୟ ସତ୍ୟ ବା ସଠିକ ହୋଇପାରିବେ ନାହିଁ ।

କିନ୍ତୁ ମୁଁ ଆପଣଙ୍କୁ ଜଣାଇ ଦେବାକୁ ଚାହୁଁଛି ଯେ ମୁଁ ମୁସଲ୍‌ମାନ ହୋଇଥିବା ଯୋଗୁଁ ପ୍ରକୃତରେ ଏହି ରହସ୍ୟକୁ ପାଇଛି ବା ବୁଝି ପାରିଛି ଯେ ଦୁନିଆର ସମସ୍ତ ଧର୍ମ ପ୍ରାରମ୍ଭିକ ଅବସ୍ଥାରେ ସତ୍ୟ ଓ ସଠିକ ଥିଲା । ଗୋଟିଏ ହେଲେ ଏପରି ଧର୍ମ ନାହିଁ, ଯାହାକୁ ମିଥ୍ୟା ବୋଲି ଗ୍ରହଣ କରାଯାଇ ପାରିବ । ପରବର୍ତ୍ତୀ ସମୟରେ ମିଥ୍ୟାବାଦୀମାନେ ଏହାକୁ ପରିବର୍ତ୍ତନ କରି ଦେଲେ । ଏହା ଆପଣଙ୍କ ସମ୍ମୁଖରେ ରହିଛି ଯେ କିପରି ପରିବର୍ତ୍ତନ କରାଯାଇଛି । ଯଦି ସୂର୍ଯ୍ୟ ନାମରେ ଅନ୍ଧକାର ବିସ୍ତାର କରିବାର ଅପଚେଷ୍ଟା କରାଯାଏ, ଯେତେବେଳେ ସର୍ବାଧିକ ପ୍ରେମ କରୁଥିବା ଈଶ୍ୱରଙ୍କ ନାମରେ ଘୃଣାର ଶିକ୍ଷା ଦିଆଯାଏ । ସୁତରାଂ ଏହିପରି ଭାବେ ଧର୍ମର କ୍ଷୟ ହୋଇଛିତଥା ମନୁଷ୍ୟ ମନୁଷ୍ୟ ମଧ୍ୟରେ ଦୂରତା ବଢ଼ି ଯାଇଛି । ଏହିପରି ପାର୍ଥକ୍ୟ ସୃଷ୍ଟି ହୋଇଥାଏ । କିନ୍ତୁ ମନେ ରଖନ୍ତୁ, ଏହା ଦୂରତା

କେବଳ ପରସ୍ପର ମଧ୍ୟରେ ନୁହେଁ, ବରଂ ପ୍ରଭୁଙ୍କ ଠାରୁ ମଧ୍ୟ ସଂପର୍କର ଡ଼ୋରି ଦୂର ହୋଇ ଚାଲିଛି । କାରଣ ଯେଉଁମାନେ ଜଣେ ଅନ୍ୟକୁ ଘୃଣା କରନ୍ତି, ଈଶ୍ୱର କଦାପି ତାଙ୍କ ସହିତ ପ୍ରେମ କରିବେ ନାହିଁ । କେବେହେଲେ ସେମାନଙ୍କୁ ସ୍ନେହ କରିପାରିବେ ନାହିଁ । ସୁତରାଂ ରାଜନୈତିକ ନେତାମାନଙ୍କ ଦ୍ୱାରା ବିସ୍ତାରିତ କରାଯାଇ ଥିବା ବିପଦମାନ ମନୁଷ୍ୟମାନଙ୍କ ପ୍ରତି ଏହି ଦୁନିଆର ପୃଷ୍ଠଭାଗରେ ହିଁ ଅନିଷ୍ଟକାରୀ ଓ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । କିନ୍ତୁ ଯଦି ଧାର୍ମିକ ନେତା ବା ଧର୍ମ ଗୁରୁମାନେ ବିଭ୍ରାଟ ଭିଆଇବାରେ ଲାଗିଯାନ୍ତି, ତେବେ ସେମାନଙ୍କୁ ଧର୍ମରୁ ମଧ୍ୟ ହାତ ଛଡ଼ା ହେବାକୁ ପଡ଼େ ତଥା ସଂସାରରୁ ମଧ୍ୟ ହାତ ଛଡ଼ା ହେବାକୁ ପଡ଼ିଥାଏ । ଉଭୟ ସ୍ଥିତିରେ ଅନିଷ୍ଟ ହୋଇଥାଏ ।

ଯେତେଦୂର ମୁଁ ଧର୍ମମାନଙ୍କୁ ଅଧ୍ୟୟନ କରିଛି ପ୍ରତ୍ୟେକ ଧର୍ମରେ ପ୍ରାରମ୍ଭିକ ଅବସ୍ଥାରେ ଅତ୍ୟନ୍ତ ବିଶୁଦ୍ଧ, ଅନାବିଳ ପ୍ରେମ, ଶ୍ରଦ୍ଧା ତଥା ଏକତାର ଶିକ୍ଷା ପାଇଛି । ଏ ସଂକ୍ରାନ୍ତରେ ମୁଁ ଆପଣମାନଙ୍କ ସମ୍ମୁଖରେ, ଶିଖ ଓ ହିନ୍ଦୁମାନଙ୍କ ପବିତ୍ର ଗ୍ରନ୍ଥମାନଙ୍କରୁ କେତେକ ଉକ୍ତି ଉଦ୍ଧାର କରୁଛି, ଯଦ୍ୱାରା ଆପଣମାନେ ଅନୁମାନ କରିପାରିବେ ଯେ ପ୍ରକୃତରେ ପ୍ରତ୍ୟେକ ଧର୍ମର ପ୍ରାରମ୍ଭିକ ତତ୍ତ୍ୱ ଏକେଶ୍ୱରବାଦରେ ହିଁ ଆରମ୍ଭ ହୋଇଛି । ପ୍ରବର୍ତ୍ତକ ଓ ଅବତାର ଯେଉଁମାନେ ପ୍ରାରମ୍ଭରେ ଥିଲେ, ସେମାନେ ଏକେଶ୍ୱରବାଦ ଉପାସନାର ଶିକ୍ଷା ଦେଇଛନ୍ତି । ଏହା ଜରୁରୀ ମଧ୍ୟ ଥିଲା ଯେ ଯଦି ଈଶ୍ୱର ଏକ ନୁହନ୍ତି, ତେବେ ମନୁଷ୍ୟ ମଧ୍ୟ କଦାପି ଏକ ହୋଇ ପାରିବେ ନାହିଁ । ଯଦି ପିତାମାନେ ଭିନ୍ନ ହୋଇ ଯାଆନ୍ତି, ତା' ହେଲେ ଘରେ ବିଭ୍ରାଟ ସୃଷ୍ଟି ହୋଇଯାଏ । ଯଦି ପିତା ପୃଥକ ଚିନ୍ତାଧାରା ରଖି ଅଲଗା ହୁଅନ୍ତି, ତେବେ ସମ୍ବନ୍ଧ ତୁଟି ଯାଇଥାଏ । ପରିବାରର ବିରୋଧ ସହିତ ଘୃଣା ଭାବ ବଢ଼ିଯାଏ । ଯଦି କୁଟୁମ୍ବରେ ବିରୋଧାଭାସ ସହିତ ଦୂରତା ବଢିଯାଇଛି ଓ ପାର୍ଥକ୍ୟ ସୃଷ୍ଟି ହୋଇଛି, ତା'ହେଲେ ଏହା କିପରି ସମ୍ଭବ ହେବ ଯେ ଆମର ସୃଷ୍ଟିକର୍ତ୍ତା ଓ ମାଲିକ, ଆମର ଜନ୍ମଦାତା, ଆମର ପାଳନକାରୀ, ଭିନ୍ନ ଭିନ୍ନ ଅସ୍ତିତ୍ୱଧାରୀ ହୋଇଥିବେ ? ଏହି ମୂର୍ଖତାର ସ୍ୱପ୍ନ ନେଇ ଆମେ କିପରି ଆଶା କରିବା ଯେ ସମସ୍ତ ଧର୍ମର ପ୍ରାରମ୍ଭିକ ଶିକ୍ଷା ଏକେଶ୍ୱରବାଦ ଉପରେ ପର୍ଯ୍ୟବସିତ ଥିଲା । ଯେହେତୁ ପଞ୍ଜାବରେ ସଂଖ୍ୟା ଗରିଷ୍ଠତା ହିନ୍ଦୁ ଓ ଶିଖମାନଙ୍କର ରହିଛି ଏବଂ ମୁଁ ତାଙ୍କ ରାଜ୍ୟରେ ବର୍ତ୍ତମାନ ଆପଣମାନଙ୍କ ସହିତ ବାର୍ତ୍ତାଳାପ କରୁଛି, ତେଣୁ ମୁଁ କେବଳ ହିନ୍ଦୁ ଓ ଶିଖମାନଙ୍କ ପବିତ୍ର ପୁସ୍ତକ ମଧ୍ୟରୁ କେତେକ ଦିବ୍ୟ ଉକ୍ତି ବାହାର କରିଛି । କାରଣ ମୁଁ ଆପଣମାନଙ୍କୁ ମନେ ପକାଇ ଦେବି ଯେ ଆପଣଙ୍କ ପୂର୍ବଜ ଜ୍ଞାନୀ ଗୁରୁଜନ ତଥା

ଅଲ୍ଲାଃଙ୍କ ସାନିଧ ପ୍ରାପ୍ତକାରୀ ବ୍ୟକ୍ତି ଆପଣଙ୍କ ଠାରୁ କି ପ୍ରକାର ଆଶା ପୋଷାଣ କରିଛନ୍ତି ।

ହଜରତ ମସିହ ମଉଦ୍[ଅସ] ଏଥି ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି, ମାନବ ଜାତିଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଜଣେ ଏକେଶ୍ୱରବାଦୀ ଭକ୍ତଙ୍କ ବ୍ୟତୀତ ସମ୍ଭବ ନୁହେଁ । ଏହାହିଁ ସେହି ବାର୍ତ୍ତା ଯାହାକୁ ମୁଁ ଆପଣଙ୍କ ଧର୍ମର ପରିଭାଷାର ପ୍ରୟୋଗ ଦ୍ୱାରା ହିଁ ଆପଣଙ୍କ ନିକଟରେ ପହଞ୍ଚାଇବାକୁ ଚାହୁଁଛି ।

ଶିଖ୍ ଧର୍ମ ମତ ଆଜିକୁ ପାଞ୍ଚ ଶହ ବର୍ଷ ପୂର୍ବେ ହଜରତ ବାବା ଗୁରୁ ନାନକ ସାହେବଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ପ୍ରାରମ୍ଭିକ ପାଞ୍ଚ ଗୁରୁଙ୍କର ଶିକ୍ଷା ଆମ ସମ୍ମୁଖରେ ଗୁରୁଗ୍ରନ୍ଥ ସାହେବ ଆକାରରେ ବିଦ୍ୟମାନ ରହିଛି । ଏପରିକି ଯାହାକୁ ପାଠ କରିବା ପରେ ନା କେବଳ ମନୁଷ୍ୟ ଆତ୍ମ ବିଭୋର ହୋଇଯାଏ, ବରଂ ଧର୍ମର ଐକ୍ୟବଦ୍ଧ ହେବାର ବିଶ୍ୱାସ ବୃଦ୍ଧି ହେବାକୁ ଲାଗିଥାଏ । ଏହି ଉନ୍ନତ ମାନର ଶିକ୍ଷାଗୁଡିକର ଚାହିଦା ଅନୁଯାୟୀ ମନୁଷ୍ୟ ଏହି ବିଶ୍ୱାସ ଉପରେ ଶତ ପ୍ରତିଶତ ପ୍ରତିଷ୍ଠିତ ହୋଇଯାଏ ଯେ ସେହିଁ ଏକ ଖୁଦା ବା ଈଶ୍ୱର ଯେ କି ସର୍ବତ୍ର ପ୍ରକଟିତ ଓ ବିରାଜମାନ ହୋଇଥାନ୍ତି । ସମସ୍ତ ଧର୍ମ ପରିଶେଷରେ ଏକ ପ୍ରଭୁଙ୍କ ପ୍ରତି ମାର୍ଗଦର୍ଶନ କରାଇଛନ୍ତି । ତେବେ ଏଥିପାଇଁ ଦୁଃଖିତ ଯେ ମୁଁ ଗୁରମୁଖି ଭାଷା ପାଠ କରିବାକୁ ସକ୍ଷମ ନୁହେଁ । ମୁଁ ପସନ୍ଦ କରେ ନାହିଁ ଯେ ଆପଣଙ୍କ ଧାର୍ମିକ ଶିକ୍ଷାର ପବିତ୍ର ଶବ୍ଦମାନଙ୍କୁ ଭୁଲ୍ ଭାବେ ପଢ଼ି ଆପଣଙ୍କ ସମ୍ମୁଖରେ ପ୍ରସ୍ତୁତ କରିବି । ତେଣୁ ମୋତେ କ୍ଷମା କରିବେ ଯଦି ମୁଁ କେବଳ ଅର୍ଥକୁ ଏଠାରେ ବ୍ୟକ୍ତି କରିବି ।

ଗୁରୁ ଗ୍ରନ୍ଥ ସାହେବ, ପୃ: ୧୮୮, ପୁଡ଼ି ମହଲ୍ଲା ପଞ୍ଚମରେ ଉଲ୍ଲେଖ ରହିଛି :

'ଯେଉଁମାନେ ନିଜର ୱାହେଗୁରୁଙ୍କ ଉପାସନା ନକରନ୍ତି, ସେମାନଙ୍କ ଜୀବନ ନିରର୍ଥକ । ସେମାନେ ଜୀବିତ ଥାଇ ସୁଦ୍ଧା ମୃତ ସଦୃଶ ।'

ଏହା ସେହି ପବିତ୍ର ଉପଦେଶ ଯାହା ପବିତ୍ର କୁରଆନ୍‌ର ଆୟତର ଏହି ଅଂଶକୁ ସ୍ମରଣ କରାଇ ଦେଉଛି:

إِنَّ الَّذِينَ يَسْتَكْبِرُونَ عَنْ عِبَادَتِي سَيَدْخُلُونَ جَهَنَّمَ دَاخِرِينَ

**ଇନ୍ନଲ୍ଲଯିନା ୟସ୍ତକ୍ ବିରୁନା ଅନ୍ଇବାଦତି ସା ୟଦ୍‌ଖୁଲୁନା ଜହନ୍ନମା ଦାଖିରିନା** (ଅଲ୍ ମୋମିନ୍ ୬୧)

ଗୁରୁ ଅର୍ଜୁନ ଦେବଜୀ ବହୁତ ବଡ଼ ଉପକାର କରିଛନ୍ତି ନା କେବଳ ଶିଖ୍ ସମୁଦାୟଙ୍କ ପ୍ରତି, ବରଂ ଅନ୍ୟ ମନୁଷ୍ୟମାନଙ୍କ ପ୍ରତି ମଧ୍ୟ । କାରଣ ସେ ପ୍ରଥମ ପାଞ୍ଚ

ଗୁରୁଙ୍କର ପବିତ୍ର ଶିକ୍ଷାମାନଙ୍କୁ ଏହି ପବିତ୍ର ଗ୍ରନ୍ଥ ମଧ୍ୟରେ ସୁରକ୍ଷିତ କରି ଦେଇଛନ୍ତି ।

**ଆପ୍ ଗାୱ୍ାଇଏତାଁ ଶୋପାଇଏ ଔର କେସି ଚିତରାଇ**

(ତଲଙ୍ଗ ମହଲ୍ଲା, ପ୍ରଥମ ଗୁରୁ ଗ୍ରନ୍ଥ ସାହିବ, ପୃ: ୭୨୨)

'ଯଦି ସ୍ୱୟଂ ନିଜକୁ ଉତ୍ସର୍ଗ କରିବ, ତେବେ ଯାଇ ଖୁଦାକୁ ପ୍ରାପ୍ତ କରି ପାରିବ ।'

ଜମାଅତ୍ ଅହମଦିୟାର ସଂସ୍ଥାପକ ହଜରତ ମସିହ୍ ମଉଦ୍[ଅସ] ଙ୍କର ଗୋଟିଏ ପଦ୍ୟରେ ଉକ୍ତ ବିଷୟକୁ ଏପରି ଭାବେ ବର୍ଣ୍ଣନା କରାଯାଇଛି ।

**ଆଶିକ୍ ଯୋ ହେଁ ୱ୍ହ୍ ୟାର୍‌କୋ ମର୍ ମର୍‌କେ ପାତେ ହେଁ ।**

'ଯେଉଁମାନେ ପ୍ରେମିକ ସେମାନେ ତାଙ୍କ ପ୍ରିୟ ସାଥିକୁ ପାଇବା ପାଇଁ ନିଜକୁ ମୃତ୍ୟୁ ମୁଖରେ ମଧ୍ୟ ପକାଇ ଦିଅନ୍ତି ।'

(ରୁହାନି ଖଯାଏନ, ବରାହିନ ଅହମଦିୟା, ପଞ୍ଚମ ଭାଗ, ଖଣ୍ଡ ୨୧, ପୃ: ୧୭)

ସୁବ୍‌ହାନଲ୍ଲାଃ (ପବିତ୍ର ତୁମେ ଅଲ୍ଲାଃ) ଏହା କିପରି ସମତୁଲ୍ୟ ବାଣୀ । ଯେଉଁମାନେ ଈଶ୍ୱରଙ୍କ ସମ୍ପର୍କିତ ସେମାନଙ୍କର ବିଚାର ଧାରା ମଧ୍ୟ ଏକା ପ୍ରକାରର ହୋଇଥାଏ । ସେମାନଙ୍କର ବାଣୀ ମଧ୍ୟ ସମଭାବାପନ୍ନ ହୋଇଥାଏ ।

**ଆଶିକ୍ ଯୋହେଁ ୱ୍ହ୍ ୟାର୍‌କୋ ମର୍ ମର୍‌କେ ପାତେ ହେଁ**
**ଯବ୍ ମର୍‌ଗଏ ତୋ ଉସ୍‌କି ତରଫ୍ ଖିଞ୍ଚେ ଯାତେ ହେଁ ।**
**ଯୋ ମର୍‌ଗଏ ଉହ୍ନିକେ ନସିବୋଁ ମେଁ ହୈ ହୟାତ୍**
**ଇସ୍ ରାହ୍ ମେଁ ଜିନ୍ଦଗୀ ନହିଁ ମିଲ୍‌ତୀ ବଜୁଯ୍ ମମାତ୍ ।**

(ରୁହାନି ଖଯାୟନ୍, ବରାହିନ୍ ଅହମଦିୟା, ଭାଗ ପଞ୍ଚମ, ଖଣ୍ଡ ୨୧, ପୃ: ୧୭)

'ଯେଉଁମାନେ ମୃତ୍ୟୁବରଣ କରି ନିଅନ୍ତି, ସେମାନେ ହିଁ ଜୀବନ୍ତ ରୁହନ୍ତି ଏବଂ ମୃତ୍ୟୁ ବ୍ୟତୀତ ପଥରେ ଜୀବନ ପ୍ରାପ୍ତି ହୋଇ ନଥାଏ ।'

ଆଗକୁ ଗୁରୁଗ୍ରନ୍ଥ ସାହିବ, ପୃ:୯, 'ଆସା ମହଲ୍ଲା ପ୍ରଥମ'ରେ ଏହି ପଙ୍‌କ୍ତିର ଉଲ୍ଲେଖ ରହିଛି:

**ସାଚେ ନାମ୍ କି ଲାଗେ ଭୁକ୍, ଉତ୍ ଭୁଖ୍ ଖାଏ' ଖାଏ ଚଲି ଏ ଧୁଖ୍**

'ସଚ୍ଚା ଖୁଦା ନାମର ମୋତେ କ୍ଷୁଧା ଲାଗି ଥାଏ' । 'ସୁବ୍‌ହାନଲ୍ଲା' କିପରି ବାଣୀ ସତେ ! ଯେଉଁପରି କ୍ଷୁଧାରେ ଥିବା ମନୁଷ୍ୟ ଖାଦ୍ୟ ପାଇଁ ଛଟପଟ ହୋଇଯାଏ ଓ ଯେତିକି ଉଚ୍ଛୁରୁ ହୁଏ ତା'ର ଚାହିଦା ସେତିକି ପ୍ରବଳ ହୋଇ ଚାଲିଥାଏ । ଯେତେବେଳେ ଖାଦ୍ୟ ଦ୍ୱାରା ମନୁଷ୍ୟ ତାର କ୍ଷୁଧା ମେଣ୍ଟାଇ ନିଏ, ସେତେବେଳେ

ସେହି ଖାଦ୍ୟ ହିଁ ତା' ଜୀବନର ଅଂଶ ହୋଇଯାଏ । ସେଥିରୁ ବିଶୁଦ୍ଧ ରକ୍ତ ଉତ୍ପନ୍ନ ହୁଏ ଓ ଏହା ଦ୍ୱାରା ଶରୀରର ବିକାଶ ହୋଇଥାଏ, ହୃଦୟକୁ ଦୃଢ଼ତା ପ୍ରାପ୍ତ ହୁଏ, ମସ୍ତିଷ୍କକୁ ମଧ୍ୟ ଶକ୍ତି ପ୍ରାପ୍ତ ହୋଇଥାଏ । ସୁତରାଂ ଯେଉଁମାନେ ଈଶ୍ୱରଙ୍କ ସହିତ ପ୍ରେମ କରୁଥିବା ବ୍ୟକ୍ତି, ସେମାନଙ୍କ ପାଇଁ ତାଙ୍କ ସ୍ମୃତିର ଠିକ୍ ସେହିପରି ସାଦୃଶ୍ୟ ରହିଛି, ଯେଉଁ ପରି କ୍ଷୁଧାତୁର ପାଇଁ ସୁସ୍ୱାଦୁ ଖାଦ୍ୟ ।

ପୁଣି କହିଛନ୍ତି: 'ମୁଁ ସଚ୍ଚା ଖୁଦା ନାମର କ୍ଷୁଧାତୁର ଭକ୍ତ ଏବଂ ମୋର ସମସ୍ତ କଷ୍ଟ, ସମସ୍ତ ବିପଦ ପ୍ରଭୁଙ୍କ ନାମର କ୍ଷୁଧା ଦ୍ୱାରା ଦୂର ହୋଇଯାଏ ।'

ହଜରତ ମସିଦ୍ ମଉଦ୍[ଅସ] ଏହା ସହିତ ସାମଞ୍ଜସ୍ୟ ରକ୍ଷା କରି ଏପରି ବର୍ଣ୍ଣନା କରିଛନ୍ତି:

**ହେଁ ତେରି ପ୍ୟାରି ନିଗାହେଁ ଦିଲ୍‌ବରା ଇକ୍ ତିଗେ ତେଜ୍**
**ଯିସ୍‌ସେ କଟ୍ ଯାତା ହୈ ସବ୍ ଝଗଡ଼ା ଗମେ ଅଗ୍ୟାର କା । ।**

(ରୁହାନି ଖଯାଏନ୍, ସୁରମା ଚଶମା ଆରିୟା ଖଣ୍ଡ - ୨, ପୃ: ୫୨)

'ହେ ମୋର ପ୍ରଭୁ ! ତୋର ସ୍ନେହଭରା ଦୃଷ୍ଟି ମୋ ପାଇଁ ଏପରି ଏକ ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା ହୋଇ ଯାଇଥାଏ, ଯଦ୍ୱାରା ଶତ୍ରୁମାନଙ୍କ ତରଫରୁ କରାଯାଇଥିବା ସେହି ଦୁଃଖ କଷ୍ଟ ସବୁ କଟି ଯାଇଥାଏ ।' ଅର୍ଥାତ 'ମୁଁ ଅନ୍ୟମାନଙ୍କ ଠାରୁ ପୂର୍ଣ୍ଣ ରୂପେ ପୃଥକ ଓ ବେପ୍ରରଆ ହୋଇଯାଏ । ଏହା ମୋତେ କେବଳ ତୁମ୍ଭର ପ୍ରେମ ଓ ସ୍ନେହ ପାଇଁ ଶାନ୍ତିର ଜୀବନ ପ୍ରାପ୍ତ ହୋଇଥାଏ ।'

**ଯେ ହୋୱେ ନୁମାନି ଶିଭ୍ କମାୱେ, ତାନ୍ ପ୍ରିତମ୍ ହୋୱେ ମନ୍ ପ୍ୟାରି**

(ଆଶା ମହଲ୍ଲା, ପଞ୍ଚମ ଗୁରୁଗ୍ରନ୍ଥ ସାହେବ, ପୃ: ୩୭୭-୭୮)

ଏହାର ଅର୍ଥ ହେଉଛି 'ନିଜ ଅନ୍ତରରୁ ଅହଂକାର ସମାପ୍ତ କରିଦିଅ । ତା'ପରେ ପ୍ରଭୁଙ୍କୁ ସ୍ମରଣ କର, ତା' ହେଲେ ପ୍ରଭୁଙ୍କର ପ୍ରିୟଭାଜନ ହୋଇଯିବ ।'

ଅହମଦିୟା ସମ୍ପ୍ରଦାୟର ପ୍ରତିଷ୍ଠାତା ହଜରତ ମସିହ୍ ମଉଦ୍[ଅସ] କହିଛନ୍ତି

**ଯୋ ଖାକ୍ ମେଁ ମିଲେ ଉସେ ମିଲ୍‌ତା ହୈ ଆଶ୍‌ନା**
**ଅଏ ଆଜ୍‌ମାନେ ୱାଲେ ! ଯେ ନୁସ୍‌ଖା ଭି ଆଜ୍‌ମା ।**
**ଛୋଡ଼ୋ ଗରୁର୍ ଓ କିବ୍ରକେ, ତକ୍‌ୱା ଇସିମେଁ ହୈ**
**ହୋଯାଓ ଖାକ୍ ମର୍‌ଯିଏ ମୌଲା ଇସିମେଁ ହୈ । ।**

(ରୁହାନି ଖଯାଏନ୍, ବରାହିନ୍ ଅହମଦିୟା, ଖଣ୍ଡ ପଞ୍ଚମ, ଭାଗ ୨୧, ପୃ:୧୭)

ଏବେ କୁହନ୍ତୁ: ନାମରେ କଣ ବା ପ୍ରଭେଦ ରହିଛି ? ଯଦି ହୃଦୟର ପ୍ରେମ ଅଲ୍ଲାଃତାଲାଙ୍କ ଆଡ଼କୁ ଏକା ପ୍ରକାରର ପ୍ରବାହିତ ହେଉଥାଏ । ଯଦି ମାନବଜାତିଙ୍କୁ

ଈଶ୍ୱରଙ୍କ ଆଡ଼କୁ ଆସିବାର ଏକା ପ୍ରକାରର ସତ୍ୟ ଶିକ୍ଷା ଦିଆଯାଉଛି । ଏହାହିଁ ତ ଅସଲ ଉଦ୍ଦେଶ୍ୟ । ନାମ ପରିବର୍ତ୍ତନରେ କୌଣସି ପ୍ରଭେଦ ହେବ ନାହିଁ ।

ହଜରତ କବିର୍ ଭଗତ ସାହେବ ମଧ୍ୟ ଶିଖ୍ ସଂପ୍ରଦାୟ ସହିତ ମର୍ଯ୍ୟାଦା ପୂର୍ଣ୍ଣ ଚକ୍ଷୁରେ ଦେଖି ଥାଆନ୍ତି । ଗୁରୁଗ୍ରନ୍ଥ ସାହେବରେ ତାଙ୍କ ଉକ୍ତି ମଧ୍ୟ ମିଳେ । ଗୋଟିଏ ସ୍ଥାନରେ ଉଲ୍ଲେଖ ରହିଛି ଯେ

**ଅୱ୍ୱଲ୍ ଅଲ୍ଲାଃ ନୁର ଉପାୟା କୁଦ୍‌ରତ୍ କେ ସବ୍ ବନ୍ଦେ**
**ଯକ୍‌ନୁର୍ ତେ ସବ୍ ଜଗା ଉପଜିୟା କୌନ୍ ଭଲେ କୋ ମନ୍ଦେ ।**

(ଗୁରୁଗ୍ରନ୍ଥ ସାହେବ, ପୃ : ୧୩୪୯, ପ୍ରଭାତି ରାଗ୍)

ଅର୍ଥାତ୍ : 'ପ୍ରଥମ ଅସ୍ତିତ୍ୱ ପ୍ରଭୁଙ୍କର ତାଙ୍କରି ଜ୍ୟୋତି ଓ ମହିମାର ସମସ୍ତେ ଉକ୍ତ । ଗୋଟିଏ ଜ୍ୟୋତିର ହିଁ ଏହି ସମଗ୍ର ସୃଷ୍ଟିର ଅସ୍ତିତ୍ୱ ପ୍ରକଟିତ ହୋଇଛି । ତେଣୁ କାହାରିକୁ ଭଲ ଓ କାହାରି ମନ୍ଦ କହିବା ଅନୁଚିତ । ସମସ୍ତ ଭକ୍ତ ସହିତ ପ୍ରେମ କରିବା ହେଉଛି ପ୍ରଭୁଙ୍କ ସହିତ ପ୍ରେମ କରିବା ।'

ପବିତ୍ର କୁର୍‌ଆନ୍‌ରେ ଅଧିକ ମାତ୍ରାରେ ଏପରି ପଙ୍‌କ୍ତିର ଉଲ୍ଲେଖ ଅଛି, ଯେଉଁଥିରେ ଏହାକୁ ଭିନ୍ନ ଭିନ୍ନ ପ୍ରକାରେ ବର୍ଣ୍ଣନା କରାଯାଇଛି:

اَللّٰهُ نُوْرُ السَّمٰوٰتِ وَالْاَرْضِ

**ଅଲ୍ଲାହୁ ନୁରୁସ ସମାୱ୍ୱାତି ୱ୍ୱଲ୍ ଅର୍‌ଜି । (ଅଲ୍‌ନୁର୍ ୩୨ )**

'ଦେଖ ! ଅଲ୍ଲା ହିଁ କେବଳ ମାନବଜାତିର ନୁହନ୍ତି, ବରଂ ଆକାଶ ଓ ପୃଥିବୀର ଜ୍ୟୋତି ।' ପ୍ରତ୍ୟେକ ସ୍ଥାନରେ ସେହି ଜ୍ୟୋତି ପ୍ରକାଶିତ । ସୁତରାଂ ଏକତାରେ ହିଁ ବାସ୍ତବିକ ପ୍ରେମର ସମ୍ପୂର୍ଣ୍ଣ ଶିକ୍ଷା ମିଳିଥାଏ । ଯାହାର ଏକ ପ୍ରଭୁ ସହିତ ସମ୍ପର୍କ ସ୍ଥାପନ ହୋଇଯାଏ ତଥା ଯିଏ ଈଶ୍ୱର ଏକ୍ ବୋଲି ବୁଝିଯାଏ, ସେ ପରସ୍ପର ସହିତ ଘୃଣାଭାବ ମଧ୍ୟ ହୃଦୟରେ ଆଣି ପାରିବ ନାହିଁ ।'

ହଜରତ ମସିହ୍ ମଉଦ୍[ଅସ] ସେହି ବିଷୟକୁ ଏପରି ବର୍ଣ୍ଣନା କରିଛନ୍ତି:

ପରମେଶ୍ୱର ପୃଥିବୀ ଓ ଆକାଶର ଜ୍ୟୋତି ଅର୍ଥାତ ପ୍ରତ୍ୟେକ ଜ୍ୟୋତି ଉର୍ଦ୍ଧ୍ୱରେ ଓ ନିମ୍ନରେ ଅବଲୋକନ କରାଯାଇ ପାରିବ । ତାହା ଆତ୍ମାରେ ହେଉ ଅବା ଶରୀରରେ ହେଉ । ତାହା ବ୍ୟକ୍ତିଗତ ବା ନିଜସ୍ୱ ହେଉ କିମ୍ବା ବାହ୍ୟ ସ୍ୱରୂପରେ ଦୃଷ୍ଟି ଗୋଚର ହେଉ । ତାହା ପ୍ରକାଶ୍ୟରେ ହେଉ ଅବା ଗୋପନରେ ହେଉ । ହୃଦୟର ଅନ୍ତରରେ ହେଉ ଅବା ବାହାରେ ହେଉ, ତାହାଙ୍କ କରୁଣା ସର୍ବତ୍ର ଅନୁଭୁତ ହେଉଛି । ଏହା ସଂକେତ କରୁଛି ଯେ ସମସ୍ତ ସଂସାରର ପାଳନକର୍ତ୍ତାଙ୍କ ଅନୁଗ୍ରହ

ସ୍ୱତନ୍ତ୍ର ରୂପେ ପ୍ରତ୍ୟେକ ପଦାର୍ଥକୁ ଘେରି ରହିଛି । କେହି ହେଲେ ତାଙ୍କ ଅନୁଗ୍ରହରୁ ବଞ୍ଚିତ ହୋଇ ରହି ନାହାନ୍ତି ।

(ରୁହାନି ଖଯାଏନ୍, ବରାହିନ୍ ଅହମଦିୟା, ପୃ: ୧୮୧, ପାଦଟୀକା)

ଏହି ଖରାକୁ ଦେଖନ୍ତୁ, ସମସ୍ତ ସଂସାରରେ ଗୋଟିଏ ପ୍ରକାରର ଆଲୋକ ଉଦ୍‌ଭାସିତ ହେଉଛି । ଏହି ବୃଷ୍ଟିକୁ ଦେଖନ୍ତୁ, ଏକା ପ୍ରକାରର ଅନୁଗ୍ରହର ବାରିଧାରା ପ୍ରତ୍ୟେକ ସ୍ଥାନକୁ ଶୀତଳ କରିଥାଏ । ସେହି ବାୟୁ ପ୍ରବାହିତ ହେଲେ ହିନ୍ଦୁ, ଶିଖ, ମୁସଲ୍‌ମାନ ଖ୍ରୀଷ୍ଟିୟାନ, ବୁଦ୍ଧ ସମସ୍ତେ ଜୀବନ ଶକ୍ତି ପ୍ରାପ୍ତ କରନ୍ତି । ତେଣୁ ପ୍ରଭୂ କିପରି ଭାବେ ନିଜର କରୁଣାକୁ ସ୍ୱତନ୍ତ୍ର ଭାବେ ଏକା ପ୍ରକାରରେ ସର୍ବ ସାଧାରଣଙ୍କ ପାଇଁ ଜାରି କରିଛନ୍ତି । ତା'ହେଲେ ଆମେ ସେହି ପ୍ରଭୁଙ୍କ ସହିତ କିପରି ସମ୍ପର୍କ ସ୍ଥାପନ କରିପାରିବା, ଯଦି ଆମେ ଜଣେ ଅନ୍ୟକୁ ଘୃଣା କରିବାର ଶିକ୍ଷା ଦେବା ।

ହଜରତ ମୁହମ୍ମଦ[ସଅ] ଏହି ସଂକ୍ରାନ୍ତରେ ଏକ ଅତି ଉତ୍କୃଷ୍ଟ ତତ୍ତ୍ୱ ଆମ ସମ୍ମୁଖରେ ବର୍ଣ୍ଣନା କରିଛନ୍ତି । ମହାଭାଗ କହିଛନ୍ତି:

ମାଆ ପେଟରେ ଥିବା ଗର୍ଭାଶୟ ଯେଉଁଥିରେ ଛୁଆ ଜନ୍ମ ନିଏ, ଆରବି ଭାଷାରେ ଏହାର ନାମ 'ରହମ୍' ଓ ରହମ୍‌ର ଅସ୍ତିତ୍ୱରୁ 'ଖୁଦା ଏ ରହମାନ୍' ର ନାମ ବାହାରିଛି । ଯେଉଁ ବ୍ୟକ୍ତି ନିଜର ଆତ୍ମୀୟ ସ୍ୱଜନମାନଙ୍କ ଠାରୁ ସମ୍ପର୍କ ବିଚ୍ଛିନ୍ନ କରେ, ସଂସାରିକ ନିକଟ ସମ୍ପର୍କୀୟମାନଙ୍କ ଠାରୁ ସମ୍ପର୍କ ତୁଟାଇ ଦିଏ, ସେ ରହ୍‌ମାନ ଖୁଦା ଠାରୁ ମଧ୍ୟ ସମ୍ପର୍କ ବିଚ୍ଛେଦ କରିଦିଏ ।

ସୁତରାଂ ଏହି ଶିକ୍ଷା ଆପଣ ଦୁନିଆର ପ୍ରତ୍ୟେକ ଧର୍ମରେ ପାଇପାରିବେ । ଏଇଥିପାଇଁ ପବିତ୍ର କୁର୍‌ଆନ୍ ଦାବି କରିଛି

فِيهَا كُتُبٌ قَيِّمَةٌ

**ଫିହା କୁତୁବୁନ୍ କୈୟେମା** (ସୁରଃ ବୈୟେନା, ୪)

ଅର୍ଥାତ୍ 'ଏହା ସେହି ବାଣୀ (ପୁସ୍ତକ) ଯାହା ସଂସାରକୁ କୌଣସି ଅଭିନବ ଶିକ୍ଷା ଦେବାକୁ ଆସିନାହିଁ, ବରଂ ଏଥିରେ ସମସ୍ତ ସଂସାରର ଜୀବିତ ରହିଥିବା ଶିକ୍ଷାର ଦୃଷ୍ଟାନ୍ତ ତୁମେ ଦେଖି ପାରିବ ।

ଗୁରୁଗ୍ରନ୍ଥ ସାହେବ, ଶ୍ଲୋକ ଓ୍ୱାରାଁ, ମହଲ୍ଲା ପ୍ରଥମ, ପୃ: ୧୪୧୨ରେ ଅତି ସୁନ୍ଦର ପଦ୍ୟଟିଏ ଉଲ୍ଲେଖ ରହିଛି:

**ଯୌ ତୌ ପ୍ରେମ୍ ଖେଲନ୍ କା ଚାଓ**
**ସିର ଧରୋତ୍‌ଲି ଗଲି ମେରି ଆଓ**

**ରାତ୍ ମାର୍ଶ୍ ପୀର ଧରି ଯେ**
**ସିର୍ ଦିଜେ କାନ ନା କିଜେ ।**

ଏହାର ଅର୍ଥ 'ଯଦି ପ୍ରଭୁଙ୍କ ସହିତ ପ୍ରେମ କରିବାର ଇଚ୍ଛା ଅଛି, ତେବେ ସେହି ଗଳକନ୍ଦିରେ ନିଜ ମସ୍ତକକୁ ହାତରେ  ଧରି ନେଇଆସ । ଯଦି ଏହି ମାର୍ଗରେ ଚାଲିବାର ଅଛି, ତେବେ ନିଜ ମୁଣ୍ଡ କାଟିଦେବାକୁ କୁଣ୍ଠା ବୋଧ କରନାହିଁ ।'

ହଜରତ ମସିଦ୍ ମଉଦ୍[ଅସ] କହିଛନ୍ତି :

**ତେରେ କୁଚେ ମେଁ କିନ୍ ରାହୋଁ ସେ ଆଉଁ**
**ଓ୍ୱ ଖଦ୍‌ମତ୍ କ୍ୟା ହୈ ଯିସ୍‌ସେ ତୁଝ୍‌କୋ ପାଉଁ**
**ମୁହବ୍‌ବତ୍ ହୈ କେ ଯିସ୍‌ସେ ଖିଞ୍ଚା ଯାଉଁ**
**ଖୁଦାଇ ହୈ ଖୁଦି ଯିସ୍‌ସେ ଜଲାଉଁ ।**

(ଦୁର୍ରେ ସମିନ୍, ପୃ: ୫୦, ନଜାରତ୍ ଇଶାଅତ୍ ରବୁଆ ମୁଦ୍ରଣ ଯିଆଉଲ୍ ଉସ୍ଲାହ ପ୍ରେସ)

'ଯେ ପର୍ଯ୍ୟନ୍ତ ମୁଁ ମୋର ଅହଂକାରକୁ ନଜାଳିଛି, ମୁଁ ତୁମ୍ଭ ମାର୍ଗକୁ ପାଇ ପାରିବି ନାହିଁ । କିନ୍ତୁ ମୋ ଅହଂକାରକୁ ଜାଳିବା ତ ତୁମ୍ଭ ଅଧୀନରେ ରହିଛି । ସେହି ଈଶ୍ୱର ହିଁ ଅହଂକାରକୁ ଜାଳି ପାରିବେ । ତାଙ୍କ ବ୍ୟତୀତ ମନୁଷ୍ୟର ଅଂହକାର ଲୋପ ପାଇବ ନାହିଁ ।'

ହଜରତ ମସିହ୍ ମଉଦ୍[ଅସ] ନିଜର ପୁସ୍ତକ 'ସତ୍‌ବଚନ'ରେ ଅଧିକାଂଶ ଶିଖ ଜ୍ଞାନୀ ଲୋକମାନଙ୍କର ଉକ୍ତିକୁ ଉଦ୍ଧାର କରିଛନ୍ତି । ଏହି ନିଷ୍କର୍ସ ବାହାର କରିଛନ୍ତି ଯେ ଶିଖ୍ ଧର୍ମର ଶିକ୍ଷା ଓ ଇସଲାମ ଧର୍ମର ଶିକ୍ଷା ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଗୋଟିଏ ଜ୍ୟୋତିରୁ ପ୍ରବାହିତ ହୋଇଥିବା ସ୍ରୋତ ସଦୃଶ ଓ ଗୋଟିଏ ଜ୍ୟୋତିରୁ ପ୍ରବାହିତ ରଶ୍ମି । ତେବେ ଆମେ କାହିଁକି ଜଣେ ଅନ୍ୟର ବିରୁଦ୍ଧାଚରଣ କରିବା କିମ୍ବା କରୁଛେ ? କାହିଁକି ଜଣେ ଅନ୍ୟ ଠାରୁ ଦୂରେଇ ରହୁଛେ ? କିନ୍ତୁ ତାଙ୍କର ଏହି ଉପଦେଶ କେବଳ ଶିଖ ଓ ମୁସଲ୍‌ମାନ୍‌ମାନଙ୍କ ସମ୍ପର୍କରେ ସୀମିତ ରଖିନାହାନ୍ତି, ବରଂ ହିନ୍ଦୁ ଓ ମୁସଲ୍‌ମାନ୍‌ଙ୍କ ସମ୍ପର୍କରେ ମଧ୍ୟ ବାହାର କରିଛନ୍ତି । ସେ ଅତି ସ୍ୱଷ୍ଟ ଭାବରେ ବାରମ୍ବାର ଏହି ନିର୍ଦ୍ଦେଶ ଦେଇଛନ୍ତି, ଯେପର୍ଯ୍ୟନ୍ତ ଦୁନିଆର ସମସ୍ତ ଧର୍ମ ଏହି ମୌଳିକ ବିଶ୍ୱାସ ଆଡ଼କୁ ନ ଫେରିବେ ଯେ ସେମାନେ ସମସ୍ତେ ଏକ ବାସ୍ତବ ଈଶ୍ୱରଙ୍କ ସାଗର ମଧ୍ୟରୁ ପ୍ରସ୍ଫୁଟିତ ହୋଇଛନ୍ତି ଏବଂ ସେହି ସତ୍ୟ ପ୍ରଭୁଙ୍କ ଜ୍ୟୋତିରୁ ଆଲୋକ ପ୍ରାପ୍ତ ନକରିଛନ୍ତି, ସେ ପର୍ଯ୍ୟନ୍ତ ଦୁନିଆରେ କେବେ ହେଲେ ପ୍ରକୃତ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ନାହିଁ ।

ଅନେକ ଉକ୍ତି ରହିଛି, ଯେହେତୁ ସମୟର ଅଭାବ ତେଣୁ ମୁଁ ଏହାକୁ ଛାଡି ଦେଇଛି । ଗୋଟିଏ ପୁସ୍ତକ 'ଜପଜୀ ଓ ସିଖ୍ ମୁନି ସାହେବ' ଶିଖ୍‌ମାନଙ୍କର ଲୋକ ଗୀତ । ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଓ ତାଙ୍କର ସ୍ତୁତି ଗାନ ମୂଳକ ଗୀତି କବିତା । ଏହାର ଉର୍ଦ୍ଦୁ ଅନୁବାଦ ଖ୍ୱାଜା ଦିନ୍ ମୁହମ୍ମଦ ସାହେବ କବିତା ଆକାରରେ ଲେଖିଛନ୍ତି । ମୁଁ ଏହି କବିତା ମଧ୍ୟରୁ କିଛି ଆପଣଙ୍କୁ ଶୁଣାଉଛି ।

**ଏକ୍ ଉଁକର ଖୁଦାହେଁ ଓ୍ୱାହିଦ୍ ସତ୍ୟ ଯିସ୍‌କା ନାମ୍ ।**
**କର୍‌ତା ଧର୍ତ୍ତା ଦୁନିଆ କା ବେଡର୍ ବେଲାଗ୍ ମୁଦାମ୍ ।**
**ମୌତ୍ ସେ ବାଲା ପାକ୍ ଜନମ୍ ସେ କାଏମ୍ ଅପନେ ଆପ୍ ।**
**ଅପ୍‌ନେ ଗୁର୍ କି ରହମତ୍ ସେ ତୁ ନାମ୍ ଉସିକା ଜାପ୍ ।**
**ସଚ୍ଚା ହେଁ ଓ୍ୱହ୍ ଆଜ୍‌ଭି ନାନକ୍ ସଚ୍ଚା ହୋଗା କଲ୍‌ଭି ଓ୍ୱହ୍ ।**

('ଜପ୍ ଜି ସାହେବ ଓ ଶିଖ୍ ମୁନି ସାହେବ, ପୃ:୩, ଖ୍ୱାଜା ଦିଲ୍ ମୁହମ୍ମଦ୍ ସାହେବ ଅମୃତସହର)

ଏବେ ଏହି ଶିକ୍ଷାକୁ ପାଠ କରିବା ପରେ ପାଠକର ହୃଦୟ ଆପେ ଆପେ ବିଭୁ ପ୍ରେମରେ ବିଭୋର ହୋଇଉଠେ । ଏକ୍ ଖୁଦା ପ୍ରତି ମଧ ତା' ହୃଦୟରେ ଅସୀମିତ ପ୍ରେମଭାବ ଉତ୍ପନ୍ନ ହୋଇଯାଏ । ଏହା ସେହି ବାଣୀ, ଯାହା ପ୍ରତ୍ୟେକ ମୁସଲ୍‌ମାନକୁ ପବିତ୍ର କୁର୍‌ଆନ୍‌ର ଅନେକ ଆୟତ ସ୍ମରଣ କରାଇ ଦିଏ । ଯେଉଁଥିରେ ଉକ୍ତ ବିଷୟର ବର୍ଣ୍ଣନା ଆରବି ଭାଷାରେ କରଯାଇଛି । ତେଣୁ ଯଦି ବାଣୀ ଏକ୍ ଯାହା ଗୋଟିଏ ଶ୍ରଦ୍ଧାମୟ ଜ୍ୟୋତି ଆଡ଼କୁ ନେଇଯାଏ, ତା'ହେଲେ ଭାଷା ଅଲଗା ଥିବା ଯୋଗୁଁ ମତଭେଦ କଣ ରହିଛି ? କଣ ଏଇଥି ପାଇଁ ଆମେ ପରସ୍ପର ମଧ୍ୟରେ କଳହ କରିବା ଓ ଜଣେ ଅନ୍ୟକୁ ଘୃଣା କରିବା ଆବଶ୍ୟକ ? ଧାର୍ମିକ ବିରୋଧ ଅର୍ଥାତ ଧାର୍ମିକ ରୀତି ନୀତିର ମତଭେଦ ନିଜ ସ୍ଥାନରେ । କିନ୍ତୁ ପ୍ରତ୍ୟେକ ଧର୍ମର ମୌଳିକ ଶିକ୍ଷା ମନୁଷ୍ୟକୁ ମନୁଷ୍ୟର ନିକଟସ୍ଥ କରିବାକୁ ଆସିଛି । ଏହା ମଧ ଯୁକ୍ତି କରିଛି ଯେ ଯଦି କୌଣସି ଧର୍ମ ମନୁଷ୍ୟକୁ ମନୁଷ୍ୟର ନିକଟବର୍ତ୍ତୀ ନକରେ ତେବେ ସେ ଧର୍ମ ମନୁଷ୍ୟକୁ ଈଶ୍ୱରଙ୍କ ନିକଟବର୍ତ୍ତୀ କରି ପାରିବ ନାହିଁ । ଏହା ଏପରି ନିରାଟ ସତ୍ୟ, ଯେଉଁ ଥିରେ କଦାପି ଆପଣ କୌଣସି ପରିବର୍ତ୍ତନ ଘଟିବାର ଦେଖିବେ ନାହିଁ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ସୃଷ୍ଟଜ ଭକ୍ତର ନ ହୋଇ ପାରିଲା, ସେ ଈଶ୍ୱରଙ୍କର ମଧ ହୋଇ ପାରିବ ନାହିଁ ।

ସୁତରାଂ ମୁଁ ଆପଣଙ୍କୁ ପ୍ରଭୁଙ୍କ ନାମର ଦ୍ୱାହି ଦେଇ ଏହି ପରାମର୍ଶ ଦେଉଛି ଯେ ମାନବିକତାର ଶିକ୍ଷା ପ୍ରତି ଜୋର ଦିଅନ୍ତୁ । ପ୍ରତ୍ୟେକ ଧର୍ମର ଏହା ଶେଷ ଅସ୍ତ୍ର, ଯଦ୍ୱାରା ଦୁରାତ୍ମାକୁ ପରାସ୍ତ କରାଯାଇ ପାରିବ । ଯଦି ମାନବିକତାକୁ ଜୀବିତ

ନକରାଯାଏ, ତେବେ କୌଣସି ମନୁଷ୍ୟ ଠାରୁ ଦୁଷ୍ଟ ଶକ୍ତିର ପ୍ରଭାବ ଲୋପ ହୋଇ ପାରିବ ନାହିଁ । ସେ ସର୍ବଦା ତା' ସହିତ ରହିଥିବ ଓ ତା' ଜୀବନକୁ ନାରକୀୟ ଜ୍ୱାଳାରେ ଛାରଖାର କରି ଚାଲିଥିବ ।

ଜପ୍‌ଜୀଙ୍କର ଆଉ ଗୋଟିଏ ପଦ୍ୟାଂଶର ଅନୁବାଦ, ଯାହାକୁ ଖ୍ୱାଜା ଦିଲ୍ ମୁହମ୍ମଦ୍ ସାହେବ ଏହିପରି କରିଛନ୍ତି:

**ଗାଏ କୌନ୍ ଖୁଦାକି କୁଦ୍‌ରତ ତାବ୍ ୟେ କିସ୍ ଇନ୍‌ସାନ୍ ମେଁ ହୈ ।**
**ଗାଏ କୌନ୍ ଖୁଦାକି ରହ୍‌ମତ ମାହିର୍ କୌନ୍ ନିଶାନ୍ ମେଁ ହୈ ।**
**ଗାଏ କୌନ୍ ଖୁଦାକି ଅଜ୍‌ମତ୍ ଆଲିଶାନ୍ ଓ୍ୱକାର ଉସ୍‌କା ।**
**ଗାଏ କୌନ୍ ଖୁଦା କି ହିକ୍‌ମତ୍ ମୁଶ୍‌କିଲ ସୋଚ୍ ବିଚାର୍ ଉସ୍‌କା ।**
**ଗାଏ କୌନ୍ ଉସେ ଯୋ ତନ୍‌କୋ ଯିନତ୍ ଦେକର ଖାକ୍ ବନାଏ ।**
**ଗାଏ କୌନ୍ ଉସେ ଯୋ ପୈଦା କରକେ ମାରେ ଔର୍ ଜିଲାଏ ।**
**ଗାଏ କୌନ୍ ଉସେ ଯୋ ହମ୍‌ସେ ପାସ୍ ଭି ହୈ ଔର୍ ଦୂର ଭି ହୈ ।**
**ଗାଏ କୌନ୍ ଉସେ ଯୋ ହାଯିର୍ ନାୟିର୍ ପାକ୍ ହଯୁର୍ ଭି ହୈ ।**
**ଖତମ୍ ନା ହୋଗି ଉସକି ବାତେଁ ସାରା ହାଲ୍ ବୟାନ୍ ନା ହୋ ।**
**ଓ୍ୱସ୍‌ଫ କରୋଡ଼ୋଁ ଗାଏଁ କରୋଡ଼ୋଁ ପୁରି ଲେକିନ୍ ଶାନ୍ ନା ହୋ ।**
**ଲେନେ ଓ୍ୱାଲେ ଥକ୍ ଯାତେ ହୈଁ ଦାତା ଦେତା ଯାତା ହୈ ।**
**ଯୁଗ୍ ଯୁଗ୍ ମେଁ ହର୍ ଖାନେ ଓ୍ୱାଲା ଉସ୍‌କି ନେମତ୍ ଖାତା ହୈ ।**
**ହୁକ୍‌ମ୍ ସେ ଅପ୍‌ନେ ହାକିମ୍ ନେ ଦୁନିଆ କୋ ରାହ ଦିଖାଇ ହୈ ।**
**ଖୁଦ୍ ଆନନ୍ଦ ରହେ ଓ୍ୱହ୍ ନାନକ୍ କୈସେ ବେପରଓ୍ୱାହି ହୈ ।**

(ଜପ୍‌ଜୀ ଓ ଶିଖ୍ ମୁନି ସାହେବ, ପୃ:୭, ପୁଡ଼ି ସଂ ୩, ନାସିର ଆଜାଦ୍ ବୁକ୍ ଡିପୁ, ଅମୃତସହର)

ଏବେ ମୁଁ ଆପଣଙ୍କୁ ପବିତ୍ର କୁରଆନ୍‌ର କେତେକ ଛୋଟ ଛୋଟ ଆୟତ୍ ଶୁଣାଉଛି, ଯଦ୍ୱାରା ଆପଣ ଜାଣି ପାରିବେ ଯେ ସେ ଶିକ୍ଷା କିପରି ସମ୍ପୂର୍ଣ୍ଣ ରୂପେ ସମାନ ଥିଲା ଓ ଗୋଟିଏ ଶିକ୍ଷା ଅନ୍ୟ ଶିକ୍ଷା ପ୍ରତି ମାର୍ଗଦର୍ଶନ କରୁଛି । ଏଇଥିପାଇଁ ହଜରତ ମସିହ୍ ମଉଦ୍[ଅସ] ବାରମ୍ବାର ଏ କଥା ପ୍ରତି ଜୋର ଦେଇଛନ୍ତି ଯେ ହଜରତ ବାବା ଗୁରୁନାନକ ପବିତ୍ର କୁରଆନ ସହିତ ପ୍ରେମ କରୁଥିଲେ ଓ କୁରଆନର ଅଧ୍ୟୟନ କରୁଥିଲେ । ଏକଥା ମଧ୍ୟ କହିଛନ୍ତି ଯେ ଏହି ଭାବେ ତୁମ ଓ ଆମ ମଧ୍ୟରେ ପ୍ରେମ ଭାବ ବଢ଼ି ପାରିବ, କିନ୍ତୁ ଘୃଣା ନୁହେଁ । କିନ୍ତୁ ବିଚିତ୍ର କଥା ହେଉଛି ଯେ ଲୋକମାନେ ଧର୍ମକୁ ନିମ୍ନ ସ୍ତରକୁ ନେଇ ଆସନ୍ତି । ଅତ୍ୟନ୍ତ ଉଦାରତା ପରିବର୍ତ୍ତେ ଧର୍ମକୁ ହୀନ ଦୃଷ୍ଟି ଆଡ଼କୁ ଟାଣି ଆଣନ୍ତି । ସେଇଥି ପାଇଁ ଭ୍ରାନ୍ତ ଧାରଣା ଜାତ

ହୋଇଥାଏ । ଏବେ ଶୁଣନ୍ତୁ, ପବିତ୍ର କୁରଆନ୍ କିପରି ବର୍ଣ୍ଣନା କରୁଛି:

لَيۡسَ كَمِثۡلِهٖ شَىۡءٌ ۚ وَهُوَ السَّمِيۡعُ الۡبَصِيۡرُ

**ଲୈସା କମିସ୍‌ଲିହି ଶୈଅଉଁ ୱ୍‌ହୋୱ୍‌ସ୍ ସମିଉଲ୍ ବସିର୍**

(ଅଲ୍ ଶୁରା ୧୨)

'ତାହାଙ୍କ ସରି କେହି ହୋଇ ପାରିବେ ନାହିଁ । ସେ ଅତିଶୟ ଶ୍ରବଣକାରୀ ଓ ଦିବ୍ୟଦ୍ରଷ୍ଟା ।'

قُلۡ لَّوۡ كَانَ الۡبَحۡرُ مِدَادًا لِّـكَلِمٰتِ رَبِّىۡ لَنَفِدَ الۡبَحۡرُ قَبۡلَ اَنۡ تَنۡفَدَ كَلِمٰتُ رَبِّىۡ وَلَوۡ جِئۡنَا بِمِثۡلِهٖ مَدَدًا ○

**କୁଲ୍ ଲୌକାନଲ୍ ବହ୍‌ରୁ ମିଦାଦଲ୍ ଲିକଲିମାତି ରବ୍‌ବି ଲନଫିଦଲ୍ ବହରୁ କବ୍‌ଲା ଅନ୍‌ତନ୍‌ଫଦା କଲିମାତୁ ରବ୍‌ବି ୱ୍‌ଲୌଜିନା, ବିମିସ୍‌ଲିହୀ ମଦଦା** (ଅଲ୍ କହଫ୍ ୧୧୦)

'ତୁମେ ସେମାନଙ୍କୁ କହିଦିଅ ଯଦି ସମସ୍ତ ସମୁଦ୍ର ମୋର ପାଳନକର୍ତ୍ତାଙ୍କ ମହିମାକୁ ଲେଖିବା ପାଇଁ କଲମର କାଳି ହୋଇଯାଏ, ତଥାପି ମୋ ପାଳନକର୍ତ୍ତାଙ୍କ ମହିମାର ଗାଥା ଶେଷ ହେବା ପୂର୍ବରୁ ସମୁଦ୍ରର ପାଣି ମଧ୍ୟ ସମାପ୍ତ ହୋଇଯିବ ଅଧିକ ଲେଖିବା ପାଇଁ ପୁଣି ସେତିକି ପାଣିର ଆବଶ୍ୟକତା ପଡ଼ିବ ।'

ଏହା ସେହି ବିଷୟ ଯାହାକୁ ମୁଁ ଏହା ପୂର୍ବରୁ ଆପଣଙ୍କୁ ଅନ୍ୟ ଶବ୍ଦରେ ପାଠ କରି ଶୁଣାଇଥିଲି ।

هُوَ يُحۡىٖ وَيُمِيۡتُ وَاِلَيۡهِ تُرۡجَعُوۡنَ○

**ହୋୱା ୟୁହଇ ୱ୍ ୟୁମିତୁ ଇଲୈହେ ତୁରଜଉନ୍** (ୟୁନସ୍ ୫୭)

'ସେହି ଈଶ୍ୱର ଯିଏ ଜୀବନ ଦାନ କରନ୍ତି ଓ ସେହି ଈଶ୍ୱର ଯିଏ ମୃତ୍ୟୁ ଦେଇଥାନ୍ତି ଏବଂ ତାଙ୍କରି ନିକଟକୁ ତୁମକୁ ଫେରିବାକୁ ହେବ ।'

وَكُلُوۡا مِمَّا رَزَقَكُمُ اللّٰهُ حَلٰلًا طَيِّبًا وَّاتَّقُوا اللّٰهَ الَّذِىۡۤ اَنۡتُمۡ بِهٖ مُؤۡمِنُوۡنَ○

**ୱ୍‌କୁଲୁମିମ୍ମା ରଯକକୁମୁଲ୍ଲାହୁ ହଲାଲନ୍ ତୈୟେବଉଁ ୱ୍‌ତ୍‌ତକୁଲ୍ଲାହଲ୍ଲଯି ଅନ୍‌ତୁମ୍ ବିହି ମୁ' ମିନୁନ୍** (ଅଲ୍ ମାଏଦା ୮୯)

'ଏବଂ ଯାହା କିଛି ଅଲ୍ଲାଃ ତୁମମାନଙ୍କ ନିମନ୍ତେ ସୃଷ୍ଟି କରିଛନ୍ତି, ସେହି ଜୀବିକା ମଧ୍ୟରୁ (ହଲାଲ) ବୈଧ ଓ ପବିତ୍ର ଜିନିଷ ଖାଅ ଏବଂ ଅଲ୍ଲାଃଙ୍କୁ ଭୟ କରି ଓ ତାଙ୍କ ପ୍ରତି ନିଷ୍ଠାବାନ ରୁହ ଯାହା ଉପରେ ତୁମେ ବିଶ୍ୱାସ ଆଣିଛ ।'

ହଜରତ ମସିହ୍ ମଉଦ୍[ଅସ] ବର୍ଣ୍ଣନା କରିଛନ୍ତି:

'ଅପାର ଲୀଳାମୟ ସେହି ଅଲ୍ଲାଃ ଯିଏ ଆମର ପ୍ରଭୁ ! କିଏ ଅଛି ଯିଏ ତାଙ୍କ ସଦୃଶ ହୋଇ ପାରିବ ? ସେ ସ୍ୱୟଂ ସମ୍ପୂର୍ଣ୍ଣ ତଥା ସର୍ବଶକ୍ତିମାନ'

(ରୁହାନି ଖଯାଏନ, ନସିମେ ଦାଓ୍ୱତ୍, ଭାଗ ୧୯, ପୃ: ୪୩୫)

ପରିଶେଷରେ ଏହି ପ୍ରସଙ୍ଗକୁ ସମାପ୍ତ କରିବା ପୂର୍ବରୁ ଏ ସଂକ୍ରାନ୍ତରେ ହିନ୍ଦୁ ଧର୍ମର ଶିକ୍ଷା ମଧ୍ୟରୁ କିଛି ଦୃଷ୍ଟାନ୍ତ ସ୍ୱରୂପ ଆପଣଙ୍କ ସମ୍ମୁଖରେ ପ୍ରସ୍ତୁତ କରିବି । ହଜରତ ମସିହ ମଉଦ[ଅସ]ଙ୍କର ଏକ ଉଲ୍ଲେଖନୀୟ ବ୍ୟାଖ୍ୟା, ଯେଉଁଥିରେ ଈଶ୍ୱର ପ୍ରେମ ଓ ତାହାଙ୍କ ଏକତ୍ୱ ହେବାର ଘୋଷଣା ପ୍ରକାଶ କରିଛନ୍ତି । ସେ କହିଛନ୍ତି:

'ପରମେଶ୍ୱର ତାଙ୍କ ମହନୀୟତା ଓ ସଦଗୁଣରେ ଅଦ୍ୱିତୀୟ ଏବଂ ତାହାଙ୍କର ସମକକ୍ଷ କେହି ନହାନ୍ତି । ତାଙ୍କ ଠାରେ କୌଣସି ପ୍ରକାରର ଦୋଷ ତ୍ରୁଟି ପରିଲକ୍ଷିତ ହୁଏ ନାହିଁ । ସେ ସର୍ବଗୁଣର ସମାହାର, ସମସ୍ତ ପବିତ୍ର ସ୍ୱଭାବ ଓ ପ୍ରାକୃତିକ ଶକ୍ତିର ଉତ୍ପତ୍ତିସ୍ଥଳ । ସେ ସକଳ ସୃଷ୍ଟିର ପରମ କାରଣ ଓ ଅନୁଗ୍ରହର ନିର୍ଝର । ସମସ୍ତ ପ୍ରକାର ପୁରସ୍କାର ଓ ଶାସ୍ତିର ସେହି ଏକମାତ୍ର ପ୍ରଭୁ । ସକଳ ପଦାର୍ଥର ସେ ସାହା ଭରସା ଓ ସମସ୍ତ ବିଷୟର ଆଶ୍ରୟସ୍ଥଳ । ଦୂରରେ ଥାଇ ମଧ୍ୟ ସେ ନିକଟରେ ଓ ପାଖରେ ଥାଇ ମଧ୍ୟ ଦୂରରେ । ସେ ସର୍ବାପେକ୍ଷା ଉର୍ଦ୍ଧ୍ୱରେ ରହିଛନ୍ତି, ମାତ୍ର କେହି ହେଲେ କହିପାରିବେ ନାହିଁ ଯେ ସେ ନିମ୍ନରେ ନାହାନ୍ତି । ସେ ସମସ୍ତ ବସ୍ତୁ ଠାରୁ ଲୁକ୍କାୟିତ ଥାନ୍ତି, କିନ୍ତୁ କେହି କହିପାରିବେ ନାହିଁ ଯେ ତାଙ୍କ ଠାରୁ କେହି ପ୍ରକାଶମାନ ଅଛି । ସେ ସ୍ୱୟଂ ଜୀବିତ ଓ ପ୍ରତ୍ୟେକ ପଦାର୍ଥ ତାଙ୍କ ସହିତ ଜୀବିତ ରହିଛି । ସେ ସ୍ଥାୟୀ ଓ ତାଙ୍କ ସହିତ ପ୍ରତ୍ୟେକ ବସ୍ତୁ ସ୍ଥାୟୀ ରହିଛନ୍ତି । ସେ ପ୍ରତ୍ୟେକ ବସ୍ତୁକୁ ତୋଳି ଧରି ରଖିଛନ୍ତି । କିନ୍ତୁ ଏପରି କେହି ନାହାନ୍ତି ଯିଏ ତାକୁ ତୋଳି ଧରିବ । କୌଣସି ପଦାର୍ଥ ନାହିଁ ଯେ ତାହାଙ୍କ ବ୍ୟତୀତ ଆପଣା ଛାଏଁ ସୃଷ୍ଟି ହୋଇଛି କିମ୍ବା ତାଙ୍କ ବ୍ୟତୀତ ବଞ୍ଚି ପାରିବ । ସେ ପ୍ରତ୍ୟେକ ପଦାର୍ଥ ଉପରେ ଘେରି ହୋଇ ରହିଛନ୍ତି । କିନ୍ତୁ ଆମେ କହିପାରିବା ନାହିଁ ଯେ ସେ କିପରି ଘେରି ରହିଛନ୍ତି । ସେ ଆକାଶ ଓ ପୃଥିବୀରେ ଥିବା ପ୍ରତ୍ୟେକ ପଦାର୍ଥର ଜ୍ୟୋତି । ପ୍ରତ୍ୟେକ ଜ୍ୟୋତି ତାଙ୍କରି ହସ୍ତ ଦ୍ୱାରା ପ୍ରଜ୍ୱଳିତ ହୋଇଛି ଓ ତାଙ୍କରି ଅସ୍ତିତ୍ୱର ପ୍ରତିବିମ୍ବ । ସେ ସମସ୍ତ ସଂସାରର ପାଳନକର୍ତ୍ତା କୌଣସି ପ୍ରାଣୀ ନାହିଁ, ଯିଏ ତାଙ୍କ ଦ୍ୱାରା ପ୍ରତିପାଳିତ ହେଉନାହାନ୍ତି । କୌଣସି ଜୀବର କିଛି ହେଲେ ଶକ୍ତି ନାହିଁ, ଯାହା ତାଙ୍କଠାରୁ ପ୍ରାପ୍ତ ନ ହୋଇ ଆପେ ଆପେ ଉଭା ହୋଇ ଯାଇଛନ୍ତି ।

(ରୁହାନି ଖଜାଏନ୍, ଲେକ୍‌ଚର ଲାହୋର, ଖଣ୍ଡ ୨୦, ପୃ: ୧୫୨-୧୫୩)

ସୁତରାଂ ବିଶ୍ୱରେ ଯେତେ ଧର୍ମ ରହିଛି, ସେମାନେ ବାସ୍ତବରେ ଏକ ପରମାତ୍ମାଙ୍କ ଆଡ଼କୁ ଆହ୍ୱାନ କରିଥାନ୍ତି । ଯଦି ସେହି ଏକମାତ୍ର ଈଶ୍ୱରଙ୍କ ସହିତ ବାସ୍ତବିକ୍ ସମ୍ପର୍କ ସ୍ଥାପିତ ହୋଇଯାଏ, ତା'ହେଲେ ଏହାହିଁ ଧର୍ମକୁ ଧର୍ମ ସହିତ ଯୋଡିବା ପୂର୍ବକ ମୈତ୍ରୀ ସ୍ଥାପନ କରିବାର ଗୁଢତତ୍ତ୍ୱ । ଏହା ବ୍ୟତୀତ ଅନ୍ୟ କୌଣସି ଉପାୟ ବା ମାଧ୍ୟମ ନାହିଁ । ପରମାତ୍ମାଙ୍କ ଆଡ଼କୁ ଭକ୍ତମାନଙ୍କୁ ଫେରାଇ ଆଣ । ସେ ସ୍ୱୟଂ ଭକ୍ତମାନଙ୍କୁ ପରସ୍ପର ସହିତ ମିଳାଇ ଦେବେ । ସେମାନେ ହିଁ ପ୍ରଭୁଙ୍କ ନିକଟସ୍ଥ ହୋଇ ଥାଆନ୍ତି, ଯେଉଁମାନେ ପ୍ରଥମେ ଭକ୍ତମାନଙ୍କ ସହିତ ମିଶିବାରେ ପ୍ରାଥମିକତା ହାସଲ କରନ୍ତି । ଯେଉଁମାନେ ଭକ୍ତମାନଙ୍କ ସହିତ ସମ୍ପର୍କ ତୁଟାଇ ଦେଇ ଈଶ୍ୱରଙ୍କ ଆଡ଼କୁ ଯାଆନ୍ତି, ସେମାନଙ୍କର ଓ ପ୍ରଭୁଙ୍କ ମଧ୍ୟରେ ଦୂରତା ସର୍ବଦା ବଢ଼ି ଚାଲିଥାଏ । ସେମାନେ କେବଳ ଆପଣାକୁ ଧୋକା ଦେଇଥାଆନ୍ତି । ତେଣୁ ମୁଁ ଶେଷ ଥର ପାଇଁ ପୁଣି ଉପଦେଶ ଦେଉଛି 'ହେ ମୋର ଶିଖ୍ ଭାଇମାନେ, ଯେଉଁମାନେ ଏଠାରେ ଆମ ସହିତ ଅତି ଉତ୍ତମ ଶିଷ୍ଟାଚାର ପ୍ରଦର୍ଶିତ କରିଛନ୍ତି । ଅତି ଆଦର ସହିତ ଉନ୍ମୁକ୍ତ ବାହୁ ଫାଶରେ ଆମକୁ ଆଲିଙ୍ଗନ କରିଛ ଓ ଆମର ସ୍ୱାଗତ ସମ୍ବର୍ଦ୍ଧନା କରିଛ । ଯେଉଁ ଗଳିକନ୍ଦି ମାନଙ୍କରେ ମୁଁ ବିଚରଣ କରିଛି, ସେଠାରେ ମୁଁ ଶିଖ ଭାଇମାନଙ୍କୁ ଦେଖିଛି ଯେ ସେମାନେ ନିଜ ନିଜ ପ୍ରବେଶ ଦ୍ୱାର, କବାଟ କୋଣରେ ଛିଡ଼ା ହୋଇ ଅତି ଶ୍ରଦ୍ଧାର ସହିତ ହାତ ହଲାଇ ମୋର ଅଭିବାଦନ କରୁଥିଲେ । ନିଜ ଘରମାନଙ୍କୁ ଯିବା ପାଇଁ ଡାକୁଥିଲେ । ଏପରିକି ଗୋଟିଏ ପରିବାରର ଗୋଟିଏ ଛୋଟ ଓ ଅତି କୁନି ପିଲାଟିଏ ଛାତ ଉପରେ ଚଢ଼ି ଦୁଇ ହାତ ଯୋଡ଼ି ବଡ଼ ବିନୟ ଭାବରେ କହିଲା ଯେ ଆପଣ ଆମ ଘରକୁ ନିଶ୍ଚୟ ଆସନ୍ତୁ । ସୁତରାଂ ମୁଁ ତାଙ୍କ ଘରକୁ ଗଲି ଓ ତାଙ୍କ ଘରେ କ୍ଷୀର ପାନ କଲି । ଏ ସମସ୍ତ କଥାକୁ ଭାବିଲେ ମୋ ମନରେ ଆସିଲା ଯେ ପ୍ରଭୁଙ୍କ ଅନୁଗ୍ରହର କ୍ଷୀର ତ ସମସ୍ତଙ୍କ ପାଇଁ ସମାନ । ଏହାତ ଐଶ୍ୱରିକ ପ୍ରେମର କ୍ଷୀର ଯିଏ ପ୍ରତ୍ୟେକ ମନୁଷ୍ୟର ବୌଦ୍ଧିକ ବିକାଶ କରିଥାଏ । ଏହା ଏକ ମାତ୍ର କ୍ଷୀର, ଯାହା ବ୍ୟତୀତ ଜୀବନ ମୂଲ୍ୟହୀନ । ତେଣୁ ବିରୋଧକୁ ନିଜ ସ୍ଥାନରେ ରହିବାକୁ ଦିଅ ଓ ନିଜ ଭିତରେ (ତୌହିଦ୍) ଏକେଶ୍ୱରବାଦକୁ ପ୍ରେମ କରିବାର ସୁଯୋଗ ଦିଅ । ହୃଦୟରେ ସେହି ଆବେଗ ସୃଷ୍ଟି କରିବାର ସୁଯୋଗ ଦିଅ, ଯାହାର ରଙ୍ଗ, ବର୍ଣ୍ଣର ପ୍ରଭେଦ ମଧ୍ୟ ଆମକୁ ଏକଜୁଟ ହେବାରୁ କ୍ଷାନ୍ତ କରି ପାରିବ ନାହିଁ । ଭୌଗୋଳିକ ପାର୍ଥକ୍ୟ ଆମକୁ ଅଲଗା କରି ପାରିବ ନାହିଁ । ଧାର୍ମିକ ବିବିଧତା ମଧ୍ୟ ଆମକୁ ଦୂରେଇ ପାରିବ ନାହିଁ । ଏକେଶ୍ୱର ପ୍ରେମ ହିଁ ଆମକୁ ଏକତ୍ରିତ କରିପାରିବ । ମୁଁ ସ୍ୱୟଂ ନିଜ ଆଖିରେ ଏହାର ଅତି ସୁନ୍ଦର ଦୃଶ୍ୟମାନ ଦେଖିଛି । ଅଲ୍ଲାଃ କରନ୍ତୁ ଏହି କାଦିୟାନ୍ ଯାହାକୁ ଈଶ୍ୱର 'ଦାରୁଲ୍

ଅମାନ' (ଶାନ୍ତିର ନିବାସ) କହିଛନ୍ତି, ସର୍ବଦା ଦାରୁଲ୍ ଅମାନ ହୋଇ ରହୁ । ଏହାର ଶାଶ୍ୱତ ବାର୍ତ୍ତା ବିଶ୍ୱରେ ବିସ୍ତାରିତ ହୋଇ ଚାଲି ଥାଉ । ଏହି ଶାନ୍ତିର ପ୍ରଚାର ପାଇଁ ଆପଣମାନେ ବିଶ୍ୱରେ ପ୍ରସାରିତ ହୋଇ ଯାଆନ୍ତୁ । ଏହି ଶାନ୍ତିକୁ ପ୍ରସାରିତ କରିବାରେ ଆପଣ ଶିଖ୍ ବନ୍ଧୁମାନେ ଆମକୁ ସହଯୋଗ କରନ୍ତୁ ଓ ଆପଣ ହିନ୍ଦୁ ବନ୍ଧୁମାନେ ମଧ୍ୟ ଆମର ସହଯୋଗ କରନ୍ତୁ । ଆମେ ମଧ୍ୟ ଆପଣଙ୍କ ହାତରେ ହାତ ମିଶାଇ ବିଶ୍ୱକୁ ଏହି ସନ୍ଦେଶ ଦେବୁ ଯେ 'ହେ ବିଶ୍ୱବାସୀ ! ଆସ ଏହି କାଦିୟାନ ଗ୍ରାମରୁ ସଞ୍ଜିବନୀ ସୁଧାର ସୁତ୍ର ଜାଣି ନିଅ । ଶାନ୍ତିରେ ଜୀବନ ବ୍ୟତୀତ କରିବା ଶୈଳୀ ଶିଖିନିଅ । ଆଜି ଆମେ ସମସ୍ତେ ମିଶି ତୁମମାନଙ୍କୁ ଶାନ୍ତିର ଦୁନିଆକୁ ଆହ୍ୱାନ କରୁଛୁ, ଯେଉଁ ଦୁନିଆ ଏକ ପରମ ବ୍ରହ୍ମଙ୍କ ଦୁନିଆ । ଏହି ଦୁନିଆକୁ ନ ଆସିବା ପର୍ଯ୍ୟନ୍ତ ପ୍ରକୃତରେ ଶାନ୍ତି ପ୍ରାପ୍ତ ହୋଇ ପାରିବ ନାହିଁ ।

ଏବେ ମୁଁ ହିନ୍ଦୁ ଧର୍ମର ଏକେଶ୍ୱରବାଦ ସମ୍ବନ୍ଧରେ କେତେକ ଶିକ୍ଷା ଉଦାହରଣ ସ୍ୱରୂପ ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରିବି । ଗୀତାରେ ଉଲ୍ଲେଖିତ ଗୋଟିଏ ଶ୍ଳୋକ ଯାହାର ଅନୁବାଦ 'ଦିଲ୍‌କି ଗୀତା' ନାମରେ ପ୍ରକାଶିତ ହୋଇଛି, ଏହାର ଅଧ୍ୟାୟ ୧୮, ଶ୍ଳୋକ ୨୦ରେ ଏହିପରି ବର୍ଣ୍ଣିତ ଅଛି:

**ପରେ ଗୈବସେ ଭି ହେି ଏକ୍ ଯାତ୍ ଗୈବ**
**ଓ୍ୱହ୍ ହସ୍ତି ଫନା କା ହେି ଯିସ୍‌ମେଁ ଅଏବ୍ ।**
**କିସିକି ନା କୁଛ ବାତ୍ ବାକି ରହେ**
**ଫକତ୍ ଇକ୍ ଓ୍ୱହି ଜାତ୍ ବାକି ରହେ ।**

ପବିତ୍ର କୁର୍‌ଆନ ଏହି ବିଷୟକୁ ବର୍ଣ୍ଣନା କରି କହିଛି:

كُلُّ مَنْ عَلَيْهَا فَانٍ ○ وَّيَبْقٰى وَجْهُ رَبِّكَ ذُو الْجَلٰلِ وَالْاِكْرَامِ ○

**କୁଲ୍ଲୁ ମନ୍ ଅଲୈହା ଫାନ୍ - ଓ୍ୱୟବ୍‌କା ଓ୍ୱଜ୍‌ହୁ ରବ୍‌ବିକା ଜୁଲ୍‌ଜଲାଲି ଓ୍ୱଲ ଇକ୍‌ରାମ୍** (ଅଲ ରହମାନ ୨୭-୨୮)

'ଯାହାକିଛି ଏ ସଂସାରରେ ରହିଛି, ସେସବୁ ନିଶ୍ଚିତ ଭାବେ ଲୋପ ପାଇଯିବ ଏବଂ କେବଳ ସେ ହିଁ ଜୀବିତ ରହିବ, ଯା'ପ୍ରତି ତୁମ ଅଲ୍ଲାଃଙ୍କ ମହିମା ଓ ମହାନ ବଦାନ୍ୟତା ରହିଛି ।'

ଅର୍ଥାତ୍ ଈଶ୍ୱରଙ୍କ କରୁଣା ଦ୍ୱାରା ଆମେ ଜୀବିତ ରହିଛେ । ଯଦି ଆମ ଉପରେ ତାଙ୍କ ଅନୁଗ୍ରହରୁ ସେ ମୁହଁ ମୋଡ଼ି ନିଅନ୍ତି, ତେବେ ଆମେ ସୁନିଶ୍ଚିତ ମୃତ୍ୟୁ ବରଣ କରିବା, ନା ପ୍ରକାଶ୍ୟ ଭାବେ ପାର୍ଥିବ ଶରୀରରେ ଜୀବିତ ରହିବା ନା ଆଧ୍ୟାତ୍ମିକ ଭାବେ ଜୀବିତ ରହିବା ।

ପୁଣି ଏକ ଶ୍ଳୋକ 'ଦିଲ୍‌କି ଗୀତା' ପୁସ୍ତକରୁ ହିଁ ମୁଁ ପ୍ରସ୍ତୁତ କରୁଛି । ଅଧ୍ୟାୟ-୮, ଶ୍ଳୋକ ସଂ ୨ ୨ ରେ ଉଲ୍ଲେଖିତ ଅଛି:

**ଯୋ କର୍‌ତେ ହେଁ ଖାଲିସ୍ ଏବାଦ୍ ମେରି ।**
**କୋ ୟକ୍‌ଦିଲ୍ ହୋଁ ଜୀ, ମେଁ ନା ରଖେଁ ଦୁଇ ।**
**କରୁ ହାଜିତେଁ ଉନ୍‌କି ପୁରି ତମାମ୍ ।**
**ଓ୍ୱହ୍ ମେରି ହିଫାଜତ୍ ମେଁ ହୋଁ ସୁବହା ଶାମ୍ ।**

ହଜରତ ମସିହ ମଉଦ[ଅସ] କହିଛନ୍ତି :

**ଚାହିଏ ତୁଝ୍‌କୋ ମିଟାନା କଲ୍‌ବ୍ ସେ ନକ୍‌ସେ ଦୁଇ**
**ସର୍ ଝୁକା ବସ୍ ମାଲିକେ ଅର୍‌ଜ୍ ଓ ସମାକେ ସାମ୍‌ନେ ।**

(ଅଲ୍ ଫଯଲ୍, ୧୩ ଜାନୁଆରୀ ୧୯୨୮)

ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃତାଲା କହିଛନ୍ତି:

فَادْعُوا اللّٰهَ مُخْلِصِيْنَ لَهُ الدِّيْنَ وَلَوْ كَرِهَ الْكٰفِرُوْنَ

**ଫଦ୍‌ଉଲ୍ଲାହା ମୁଖ୍‌ଲସିନା ଲହୁଦ୍ଦିନା ଓ୍ୱଲୌ କରିହଲ୍ କାଫିରୁନ୍**

(ମୋମିନ ୧୩)

ଅର୍ଥାତ୍ 'ଅବଜ୍ଞାକାରୀ ହୁଏତ ଯେ କୌଣସି ପ୍ରକାରେ ଘୃଣା କରନ୍ତୁ, ତୁମ୍ଭେ ସେହି ଏକ୍ ଈଶ୍ୱରକୁ ପୂର୍ଣ୍ଣ ନିଷ୍ଠା ଓ ବିଶ୍ୱାସ ସହିତ ସ୍ମରଣ କରୁଥାଅ ।'

ଭାଗବତ ଗୀତାର ପୃ: ୩୬୫ରେ ଉଲ୍ଲେଖ ଅଛି:

'ହେ ଅର୍ଜୁନ ! ତୁମେ ଯେଉଁ କାର୍ଯ୍ୟ କରୁଛ, ତୁମେ ଯେଉଁ ଭୋଜନ କରୁଛ, ତୁମେ ଯେଉଁ ହୋମ ଯଜ୍ଞ କରୁଛ ଏବଂ ତୁମେ ଯେଉଁ ଦାନ କରୁଛ ତଥା ତୁମେ ଯେଉଁ ତପସ୍ୟା କରୁଛ, ତାହା ସବୁ ମୋର ଆୟତ୍ତାଧୀନ ହୋଇ ରହିଛି । ଅର୍ଥାତ୍ 'ତୁ ଯାହା ସବୁ କର୍ମ କରୁ, ସେ ସବୁ ମୋ ପାଇଁ ଉଦ୍ଦିଷ୍ଟ' ।

**ଫକତ୍ ମେରି ଖାତିର୍ ତୁ ହର୍ କାମ୍ କରେ**
**ହୋମ୍ ଦାନ୍ ଦେ ସବ୍ ମେରେ ନାମ୍ ପର୍ ।**
**ତେରା ଖାନା ପିନା ହୋ ମେରେ ଲିଏ**
**ତେରା ତପ୍ ସେ ଜୀନା ହୋ ମେରେ ଲିଏ ।**

ଏହି ବିଷୟକୁ ପବିତ୍ର କୁର୍‌ଆନ୍ ଅତି ସୁନ୍ଦର ଭାବେ, ଏପରି ବର୍ଣ୍ଣନା କରିଛି:

قُلْ إِنَّ صَلَاتِي وَنُسُكِي وَمَحْيَايَ وَمَمَاتِي لِلّٰهِ رَبِّ الْعٰلَمِيْنَ ○

**କୁଲ୍ ଇନ୍ନା ସଲାତି ଓ୍ୱନୁସୁକି ଓ୍ୱମହିୟାୟା ଓ୍ୱମାମତି ଲିଲ୍ଲାହି ରବ୍‌ବିଲ୍ ଆଲମିନ୍** (ଅଲ୍ ଅନାଆମ୍ ୧୬୩)

ଅର୍ଥାତ୍ : 'ଦେଖ, ମୁଁ ସମ୍ପୂର୍ଣ୍ଣ ଭାବେ ପରମେଶ୍ୱରଙ୍କର ହୋଇ ଯାଇଅଛି । ମୋର ସମସ୍ତ ଉପାସନା, ମୋର ତ୍ୟାଗ ଓ ମୋର ବଞ୍ଚି ରହିବା, ମୋର ମୃତ୍ୟୁ ଲଭିବା ସବୁ କିଛି ପ୍ରଭୁଙ୍କର ହୋଇ ସାରିଛି ।'

ଯେତେବେଳେ ମନୁଷ୍ୟର ପ୍ରେମ ପ୍ରଭୁଙ୍କ ସହିତ ଏପରି ଅବସ୍ଥାକୁ ପହଞ୍ଚି ଯାଏ ଯେ ତା'ର ଜୀବନ ମରଣ ନିଜ ପାଇଁ ନୁହେଁ ବରଂ ପ୍ରଭୁଙ୍କ ପାଇଁ ହୋଇଥାଏ, ସେତେବେଳେ ସେହି ପ୍ରଭୁ ଯେ କି ସଦା ସର୍ବଦା ପ୍ରେମ କରୁଥିବା ବ୍ୟକ୍ତିଙ୍କ ସହିତ ପ୍ରେମ କରି ଆସୁଛନ୍ତି, ନିଜର ସ୍ନେହଶ୍ରଦ୍ଧା, ତା' ଉପରେ ଅଜାଡ଼ି ଦେଇଥାନ୍ତି । ଏହି ଉଭୟ ପ୍ରେମ ମିଳିତ ହୋଇ ମନୁଷ୍ୟ ଅନ୍ତାରରେ ଏକ ଜ୍ୟୋତିକୁ ଉତ୍ପନ୍ନ କରିଥାଏ, ଯାହାକୁ ଏ ଦୁନିଆ ଚିହ୍ନିପାରେ ନାହିଁ କି ବୁଝିପାରେ ନାହିଁ । ସହସ୍ର ସତ୍ୟବାଦୀ ଓ ଉତ୍ତମ ପୁରୁଷମାନଙ୍କୁ କେବଳ ଏଇଥିପାଇଁ ବଧ କରି ଦିଆଯାଇଛି ଯେ ଦୁନିଆ ତାଙ୍କୁ ଚିହ୍ନି ପାରିଲା ନାହିଁ । ସେମାନେ ଏହି କାରଣରୁ କପଟି ଓ ସ୍ୱାର୍ଥୀ ବୋଲାଇଲେ ଯେ ଦୁନିଆ ସେମାନଙ୍କ ଦିପ୍ତିମାନ ଚେହରାକୁ ଦେଖିପାରି ନଥିଲା ।

(ଜଲସା ମଜାହିବ୍ ପୃ: ୭୬)

ସୁତରାଂ ସେହି ବ୍ୟକ୍ତି ଯେଉଁମାନେ ଦିପ୍ତିମାନ ଜ୍ୟୋତିର ବିରୋଧ କରୁଛନ୍ତି ଓ ଧାର୍ମିକ ଜ୍ଞାନୀମାନଙ୍କୁ ହତ୍ୟା କରିବା ପାଇଁ ତତ୍ପର ହୋଇଥାଆନ୍ତି, ସେମାନେ ନିଜେ ପ୍ରଭୁଙ୍କ ଠାରୁ ସମ୍ପର୍କ ଛିନ୍ନ କରିବା ଫଳରେ ଏକ ଅନ୍ଧକାରମୟ ଜୀବନ ନିର୍ବାହ କରୁଛନ୍ତି । ଯେପରି ଅନ୍ଧକୁ ଜଣାପଡ଼େ ନାହିଁ ଯେ ଠିକ ରାସ୍ତା କେଉଁଟା ରହିଛି ଓ ଅନେକ ସମୟରେ କାନ୍ଥ ବାଡ଼ରେ ଠୋକର ଖାଇଯାଏ ତଥା ପିଟି ହୋଇଯାଏ, ଠିକ୍ ଏହି ଅବସ୍ଥା ହୃଦୟର ଅନ୍ଧମାନଙ୍କର ମଧ୍ୟ ହୋଇଥାଏ । କିନ୍ତୁ ଯେଉଁମାନେ ପ୍ରଭୁଙ୍କ ସହିତ ବାସ୍ତବିକ ପ୍ରେମ କରନ୍ତି, ସେମାନଙ୍କୁ ନିଶ୍ଚିତ ଭାବେ ଜ୍ୟୋତି ପ୍ରଦାନ କରାଯାଇ ଥାଏ । ସେହି ପ୍ରେମର ପରିଣାମ ଦ୍ୱାରା ହୁଏତ ସେ ଯେ କୌଣସି ଧର୍ମରେ ସମ୍ପର୍କିତ ଥାଉ ନା କାହିଁକି, ସେମାନେ ପ୍ରଭୁଙ୍କ ଭକ୍ତମାନଙ୍କୁ ତାଙ୍କ ହୃଦୟର ଚକ୍ଷୁ ଦ୍ୱାରା ଚିହ୍ନି ନିଅନ୍ତି । ଏହା ଅସମ୍ଭବ ଯେ ଅଲ୍ଲାଃତାଲାଙ୍କ ବାସ୍ତବିକ ପ୍ରେମୀ ଅନ୍ୟ କୌଣସି ସତ୍ୟନିଷ୍ଠ ଭକ୍ତ ଓ ପ୍ରେମୀକୁ ଘୃଣା କରିପାରେ । ତା'ର ହୃଦୟର ଚକ୍ଷୁ ତାକୁ ଚିହ୍ନାଇ ଦେବ ଯେ ସେ କିଏ ? ତାହା ଏପରି ଜ୍ୟୋତି ଯେ ସେମାନେ ପରସ୍ପରକୁ ଚିହ୍ନି ଯାଆନ୍ତି ଓ ଜଣେ ଅନ୍ୟ ପ୍ରତି ପ୍ରେମର ଆବେଗକୁ ଅନୁଭବ କରନ୍ତି ।

ଭାଗବତ ଗୀତା ପୃ: ୬୪୪ ରେ ଉଲ୍ଲିଖିତ ଅଛି:

‘ହେ ଅର୍ଜୁନ ! ତୁମେ ସମସ୍ତ ପ୍ରକାର ଅବସ୍ଥାରେ ସେହି ଈଶ୍ୱରଙ୍କ ଶରଣାଗତ ହୋଇଯାଅ, ତା’ହେଲେ ତାଙ୍କର ଆଶିର୍ବାଦରୁ ପରମ ଶାନ୍ତି ତଥା ମର୍ଯ୍ୟାଦା ପ୍ରାପ୍ତ କରିପାରିବ ।’

**ତୁ ମଲ୍‌ଜା ଓ ମାଓ୍ୱା ଉସିକୋ ବନା**
**ଉସି ଯାତ୍ ମେଁ ଅପ୍‌ନି ହସ୍ତି ଲଗା ।**
**ତୁ ରହମତ୍ ମେଁ ଉସକି ସମାଯାଏଗା**
**ସୁକୁନ୍ ଓ ବକା ଉସ୍‌ସେ ପା ଯାଏଗା ।**

ପବିତ୍ର କୁର୍‌ଆନ୍ ବର୍ଣ୍ଣନା କରିଛି:

اَلَّذِيْنَ اٰمَنُوْا وَتَطْمَىِٕنُّ قُلُوْبُهُمْ بِذِكْرِ اللّٰهِ ؕ اَلَا بِذِكْرِ اللّٰهِ تَطْمَىِٕنُّ الْقُلُوْبُ ○

**ଅଲ୍ଲଯିନା ଆମନୁ ତତ୍‌ମଇନ୍‌ନୁ କୁଲୁବହୁମ୍ ବିଯିକ୍‌ରିଲ୍ଲାହେ ଅଲା ବିଯିକ୍‌ରିଲ୍ଲାହି ତତ୍‌ମଇନ୍ନୁଲ୍ କୁଲୁବ୍** (ରାଆଦ୍ ୨୦)

‘ଯେଉଁମାନେ ବିଶ୍ୱାସ ଆଣନ୍ତି ଓ ବିଶ୍ୱାସ ଆଣିବା ପରେ ସେମାନଙ୍କୁ ଈଶ୍ୱର ସ୍ତୁତି ଦ୍ୱାରା ହିଁ ଶାନ୍ତି ଲାଭ ହୋଇଥାଏ ।’ ତେଣୁ କୁହାଯାଇଛି :

اَلَا بِذِكْرِ اللّٰهِ تَطْمَىِٕنُّ الْقُلُوْبُ

**ଅଲା ବି ଜିକ୍‌ରିଲ୍ଲାହି ତତମାଇନ୍ନଲ୍ କୁଲୁବ୍**

ମନୁଷ୍ୟ ଯାହା ଇଚ୍ଛା ତାହା କରୁ, ଯେଉଁଆଡ଼େ ଧାଇଁବାକୁ ଇଚ୍ଛା କରୁଛି ଧାଇଁ ଚାଲିଥାଉ । ଈଶ୍ୱରଙ୍କ ସ୍ତୁତି ଓ ତାହାଙ୍କ ପ୍ରତି ପ୍ରେମ ବ୍ୟତୀତ ମନୁଷ୍ୟ କଦାପି ଶାନ୍ତି ଲାଭ କରି ପାରିବ ନାହିଁ ।’

ଦିଲ୍ କି ଗୀତା, ଅଧ୍ୟାୟ଼ ୧୮, ଶ୍ଲୋକ ସଂ ୨୨ରେ ଉଲ୍ଲେଖ ଅଛି:

**ତୁ ସବ୍ ଧରମ୍ ଛୋଡ଼୍ ଅଓର ଲେ ମେରି ରାହ୍**
**ତୁ ମାଙ୍ଗ୍ ଆକେ ଦାମନ୍ ମେଁ ମେରେ ପନାହ୍**
**ତେରେ ପାପ୍ ସବ୍ ଦୂର୍ କରୁଙ୍ଗା ମୈଁ**
**ନା ଗମ୍‌ଶିନ୍ ହୋ ମସ୍‌ରୁର୍ କରୁଙ୍ଗା ମୈଁ ।**

وَالَّذِيْنَ اٰمَنُوْا وَعَمِلُوا الصّٰلِحٰتِ لَنُكَفِّرَنَّ عَنْهُمْ سَيِّاٰتِهِمْ
وَلَنَجْزِيَنَّهُمْ اَحْسَنَ الَّذِيْ كَانُوْا يَعْمَلُوْنَ ○

**ୱଲ୍ଲଯିନା ଆମନୁ ୱ ଅମଲୁସ୍ ସ୍ୱାଲିହାତି ଲ ନୁକଫ୍‌ଫିରନ୍‌ନା ଅନ୍‌ହୁମ୍ ସୟେଆତିହିମ୍ ୱଲାନଜ୍ ଯିୟନ୍ନହୁମ୍ ଅହସନଲ୍ଲଯି କାନୁ ୟାମଲୁନ୍**

(ଅଲ୍ ଅନ୍‌କବୁତ୍ ୮)

ଅର୍ଥାତ୍ 'ଯେଉଁମାନେ ବିଶ୍ୱାସ ଆଣିଲେ ଓ ବିଶ୍ୱାସ ଅନୁଯାୟୀ ସେମାନେ କର୍ମ କଲେ, ଆମ୍ଭେ ତାଙ୍କ ମନ୍ଦକର୍ମ ସେମାନଙ୍କ ଠାରୁ ଦୂର କରିଦେବୁ ଏବଂ ଯେଉଁ ସତକର୍ମ ସେମାନେ ସମ୍ପାଦନ କରିଛନ୍ତି, ତା'ର ଉତ୍ତମ ବଦଳା ସେମାନଙ୍କ କର୍ମ ଅନୁସାରେ ତାଙ୍କୁ ଦିଆଯିବ ।'

ସମୟ ଅଭାବରୁ ଅନ୍ୟାନ୍ୟ ଉକ୍ତିମାନଙ୍କୁ ଛାଡ଼ି ଦେଉଛି । ଏବେ ମୁଁ ଆପଣଙ୍କୁ ପ୍ରଭୁଙ୍କ ସହିତ ପ୍ରେମ ଓ ଏକେଶ୍ୱରବାଦର ପ୍ରସଙ୍ଗ ପରେ ଶିଖମତ ଓ ହିନ୍ଦୁମତରେ ମନୁଷ୍ୟ ପ୍ରତି ସହାନୁଭୂତି ତଥା ମାନବିକତା ସମ୍ପର୍କରେ ଥିବା ବିଷୟମାନଙ୍କର କେତେକ ଉଦାହରଣ ବ୍ୟକ୍ତ କରୁଛି ।

ଗୁରୁଗ୍ରନ୍ଥ ସାହିବ୍, ପୃ: ୧ ୨ ୯ ୯ ମହଲ୍ଲା ପଞ୍ଚମରେ ଉଲ୍ଲେଖ ରହିଛି:

**ପିସ୍‌ର ଗଇ ସବ୍ ତାତ୍ ପୁରାଇ ଯବ୍‌ତେ ସାଧ୍ ସଙ୍ଗତ୍ ମୋହେ ପାଇ ।**
**ରହାଓନା କୋ ବୈର ବେଟାନା ସଗଲ ସଙ୍ଗ ହମ୍‌କୋ ବନ୍ ଆଇ ।**

ଅର୍ଥ 'ଆମର ଧାରଣା ଅନୁଯାୟୀ କେହି ପର ନୁହନ୍ତି ସମସ୍ତେ ଆପଣାର, ସମସ୍ତଙ୍କ ପ୍ରତି ଆମର ପ୍ରେମ ଓ ଶ୍ରଦ୍ଧା ରହିଛି ।'

ହଜରତ ମସିହ୍ ମଉଦ୍ [ଅସ] ଉଲ୍ଲେଖ କରିଛନ୍ତି:

'ମୁଁ ସମସ୍ତ ମୁସଲ୍‌ମାନ୍, ଖ୍ରୀଷ୍ଟିୟାନ୍, ହିନ୍ଦୁ ଏବଂ ଆର୍ଯ୍ୟମାନଙ୍କୁ ଏହା ସ୍ପଷ୍ଟ କରୁଛି ଯେ ଦୁନିଆରେ ମୋର କେହି ଶତ୍ରୁ ନାହାନ୍ତି । ମୁଁ ମାନବ ଜାତି ସହିତ ସେହି ପରି ପ୍ରେମ କରେ, ଯେପରି କି ସ୍ନେହମୟୀ ମାତା ନିଜର ସନ୍ତାନମାନଙ୍କୁ ସ୍ନେହ ଓ ଆଦର କରିଥାଏ, ବରଂ ତା' ଠାରୁ ମଧ୍ୟ ଅଧିକ । ମୁଁ କେବଳ ସେହି ଭ୍ରାନ୍ତ ଧାରଣାର ଶତ୍ରୁ, ଯଦ୍ୱାରା ସତ୍ୟର ହତ୍ୟା ହେଉଛି । ମନୁଷ୍ୟ ପ୍ରତି ସହାନୁଭୂତି ହେଉଛି ମୋର କର୍ତ୍ତବ୍ୟ ।' (ରୁହାନି ଖଯାଏନ, ଅରବଇନ୍ ସଂ ୧, ଖଣ୍ଡ ୧୭, ପୃ: ୩୪୪)

ପୁଣି ଗୁରୁଗ୍ରନ୍ଥ ସାହେବ୍‌ରେ ହଜରତ ବାବା ଗୁରୁ ନାନକ ସାହେବଙ୍କ ବାଣୀ, ପୃ: ୯ ୯ ୧ ମହଲ୍ଲା ୧ ରେ ଉଲ୍ଲେଖ ଅଛି:

**ମନ୍ଦା ଜାନେ ଆପ୍‌କୋ ଔର୍ ଭଲା ସଂସାର୍ ।**

ଅର୍ଥାତ 'ମନୁଷ୍ୟ ନିଜକୁ ଦୁର୍ବଳ ଓ ନିକୃଷ୍ଟ ମନେ କରୁ ଏବଂ ସମସ୍ତ ସଂସାରକୁ ଉତ୍ତମ ଓ ସାଧୁ ମନେ କରୁ ।' ବିନମ୍ରତାର ଏହା ଏକ ଉତ୍କୃଷ୍ଟ ଧରଣର ଶିକ୍ଷା ।

ହଜରତ ମସିହ୍ ମଉଦ୍[ଅସ] ବର୍ଣ୍ଣନା କରିଛନ୍ତି:

**ବଦ୍‌ତର୍ ବନୋ ହର୍‌ଏକ୍ ସେ ଅପ୍‌ନେ ଖୟାଲ୍ ମେଁ**
**ଶାୟଦ୍ ଇସିସେ ଦଖଲ୍ ହୋ ଦାରୁଲ୍ ଓ୍ୱସାଲ୍ ମେଁ**

ଯଦି ତୁମେ ନିଜ ଭାବନାରେ ନିଜକୁ ଅନ୍ୟ ଠାରୁ ନଗଣ୍ୟ ଓ ତୁଚ୍ଛ ମନେ କରିବ, ତେବେ ଅସମ୍ଭବ ନୁହେଁ, ବରଂ ଏହା ସମ୍ଭବ ଯେ ଏହି ପଥ ଦ୍ୱାରା ତୁମଙ୍କୁ ଅଲ୍ଲାଃତାଲା ମିଳିଯାଇ ପାରନ୍ତି । ସୁତରାଂ ହଜରତ ମସିହ ମଉଦ୍[ଅସ] ଙ୍କୁ ଯେତେବେଳେ ଅଲ୍ଲାଃତାଲା ଏ ଯୁଗର ଇମାମ (ଯୁଗାବତାର) କରି ପ୍ରେରଣ କଲେ, ସେତେବେଳେ ଏହି କାରଣ ଦର୍ଶାଇ ଥିଲେ, ଯେ **'ଉସେ ତେରି ଆଜିଯାନା ରାହେଁ ପସନ୍ଦ ଆଇ'** 'ହେ ଲୋକମାନେ ! ଯାହାକୁ ମୁଁ ଏ ଯୁଗର ଅବତାର କରି ପ୍ରେରଣ କରିଛି, ତାହା ଏଥିପାଇଁ ନୁହେଁ ଯେ ସେ ନିଜର ଅସ୍ତିତ୍ୱକୁ ଉତ୍ସର୍ଗ କରି ଦେଇଛି ଓ ଜୀବନକୁ ଜଳାଞ୍ଜଳି ଦେଇଛି । ନିଜର ଅସ୍ତିତ୍ୱର ତିଳେ ମାତ୍ର ଅଂଶ ରଖିଲା ନାହିଁ । ଏହି ବିନମ୍ରତା ଓ ଏହି ଆତ୍ମ ବିଲୀନ ପରେ ପ୍ରଭୁ ନିଜ ଭକ୍ତ ଉପରେ ପ୍ରକଟିତ ହୁଅନ୍ତି । ଏହା ବ୍ୟତୀତ ଈଶ୍ୱରଙ୍କୁ ପ୍ରାପ୍ତ କରିବା ଅସମ୍ଭବ ।

ହଜରତ ମସିହ୍ ମଉଦ୍[ଅସ] ପୁଣି ବର୍ଣ୍ଣନା କରିଛନ୍ତି:

'ମନୁଷ୍ୟର କେବଳ ଏହି କର୍ତ୍ତବ୍ୟ ହେଉଛି ଯେ ନିଜର ସ୍ୱାର୍ଥ ଓ ନିଜର ଅହଂ ଭାବକୁ ମାରିଦେଉ । ଏହି ଆତ୍ମବଡ଼ିମାର ଭାବନାକୁ ତ୍ୟାଗ କରି ଦେଉ ଯେ ମୁଁ ଜଣେ ବଡ଼ ଜ୍ଞାନୀ ବା ପଣ୍ଡିତ । ସେ ନିଜକୁ ଜଣେ ଅଜ୍ଞାନ ଓ ନିର୍ବୋଧ ପରି ଭାବୁ । ପ୍ରାର୍ଥନାରେ ଲାଗି ରହୁ । ତା' ହେଲେ(ତୌହିଦ) ଏକେଶ୍ୱରବାଦ୍‌ର ଜ୍ୟୋତି ପ୍ରଭୁଙ୍କ ତରଫରୁ ତା' ପ୍ରତି ଅବତୀର୍ଣ୍ଣ ହେବ ଓ ଏକ ନୂତନ ଜୀବନ ତାକୁ ପ୍ରଦାନ କରାଯିବ ।' (ରୁହାନି ଖଯାଏନ୍, ହକିକତୁଲ ଓହି, ଖଣ୍ଡ ୨୨, ପୃ: ୧୪୮)

ପୁଣି ଗୁରୁ ଗ୍ରନ୍ଥ ସାହେବ ପୃ: ୧୪୧ ମହଲ୍ଲା ପ୍ରଥମରେ ଉଲ୍ଲେଖ ଅଛି:

**ହକ୍ ପରାୟା ନାନ୍‌କା ଉସ୍ ସୁଅର ଉସ୍ ଗାଏ**
**ଗୁର୍ ପିର୍ ହାମାଁ ତାଁ ଭରେ ଜାଲ ମର୍‌ଦାନା ଖାଏ ।**

ଏହାର ଅର୍ଥ ହେଉଛି: 'କୌଣସି ଅନ୍ୟ ବ୍ୟକ୍ତିର ଅଧିକାର ଛଡ଼ାଇ ନେବା ସେହିପରି, ଯେପରିକି ମୁସଲ୍‌ମାନମାନଙ୍କ ପାଇଁ ଘୁଷୁରି ମାଂସ ଖାଇବା ଓ

ହିନ୍ଦୁମାନଙ୍କ ପାଇଁ ଗୋମାଂସ ଖାଇବା । ସଦ୍‌ଗୁରୁ ସେମାନଙ୍କ ପାଇଁ କୌଣସି ସାହାଯ୍ୟ କରିବେ ନାହିଁ । ଏହା କିପରି ପବିତ୍ର ଶିକ୍ଷା ନ୍ୟାୟକୁ ପ୍ରତିଷ୍ଠା କରିବାର ଓ ଅନ୍ୟର ଧନକୁ ଲୁଣ୍ଠନ କରିବାରୁ ପ୍ରତିରୋଧ କରିବାର । ଯଦି ପ୍ରତ୍ୟେକ ଧର୍ମର ଅନୁଗାମୀ ନିଜ ଧର୍ମର ପବିତ୍ର ଶିକ୍ଷା ଆଡ଼କୁ ଲେଉଟି ଆସନ୍ତି, ତେବେ ଏହାହିଁ ଶାନ୍ତିର ମାର୍ଗ ହେବ । ଅନ୍ୟଥା ଅନ୍ୟ କୌଣସି ରାସ୍ତା ନାହିଁ ।

ରହତ୍‌ନାମା ଭାଇ ନନ୍ଦଲାଲ ଜୀରେ ଉଲ୍ଲେଖ ଅଛି:

**ଖଲ୍‌କ୍ ଖାଲିକ୍‌କୀ ଜାନ କହ୍    ଖଲ୍‌କ୍ ଦିଖାଓ୍ୱେ ନାଁ ହୈ ।**
**ଖଲ୍‌କ୍ ଓ୍ୱେ ଯବ୍ ଲାଲ୍ ଜୀ    ଖାଲିକ୍ କୋ ପୈ ତା ହୈ ।**

ଏହାର ଅର୍ଥ ହେଉଛି 'ଈଶ୍ୱରଙ୍କ ସୃଷ୍ଟିକୁ ଦେଖି ତାଙ୍କୁ ଦୁଃଖ ଦିଅ ନାହିଁ, ଯେଉଁ ବ୍ୟକ୍ତି ତାହାଙ୍କ ସୃଷ୍ଟଜ ପ୍ରାଣୀଙ୍କୁ ଦୁଃଖ ଦିଏ, ତାକୁ ପ୍ରଭୁ କଦାପି କ୍ଷମା ଦେବେ ନାହିଁ ।'

ମହାମାନ୍ୟ ହଜରତ ମୁହମ୍ମଦ[ସଅ] ଏ ବିଷୟକୁ ଏପରି ଭାବେ ବର୍ଣ୍ଣନା କରିଛନ୍ତି:

مَن لَا يَرْحَمِ النَّاسَ لَا يَرْحَمْهُ اللهُ

**ମନ୍‌ଲା ୟର୍‌ହମନ୍ନାସା ଲାୟର୍‌ହମୁଲ୍ଲାହୁ**

(ମୁସ୍‌ଲିମ୍ କିତାବୁଲ୍ ଫଯାଏଲ୍, ଭାଗ ରହମତୁସ୍ ସବିୟାନ୍ ଓ୍ୱଲ୍ ଅୟାଲ)

'ଦେଖ ! ଯଦି କୌଣସି ବ୍ୟକ୍ତି ଈଶ୍ୱରଙ୍କ ଭକ୍ତମାନଙ୍କ ପ୍ରତି ଦୟା ନକରେ, ତେବେ ତା' ପ୍ରତି ପ୍ରଭୁ ମଧ ଦୟା କରିବେ ନାହିଁ । ତେଣୁ ଏକଥା ମନେ ରଖିବା ଜରୁରୀ ଯେ ଏହା ବ୍ୟତୀତ ବାସ୍ତବରେ ଆମେ ନା ତ ଧର୍ମର ପ୍ରଥମ ଉଦ୍ଦେଶ୍ୟକୁ ପ୍ରାପ୍ତ କରିପାରିବା ନା ଦ୍ୱିତୀୟ ଉଦ୍ଦେଶ୍ୟକୁ ପ୍ରାପ୍ତ କରିପାରିବା । ଦୁଇଗୋଟି ଉଦ୍ଦେଶ୍ୟ ରହିଛି, ମନୁଷ୍ୟକୁ ମନୁଷ୍ୟର ନିକଟତର କରିବା ଓ ମନୁଷ୍ୟକୁ ପ୍ରଭୁଙ୍କ ସାନ୍ନିଧ ପ୍ରାପ୍ତ କରିବାର ଅବସର ପ୍ରଦାନ କରିବା । ଗୋଟିଏ ଅବସରରେ ଇସଲାମ୍ ଧର୍ମର ପ୍ରତିଷ୍ଠାତା ହଜରତ ମୁହମ୍ମଦ[ସଅ] ବର୍ଣ୍ଣନା କରିଛନ୍ତି:

'ସେହି ଲୋକମାନଙ୍କ ସହିତ ଆମର କୌଣସି ସମ୍ପର୍କ ନାହିଁ, ଯିଏ ଛୋଟମାନଙ୍କ ପ୍ରତି ଦୟା କରେ ନାହିଁ ଓ ବଡ଼ମାନଙ୍କୁ ସମ୍ମାନ ଦିଏ ନାହିଁ ।'

(ତିର୍‌ମିଯି, କିତାବୁଲ୍‌ବର୍‌ଓ୍ୱସିଲତଃ, ଭାଗ ମାଜା ଫି ରହମତୁସ୍ ସବିୟାନ୍)

ହଜରତ ମସିହ ମଉଦ[ଅସ] ବର୍ଣ୍ଣନା କରିଛନ୍ତି, 'ଏହି ଶିକ୍ଷାର ସାରାଂଶ ହେଉଛି କୌଣସି ଧର୍ମ, କୌଣସି ଜାତି ବା କୌଣସି ଗୋଷ୍ଠୀର ଲୋକମାନଙ୍କ ପ୍ରତି

ମନ୍ଦ ଓ କ୍ଷତି ପହଞ୍ଚାଇବାର କାମନା କର ନାହିଁ' । ସେ ଯେ କୌଣସି ଧର୍ମ ସହିତ ସଂବନ୍ଧିତ ରହିଥାଉ ନା କାହିଁକି ଏବଂ ପ୍ରତ୍ୟେକଙ୍କୁ ସତ୍ ପରାମର୍ଶ ଦିଅ । ଏକଥା ମଧ୍ୟ ଧ୍ୟାନରେ ରଖିବା ଆବଶ୍ୟକ ଯେ ତୁମମାନଙ୍କ ପରିବେଶ ବା ସମାଜରେ ଯେପରି ଦୁଷ୍ଟ କଳହ ପ୍ରିୟ, ନଷ୍ଟ ଚରିତ୍ର ଓ ଅସଦାଚରଣ ଲୋକଙ୍କର ପ୍ରବେଶ ନ ହୁଏ । ପ୍ରତ୍ୟେକ ପ୍ରକାର କୁକର୍ମରୁ ବଞ୍ଚିତ ରୁହ ଓ ପ୍ରତ୍ୟେକ ପ୍ରକାର ସତ୍‌କର୍ମ କରିବାକୁ ଚେଷ୍ଟା କର ।'

(ରୁହାନି ଖଯାଏନ୍, କଶ୍‌ଫୁଲଗଟା, ଖଣ୍ଡ ୧୪, ପୃ: ୧୮୭-୧୮୮)

ହଜରତ ବାବା ଗୁରୁନାନକ ପରିଶ୍ରମର ଗୁରୁତ୍ୱ ଓ ମର୍ଯ୍ୟାଦା ବିଷୟରେ କିପରି ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି: 'ଯଦି ନିଜ ହାତରେ ପରିଶ୍ରମ କରି ଗରିବମାନଙ୍କର ସହାୟତା କରିବ, ତା'ହେଲେ ଈଶ୍ୱରଙ୍କ ସତମାର୍ଗକୁ ଜାଣି ନେବ । (ଗୁରୁଗ୍ରନ୍ଥ ସାହେବ, ପୃ: ୧୨୪୫)

ଶିଖ୍ ସମ୍ପ୍ରଦାୟ ଏହାର ଗୋଟିଏ ଦିଗରେ ତ ଅତି ଆନ୍ତରିକତା ଓ ନିଷ୍ଠାର ସହିତ ପାଳନ କରିଛନ୍ତି, ତାହା ହେଉଛି ନିଜ ହାତରେ ପରିଶ୍ରମ କରିବା ।

ବହୁ ବର୍ଷ ତଳେ ଦେଶର ବିଭାଜନ ପୂର୍ବରୁ ମୁଁ ଶିଖ୍‌ମାନଙ୍କ ଗହଣରେ ରହିଥିଲି । ସରକାରୀ କଲେଜ୍ ଲାହୋରର ଅନେକ ଛାତ୍ରମାନଙ୍କ ସହିତ ମୋର ମିତ୍ରତା ଥିଲା । କାଦିୟାନ୍‌ର ଆଖପାଖ ଅଞ୍ଚଳରେ ଶିଖ୍‌ମାନେ ହିଁ ବାସ କରୁଥିଲେ । ମୁଁ ମୋର ଜୀବନ କାଳରେ ଶିଖ୍ ଭିକାରୀକୁ କେବେ ହେଲେ ଦେଖି ନାହିଁ । ଜଣେ ହେଲେ ଭିକ୍ଷୁକ ଦେଖିନାହିଁ, ଯିଏ ହିନ୍ଦୁମାନଙ୍କ ସମ୍ମୁଖରେ ଛିଡ଼ା ହୋଇ କହୁଥିବ ଯେ ମୋତେ କିଛିଦିଅ । ଜଣା ପଡୁଛି ଯେ ବାବା ଗୁରୁନାନକ ସାହେବଙ୍କର ଶିକ୍ଷାର ନିଶ୍ଚିତ ଭାବେ ଗଭୀର ପ୍ରଭାବ ପଡ଼ିଛି ଯେ ଏହି ଜାତି କଠିନ ପରିଶ୍ରମୀ ଓ ନିଜ ହାତରେ ପରିଶ୍ରମ କରି ବିଶୁଦ୍ଧ ରୋଜଗାର ଦ୍ୱାରା ପ୍ରତିପୋଷଣ ହୁଅନ୍ତି ।

ଗରିବମାନଙ୍କର କେତେ ପରିମାଣରେ ସାହାଯ୍ୟ କରନ୍ତି ତାହା ତ ମୁଁ ଜାଣେ ନାହିଁ । କାରଣ ଏମାନଙ୍କୁ ମଧ୍ୟରେ ଦାରିଦ୍ର୍ୟ ପ୍ରାୟତଃ ଲୁଚି ରହିଥାଏ । ଅର୍ଥାତ୍ ସ୍ୱାବଲମ୍ବନତା ହେତୁ ଓ ନିଜ ହାତରେ ଅର୍ଜନ କରିବାର ସ୍ପୃହା ରହିଥିବା କାରଣରୁ ସମ୍ଭବତଃ ଶିଖ୍ ସମୁଦାୟଙ୍କୁ ଏକଥା ଜଣା ନଥିବ ଯେ ଆମ ମଧ୍ୟରେ ଗରିବ କେତେ ଅଛନ୍ତି ? ଗରିବ ଅଛନ୍ତି କି ନାହିଁ ସେ କଥା ଅଲ୍ଲାଃତାଲା ଜାଣନ୍ତି । କିନ୍ତୁ ମୁଁ ବିଶ୍ୱର ବିଭିନ୍ନ ଦେଶ ଯେଉଁ ଅଞ୍ଚଳମାନଙ୍କରେ ଭ୍ରମଣ କରିଛି, ସେଠାରେ ମୁଁ ନିଶ୍ଚିତ ରୂପେ ଏହା ଦେଖିଛି ଯେ ଶିଖ୍ ଗୁରୁଦ୍ୱାରମାନଙ୍କରେ ଅନ୍ୟ ଗରିବମାନଙ୍କ ପାଇଁ ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରାଯାଇଥାଏ ।

ଏବେ ମୁଁ କିନିଆ ଯାଇଥିଲି ସେଠାରେ ଦେଖିଲି ଏକ ବଡ଼ ଗୁରୁ ଦ୍ୱାରା ରହିଛି । ସେଠାରେ ଏପରି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ଯେ ନିର୍ଦ୍ଧାରିତ ସମୟରେ କୌଣସି ଧର୍ମର ଯେ କେହି ବ୍ୟକ୍ତି ହୁଅନ୍ତୁ, କଳା ହୁହନ୍ତୁ କି ଗୋରା ହୁଅନ୍ତୁ, ସେଠାରେ ଯାଇ ପହଞ୍ଚିଲେ ସେମାନଙ୍କୁ ଲଙ୍ଗରଖାନାରୁ ନିଶ୍ଚୟ ଖାଦ୍ୟ ଭୋଜନ ପାଇଁ ମିଳିବ । ଏହା ସେହି ପବିତ୍ର ଶିକ୍ଷାର ପରିଣାମ ସେମାନଙ୍କ ସତ୍‌କର୍ମର ଫଳ ।

ହଜରତ ମସିହ ମଉଦ[ଅସ] ବର୍ଣ୍ଣନା କରିଛନ୍ତି: ବୃକ୍ଷ ନିଜର ଫଳ ଦ୍ୱାରା ଚିହ୍ନି ହୁଏ । ତେଣୁ କେବଳ ଧାର୍ମିକ ଶିକ୍ଷାର ପ୍ରଶ୍ନ ନୁହେଁ । ପ୍ରଶ୍ନ ହେଉଛି ସେହି ଶିକ୍ଷାକୁ କିଏ ନିଷ୍କପଟ ହୃଦୟରେ ଗ୍ରହଣ କରେ ଓ ଏହାକୁ ସ୍ମରଣ ରଖିବା ସହ କାର୍ଯ୍ୟକାରୀ କରି ଦେଖାଏ, ତାକୁ ହିଁ ଉତ୍ତମ ଫଳ ପ୍ରଦାନ କରାଯାଇଥାଏ । ଯଦି କୌଣସି ଧର୍ମର ଅନୁଗାମୀ ସେହି ଧର୍ମର ଶିକ୍ଷାରୁ ବିମୁଖ ହୁଏ, ତେବେ ତାକୁ କୌଣସି ଫଳ ପ୍ରାପ୍ତ ହୁଏ ନାହିଁ । ସେ ବୃକ୍ଷ ଉଜୁଡ଼ି ଯାଏ ବା ନଷ୍ଟ ହୋଇଯାଏ ।

ମୁଁ ଆପଣଙ୍କୁ ପରାମର୍ଶ ଦେଉଛି ଯେ ଯେଉଁ ପ୍ରକାରେ ଆପଣମାନେ ଏହି ଶିକ୍ଷା ଉପରେ ନିଷ୍ଠାର ସହିତ କାର୍ଯ୍ୟରତ ଅଛନ୍ତି ଓ ତାର ସୁଫଳ ଲାଭ କରୁଛନ୍ତି ତଥା ଦୁନିଆକୁ ତାହା ଦେଖାଇ ଦେଉଛନ୍ତି, ସେହିପରି ବାବା ଗୁରୁ ନାନକଙ୍କର ଅନ୍ୟାନ୍ୟ ଶିକ୍ଷା ମଧ୍ୟ ସହୃଦୟ ଓ ନିଷ୍ଠାର ସହିତ ଗ୍ରହଣ କରନ୍ତୁ । ଏଥିରେ ହିଁ ଆପଣଙ୍କ ଜୀବନ ରହିଛି ଓ ଏହିଥିରେ ହିଁ ଭାରତବାସୀଙ୍କର ମଙ୍ଗଳ ରହିଛି । ଯଦି ଆପଣମାନେ ଗୁରୁ ନାନକ ସାହେବଙ୍କର ଶିକ୍ଷା ନିଜ ମଧ୍ୟରେ ଜୀବନ୍ତ କରିଦେବେ, ତା'ହେଲେ ମୁଁ କଥା ଦେଉଛି ଯେ ନା କେବଳ ଏହି ଅଞ୍ଚଳ, ବରଂ ବାହାର ଅଞ୍ଚଳରେ ମଧ୍ୟ ପ୍ରାଣ ଜୀବନ୍ତ ହେବାର ଆଶା ବାନ୍ଧି ହୋଇଯିବ ଓ ଏହାହିଁ ଉଜ୍ଜୀବିତ ହେବାର ରହସ୍ୟ ।

ପବିତ୍ର କୁରଆନରେ ମଧ୍ୟ ଏବିଷୟ ଲେଖାଅଛି । ମୁଁ ଏହା ଏଥିପାଇଁ କହୁଛି ଯେ ଆଜିକୁ ଚଉଦ ଶହ ବର୍ଷ ପୂର୍ବେ ପବିତ୍ର କୁରଆନ୍‌ରେ ଏହି ବିଷୟ ବର୍ଣ୍ଣନା କରାଯାଇଛି । କିନ୍ତୁ ମୁସଲ୍‌ମାନମାନେ ଏହାକୁ ପାଶୋରି ଦେଇ କିପରି ମାରାତ୍ମକ ଜୀବନ ଜୀବିକାକୁ ଗ୍ରହଣ କରି ନେଇଛନ୍ତି ।

ମୁଁ କରାଚି କିମ୍ବା ଲାହୋର ପର୍ଯ୍ୟନ୍ତ ଯାଇଛି, ଏପରିକି ଅନ୍ୟ ଯେକୌଣସି ମୁସଲମାନ ଜନବସତି ଥିବା ଗ୍ରାମମାନଙ୍କୁ ଯାଇଛି । ସେମାନଙ୍କର ପାକିସ୍ତାନ ସହିତ ସମ୍ପର୍କ ରହିଛି କିମ୍ବା ଭାରତ ସହିତ ସବୁ ସ୍ଥାନରେ ଭିକାରୀମାନଙ୍କୁ ଭିକ୍ଷାବୃତ୍ତି କରିବାର ଦେଖିବାକୁ ମିଳିଥାଏ । ମୋ ହୃଦୟକୁ ଏକଥା ବହୁତ ବାଧିଥାଏ । ମୁଁ ସେମାନଙ୍କର ସେବା ଓ ସାହାଯ୍ୟ କରିବାକୁ ତ ନିଶ୍ଚୟ ପ୍ରୟାସ କରୁଛି, କିନ୍ତୁ ମୁଁ ଏ କଥା ମଧ୍ୟ କହୁଛି ଯେ ଦେଖନ୍ତୁ ! ଚଉଦ ଶହ ବର୍ଷ ପୂର୍ବେ ପବିତ୍ର କୁର୍‌ଆନ୍ କିପରି

ବୈଧ ଆହାର ପ୍ରତି ଧ୍ୟାନାକର୍ଷଣ କରାଇ ପରିଶ୍ରମ ଦ୍ୱାରା ରୋଜଗାର କରି ଖାଇବା ପାଇଁ ନିର୍ଦ୍ଦେଶ ଦେଇଛି । ଏହା ସତ୍ତ୍ୱେ ସେହି ମୁସଲିମ୍ ଜାତି ଉକ୍ତ ଶିକ୍ଷାରୁ ସମ୍ପର୍କ ତୁଟାଇ ଦେଲା । ତେଣୁ ତାଙ୍କୁ ସତ୍‌କର୍ମର ଫଳ ପ୍ରାପ୍ତ ହେଲା ନାହିଁ । ସୁତରାଂ ମୂଳ ସହିତ ସମ୍ପର୍କ ସ୍ଥାପିତ ନ ହେବା ପର୍ଯ୍ୟନ୍ତ କୌଣସି ବୃକ୍ଷରେ ଫଳ ଉତ୍ପନ୍ନ ହୁଏ ନାହିଁ । ନିଜ ନିଜ ପବିତ୍ର ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଗଭୀର ଆନ୍ତରିକତାର ସହିତ ସମ୍ପର୍କ ସ୍ଥାପନ କରନ୍ତୁ । ତା' ହେଲେ ଦେଖିବେ ଯେ ଶାଖା ପ୍ରଶାଖାମାନଙ୍କରେ କିପରି ସୁନ୍ଦର ସୁସ୍ୱାଦୁ ଫଳ ଭରିଯିବ । ଏହାର ସୁମିଷ୍ଟ ଫଳ ଦ୍ୱାରା ଦୁନିଆର ଅନ୍ୟ ଲୋକମାନେ ମଧ୍ୟ ଉପକୃତ ହେବେ । ପବିତ୍ର କୁର୍‌ଆନ୍‌ରରେ ଏହିପରି ଲେଖାଅଛି:

وَاَنْ لَّيْسَ لِلْاِنْسَانِ اِلَّا مَا سَعٰى ○ وَاَنَّ سَعْيَهٗ سَوْفَ يُرٰى ○ ثُمَّ يُجْزٰىهُ الْجَزَآءَ الْاَوْفٰى ○

**ଓ୍ୱଅନ୍‌ଲୈସା ଲିଲ୍‌ଇନ୍‌ସାନି ଇଲ୍ଲାମାସାଅ୍ଆ ଓ୍ୱଇନ୍ନାସାଅ୍ୟହୁ ସୌଫା ୟରା ସୁମ୍ମା ୟୁଜ୍‌ଯାହୁଲ୍ ଜୟା ଅଲ୍ ଅଓ୍ଫା** (ଅନ୍ ନଜମ୍ ୪୦ -୪୨)

'ଏହା କିପରି ଚିର ପ୍ରଚଳିତ ନିୟମ ରହିଛି, ଯେଉଁଥିରେ କୌଣସି ପରିବର୍ତ୍ତନ ଘଟିବାର ଦେଖାଯାଇ ନଥାଏ । ମନୁଷ୍ୟ କୁ ତାହାହିଁ ମିଳିବା ଉଚିତ ଯାହା ସେ ନିଜ ହାତ ଦ୍ୱାରା ଉପାର୍ଜନ କରିଥାଏ । ତାହାରି ଉପରେ ତା'ର ଅଧିକାର ଥାଏ, ଯାହାକୁ ସେ ନିଜ ପରିଶ୍ରମ ଦ୍ୱାରା ଅର୍ଜନ କରିଥାଏ ।' ଏଠାରେ 'ସଅ୍ଆ' ଶବ୍ଦର ଅର୍ଥ କେବଳ ମଜୁରୀ କରିବା ବୁଝାଏ ନାହିଁ, ବରଂ ଚେଷ୍ଟା କରିବା ହୋଇଥାଏ । ତାହା ମାନସିକ ଚେଷ୍ଟା ହେଉ କିମ୍ବା ଅନ୍ୟ କୌଣସି ପ୍ରକାରର ଚେଷ୍ଟା ହେଉ । କୁହାଗଲା ଯେ ମନୁଷ୍ୟ ଏହି ଭେଦକୁ ବୁଝିନେବା ଆବଶ୍ୟକ ଯେ ତାହାହିଁ ତାର ନିଜସ୍ୱ, ଯାହାକୁ ସେ ନିଜ ପ୍ରୟାସ ଦ୍ୱାରା ଉପାର୍ଜନ କରିଥାଏ । ପ୍ରଭୁଙ୍କ ପ୍ରତିଶ୍ରୁତି ଏପରି ରହିଛି ଯେ ଯଦି ତୁମେ ଚେଷ୍ଟା କରିତେବେ ତା'ର ପ୍ରତିଫଳ ନିଶ୍ଚୟ ଦିଆଯିବ ।

**ସୁମ୍ମାୟୁଜ୍‌ଜାହୁଲ୍ ଜାଅଲ୍ ଅଓଫା** ثُمَّ يُجْزٰىهُ الْجَزَآءَ الْاَوْفٰى

ପ୍ରତିଫଳ ଦେବା ପରେ ଆହୁରି ମଧ୍ୟ ଅଧିକ ପ୍ରଦାନ କରିବେ ଓ ଏହାର ଭରପୁର ବଦଳା ଦେବେ ।'

ଜାତି, ବା ସମ୍ପ୍ରଦାୟମାନଙ୍କର ପ୍ରାଣବନ୍ତ ହେବାର ରହସ୍ୟ ପରିଶ୍ରମରେ ହିଁ ରହିଛି । ସଦୃଦୟତାର ସହିତ ବିଶୁଦ୍ଧ ରୋଜଗାରର ଉପାୟ ଅବଲମ୍ବନ କରିବାରେ ତାହା ରହିଛି । ମୁସଲ୍‌ମାନମାନଙ୍କ ପାଇଁ କିପରି ଉତ୍ତମ ଶିକ୍ଷା ରହିଛି, କିନ୍ତୁ ଦୁଃଖର

ବିଷୟ ଯେ ଏ ଦିଗରେ ଧ୍ୟାନ ନଦେବା ଯୋଗୁଁ ସେମାନେ କେଉଁଠାରୁ ଯାଇ କେଉଁଠି ପହଞ୍ଚି ଗଲେଣି ।

ହଜରତ ମୁହମ୍ମଦ୍ ରସୁଲୁଲ୍ଲାଃ[ସଅ] ଯେଉଁଠି ସଦ୍‌କା ଖୈରାତ(ଦାନପୁଣ୍ୟ)ର ଶିକ୍ଷା ଦେଇଛନ୍ତି, ସେଠରେ ଏ କଥା ମଧ୍ୟ ବର୍ଣ୍ଣନା କରିଛନ୍ତି;

اَلْيَدُ الْعُلْيَا خَيْرٌ مِنَ الْيَدِ السُّفْلٰى

**ଅଲ୍‌ୟଦୁଲ୍ ଉଲ୍‌ୟା ଖୈରୁନ୍ ମିନଲ୍ ୟଦିସ୍ ସୁଫ୍‌ଲା**

'ମନେରଖ ! ଉପର ହାତ ନିଶ୍ଚିତ ଭାବେ ଉତ୍କୃଷ୍ଟ ତଳ ହାତ ଠାରୁ ।' ଏହି ଶିକ୍ଷା ପ୍ରତି ସେ ଏତେ ଗୁରୁତ୍ୱ ଦେଇଛନ୍ତି ଯେ ଥରେ ଜଣେ ଅନୁଚର ଅଶ୍ୱରୋହଣ କରି ଯାଉଥିବା ବେଳେ ତାଙ୍କ ହାତରୁ ଚାବୁକ ଖସି ପଡ଼ିଗଲା । ନିକଟରେ ଥିବା ଗୋଟିଏ ଛୁଆ ସେ ଚାବୁକ୍‌ଟିକୁ ଉଠାଇ ତାଙ୍କୁ ଦେବା ଉଦ୍ଦେଶ୍ୟରେ ଧାଇଁ ଆସିଲା ! କିନ୍ତୁ ଏହା ପୂର୍ବରୁ ସେ ଅନୁଚର ଅଶ୍ୱରୁ ଡେଇଁ ପଡ଼ି ଚାବୁକ୍‌ଟିକୁ ନିଜେ ଉଠାଇ ନେଲେ । ସେ ଛୁଆଟି ତାଙ୍କୁ କହିଲା 'ଆପଣ କାହିଁକି କଷ୍ଟ କଲେ ? ମୁଁ ତ ଏହାକୁ ଉଠାଇ ଆପଣଙ୍କୁ ଦେବାକୁ ପହଞ୍ଚି ଯାଇଥିଲି ।' ସେ ପିଲାକୁ ଉତ୍ତର ଦେଲେ, 'ମୋର ମୁନିବ ହଜରତ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଏହି ଉପଦେଶ ଦେଇଛନ୍ତି ଯେ ନିଜ କାମ ନିଜ ହାତରେ କର । ସେଥିପାଇଁ ମୁଁ ଏହା କେବେ ପସନ୍ଦ କରେ ନାହିଁ ଯେ ତୁମେ ମୋ ଠାରୁ ପ୍ରଥମେ ଆସି ମୋ ଆବଶ୍ୟକତାକୁ ପୂରଣ କର ।'

ଏହି ଶିକ୍ଷା ମନୁଷ୍ୟ ଜୀବନରେ ପରିବର୍ତ୍ତନ ଘଟାଇପାରେ । ଏହି ସଂକ୍ରାନ୍ତରେ କେତେକ ବ୍ୟକ୍ତି ଭ୍ରାନ୍ତଧାରଣାର ବଶବର୍ତ୍ତୀ ହୋଇ ତଥା ଭୁଲ୍ ସନ୍ଥବାଦିତା ହେତୁ ଏହା ବୁଝି ଥାଆନ୍ତି ଯେ ସାଂସାରିକ ଜୀବନରୁ ସମ୍ପୂର୍ଣ୍ଣ ସନ୍ୟାସ ନେବା ଓ ଲୋକମାନଙ୍କ ବଦାନ୍ୟତା ଉପରେ ନିର୍ଭର କରି ରହିବା ଈଶ୍ୱରପ୍ରିୟ ହେବାର ପରିଚୟ । କଦାପି ଏକଥା ନୁହେଁ । ଜଣେ ମୁସଲ୍‌ମାନ ସନ୍ଥଙ୍କ ବିଷୟରେ ମୁଁ ଆପଣଙ୍କୁ କହୁଛି ଶୁଣନ୍ତୁ ।

ଥରେ ସେ ତାଙ୍କ ପୁଅକୁ ଅନେକଗୁଡ଼ିଏ ସାମଗ୍ରୀ ଦେଇ ବ୍ୟବସାୟ କରିବାକୁ ପଠାଇଲେ । ସେମାନଙ୍କ ଦଳ ଜଙ୍ଗଲ ବାଟ ଦେଇ ଯାଉଥିବା ବେଳେ ରାତରେ ସେହି ଜଙ୍ଗଲରେ ବିଶ୍ରାମ କଲେ । ବିଶ୍ରାମ ସମୟରେ ସେହି ସାଧୁ ପୁରୁଷଙ୍କ ପୁଅ ଏକ ଅଦ୍ଭୁତ ଦୃଶ୍ୟ ଦେଖିଲା ଯେ ଗୋଟିଏ ବାଘ ଆସି ଗୋଟିଏ ଜନ୍ତୁର ଶୀକାର କଲା । ତାକୁ ଗୋଟିଏ ବୁଦା ଭିତରକୁ ନେଇ ସେଠାରେ ତାକୁ ଖାଇବାକୁ ଲାଗିଲା । ସେ ଖାଇ ସାରିବା ପରେ ଅବଶିଷ୍ଟ ଛାଡ଼ି ଦେଇ ସେଠାରୁ ଚାଲିଗଲା । କିଛି କ୍ଷଣ ପରେ ଗୋଟିଏ ଗଧିଆ ଆସିଲା । କିନ୍ତୁ ତାର ପଛ ଗୋଡ଼

ଦୁଇଟି ଅକାମି ହୋଇ ଯାଇଥିବାରୁ ସେ ଘୋଷାଡ଼ି ହୋଇ ଆସି ସେଠାରେ ପହଞ୍ଚି ବାଘ ଛାଡ଼ି ଯାଇଥିବା ଅବଶିଷ୍ଟ ଶୀକାରକୁ ଖାଇବାକୁ ଲାଗିଲା ଏବଂ ତା'ର କ୍ଷୁଧା ମେଣ୍ଟାଇ ସେ ଚାଲିଗଲା । ଏହି ଦୃଶ୍ୟକୁ ଦେଖିବା ପରେ ସେ ସାଧୁ ପୁଅ ନିଜର ସାମଗ୍ରୀ ସାହଯାତ୍ରୀ ଦଳର ଲୋକମାନଙ୍କୁ ଦେଇ ଖାଲି ହାତରେ ଘରକୁ ଫେରି ଆସିଲା । ଯେତେବେଳେ ତାକୁ ତାଙ୍କ ପିତା ଫେରି ଆସିବାର କାରଣ ପଚାରିଲେ ସେ ଦୃଶ୍ୟର ବୃତ୍ତାନ୍ତ କହି ସାରି ଏପରି ନିଜର ମତ ରଖିଲା । 'ଈଶ୍ୱର ପ୍ରତିପାଳକ ହୋଇ ଥିବାର ମୁଁ ସ୍ୱଚକ୍ଷୁରେ ଦେଖିଲି । ସେ ସମସ୍ତ ସୃଷ୍ଟିର ପ୍ରାଣୀଙ୍କ ଦାୟୀତ୍ୱ ସ୍ୱୟଂ ବହନ କରିଛନ୍ତି । ତେଣୁ ମୋର କି ଆବଶ୍ୟକତା ରହିଛି ଯେ ମୁଁ ଏ ସଂସାରର ଜଞ୍ଜାଳରେ ପଡ଼ିବି ?' ଏହା ଶୁଣି ସେ ସାଧୁ ଉତ୍ତର ଦେଲେ 'ଏହି ରହସ୍ୟ ମୋତେ ମଧ୍ୟ ଜଣାଥିଲା । କିନ୍ତୁ ମୁଁ ଚାହୁଁଥିଲି ତୁମେ ସେ ବାଘ ସଦୃଶ୍ୟ ହୁଅ, ଯାହାର ଅଇଁଠା ଗଧିଆ ଖାଆନ୍ତି । ମାତ୍ର ତୁମେ ସେ ଗଧିଆ ପରି ହୁଅ ନାହିଁ, ଯିଏ ଅନ୍ୟର ଅଇଁଠା ଖାଇବା ପାଇଁ ପଡ଼ି ରହିଥାଏ ।

ଏହାହିଁ ଉତ୍ତମ ଶିକ୍ଷା ପ୍ରଭୁଙ୍କ ଆଶୀର୍ବାଦ ଯାହାକୁ ଶିଖ୍ ଜାତି ବୁଝିପାରିଛନ୍ତି । ପ୍ରଭୁଙ୍କ ଅପାର କରୁଣା ଓ ଆଶୀର୍ବାଦରୁ ଜମାଅତ୍ ଅହମଦିୟା ମଧ୍ୟ ଏହି ଇସଲାମୀୟ ଶିକ୍ଷା ଉପରେ ଆନ୍ତରିକତାର ସହିତ ପ୍ରତିଷ୍ଠିତ ଓ କର୍ମରତ ରହିଛି । ଏପରିକି ଆମେ ପ୍ରବଳ ଉଦ୍ୟମ କରି ନିଜର ଗରିବ ଭାଇମାନଙ୍କ ହୃଦୟରୁ ପ୍ରଶ୍ନ ଉଠିବା ପୂର୍ବରୁ ଆମେ ଯାଇ ତାଙ୍କ ନିକଟରେ ପହଞ୍ଚି ଯିବା । ଯେତେଦୂର ବ୍ୟକ୍ତିଗତ ଦାନ କରିବା କଥା, ସେଥିରେ ଅପେକ୍ଷାକୃତ ଅଧିକ ନିଜ ତରଫରୁ ଓ ଅବଶିଷ୍ଟ ଆମ ଜମାଅତ ଆବଶ୍ୟକତାକୁ ପୂରଣ କରୁଛି । ଗରିବମାନଙ୍କୁ ନିଜ ଗୋଡ଼ରେ ଛିଡ଼ା ହେବା ଓ ସ୍ୱାବଲମ୍ବୀ ହେବା ପାଇଁ ଚେଷ୍ଟା କରୁଛନ୍ତି । ଯେପରି କି ସେମାନେ ଅନ୍ୟ ଗରିବମାନଙ୍କୁ ସାହାଯ୍ୟ କରିବା ପାଇଁ ସକ୍ଷମ ହୋଇ ପାରିବେ । ଆଜି ମୁଁ ଏହି ଜଲସାରେ ଘୋଷଣା କରୁଛି ଯେ ଭାରତରେ ଗରିବ ଅଞ୍ଚଳରେ ଥିବା ଜମାଅତମାନଙ୍କ ପାଇଁ ଏକ ଯୋଜନା ପାଞ୍ଚୁଛି । ଏହା ଦ୍ୱାରା ଶିଳ୍ପକାରୀ ପାଇଁ କର୍ମଶାଳା ପ୍ରସ୍ତୁତ କରାଯିବ, ଯେଉଁଥିରେ ଏପରି କୁଶଳୀ କାରିଗରଙ୍କୁ ବ୍ୟବସାୟ ଭିତ୍ତିକ ତାଲିମ ଦିଆଯିବ, ଯାହା ଫଳରେ ଗରିବମାନେ ସଂପୂର୍ଣ୍ଣ ରୂପେ ନିଜ ଗୋଡ଼ରେ ଛିଡ଼ା ହୋଇପାରିବେ ଓ ସ୍ୱାବଲମ୍ବୀ ହୋଇଯିବେ । ସେମାନେ ଉତ୍ସାହର ସହିତ ମାନବ ଜାତିର ସେବା କରିପାରିବେ ।

ଜମାଅତ୍ ଅହମଦିୟା ପବିତ୍ର କୁର୍‌ଆନ୍‌ରୁ ଆଉ ଏକ ତତ୍ତ୍ୱ ଜ୍ଞାନ ଲାଭ କରିଛି ଯେ ଦାରିଦ୍ର୍ୟ ଭିତରେ ମଧ୍ୟ ତ୍ୟାଗ କରାଯାଏ । ଗରିବ ଓ ଅଭାବୀ ଥାଇ ନିଜର ଆବଶ୍ୟକତା ଥିବା ସତ୍ତ୍ୱେ ମଧ୍ୟ ଅନ୍ୟ ଅଭାବଗ୍ରସ୍ତ ଲୋକଙ୍କୁ ଯାହା କିଛି ତାଙ୍କ

ପାଖରେ ଥାଏ, ସେମାନେ ଦେଇ ଚାଲି ଥାଆନ୍ତି । ତାହା ଅତି ଉନ୍ନତ ଧରଣର ଦୃଶ୍ୟ, ଈଶ୍ୱରଙ୍କ ଅଭିମୁଖେ ଯାତ୍ରା କରିବା କୌଣସି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିବାର ଯାତ୍ରା ନୁହେଁ । ବରଂ ଗୋଟିଏ ଶିକ୍ଷା ଗ୍ରହଣ କରିବା ପରେ ଏହାଠାରୁ ଉର୍ଦ୍ଧ୍ୱରେ ମଧ୍ୟ ଅନ୍ୟ ଏକ ସ୍ତର ତିଆରି କରାଯାଇ ଥାଏ । ତେଣୁ ତାଙ୍କର ଦୟା ଓ ଅନୁକମ୍ପାରୁ ଜମାଅତ୍ ଅହମଦିୟା ସେହି ଉଚ୍ଚ ସ୍ତରୀୟ ତ୍ୟାଗ ଓ ବଳିଦାନ କ୍ଷେତ୍ରରେ ଗତିଶୀଳ ହୋଇ ଚାଲିଛି । ମନରେ ଏହି ଆକାଂକ୍ଷା ରଖିଛି ଯେ ସମସ୍ତ ମାନବଜାତି ଏହି ଉତ୍ତମ କାର୍ଯ୍ୟରେ ତା'ର ସହଯୋଗୀ ହୋଇ ଚାଲନ୍ତୁ ।

ହଜରତ ଗୁରୁନାନକ ସାହେବ କହିଛନ୍ତି 'ଦୁନିଆରେ ସକଳ ପ୍ରାଣୀଙ୍କର ସେବା କରିବା ଆବଶ୍ୟକ । ସେବାକାରୀ ହିଁ ଅଲ୍ଲାଃତାଲାଙ୍କ ଛାମୁରେ ହାଜର ହୋଇ ପାରିବ । ତେଣୁ ପୂର୍ଣ୍ଣ ରୂପେ ନିଜ ତନ, ମନ ଧନ ସହିତ ଲୋକମାନଙ୍କର ସେବା କରିବା ଉଚିତ ।' (ଶ୍ରୀ ରାଗ୍ ମହଲ୍ଲା ପ୍ରଥମ, ପୃ: ୨୫-୨୬)

ମହାପୁରୁଷ ମୁହମ୍ମଦ[ସଅ] ଯେଉଁଠି ଆତ୍ମ ସମ୍ମାନକୁ ଉନ୍ନୀତ କରାଇଛନ୍ତି, ସେଠିରେ ସେବା ପ୍ରତି ଓ ଅଭାବଗ୍ରସ୍ତ ଲୋକଙ୍କର ଆବଶ୍ୟକତାକୁ ପୂରଣ କରିବା ପ୍ରତି ଏପରି ଦୃଢ଼ାଦେଶ ଦେଇଛନ୍ତି ଯେ ଯେତେ ଦୂର ମୁଁ ଧର୍ମତତ୍ତ୍ୱ ବିଷୟରେ ଅଧ୍ୟୟନ କରିଛି, ମୋତେ ଅନ୍ୟ କୌଣସି ଧର୍ମରେ ଏପରି କଠୋର ଶବ୍ଦରେ ଓ ଅତିଶୟ କଡ଼ାକଡ଼ି ଭାବେ ମାନବଜାତିର ସେବା ପ୍ରତି ଗୁରୁତ୍ୱ ଦିଆଯାଇ ଥିବାର ଦେଖିବାକୁ ମିଳେନାହିଁ । ଏହାକୁ ମୁଁ ତୁଳାନାତ୍ମକ ଭାବେ କହୁନାହିଁ । ବରଂ ଏହା ଏକ ନିରାଟ ସତ୍ୟ, ଯେପରିକି ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରୁଛି ।

ଯେଉଁମାନଙ୍କୁ ମାନବଜାତି ପ୍ରତି ସେବା କରିବାର ରୁଚି ରହିଥାଏ କିମ୍ବା ସେବା ମନୋବୃତ୍ତି ରହିଥାଏ, ସେମାନଙ୍କୁ ନିଜ ଧର୍ମର ଶିକ୍ଷା ବ୍ୟତୀତ ପବିତ୍ର କୁରଆନ୍ ଓ ହଦିସ୍ ସହିତ ହଜରତ ମୁହମ୍ମଦ[ସଅ]ଙ୍କର ଉପଦେଶମାନ ମଧ୍ୟ ପାଠ କରିବା ଆବଶ୍ୟକ । ତାଙ୍କୁ ଏଥିରୁ ଅନେକ ଉତ୍କୃଷ୍ଟ ଧରଣର ଶିକ୍ଷାର ମନଲାଖି ଗନ୍ତାଘର ମିଳି ପାରିବ ।

ମହାମାନ୍ୟ ରସୁଲୁଲ୍ଲା[ସଅ] ପ୍ରଭୁ ଓ ଭକ୍ତଙ୍କ ସମ୍ପର୍କକୁ ଅନେକ ପ୍ରକାର ଉଦାହରଣ ଛଳରେ ଆମ ସମ୍ମୁଖରେ ପ୍ରସ୍ତୁତ କରିଛନ୍ତି । ଏକ ଅବସରରେ ସେ ବର୍ଣ୍ଣନା କରୁଛନ୍ତି ଯେ କୟାମତ ଦିନ ଜଣେ ଭକ୍ତ ପ୍ରତି ଅସନ୍ତୋଷ ପ୍ରକାଶ କରି ପ୍ରଭୁ କହିବେ 'ମୁଁ ତୋତେ ପସନ୍ଦ କରେ ନାହିଁ ।' ସେ ପଚାରିବ, 'କାହିଁକି'? ପ୍ରଭୁ ଉତ୍ତର ଦେବେ 'ମୁଁ ଭୋକିଲା ଥିଲି ଓ ତୋ' ପାଖକୁ ଆସିଥିଲି । କିନ୍ତୁ ତୁ ମୋତେ ଖୁଆଇଲୁ ନାହିଁ । ମୁଁ ଶୋଷିଲା ଥିଲି, ତୁ ମୋତେ ପାଣି ପିଆଇ ନଥିଲୁ । ମୋର

ପିନ୍ଧିଥିବା ଲୁଗା ଚିରା ଫଟା ଥିଲା, କିନ୍ତୁ ତୁ ମୋତେ ପିନ୍ଧିବାକୁ କିଛି ଦେଲୁ ନାହିଁ । ମୁଁ ବିନା ଛାତର ଅପନ୍ତରାରେ ରହୁଥିଲି, କିନ୍ତୁ ତୁ ମୋର ରହିବାର କୌଣସି ବ୍ୟବସ୍ଥା କରି ନଥିଲୁ ।' ସେହି ଭକ୍ତ ଏହା ଶୁଣି ପ୍ରଭୁଙ୍କ ନିକଟରେ ଅତି ବିନତୀ ହୋଇ କହିବ 'ହେ ମୋର ପାଳନକର୍ତ୍ତା ! ତୋର ଏ ସବୁର କି ଆବଶ୍ୟକତା ରହିଛି ? ତୁମ୍ଭେ ତ ସଂସାରର ମହାନ ଦାତା, ତୁମେ ହିଁ ସମସ୍ତଙ୍କୁ ଖୁଆଉଛ, ପିଆଉଛ, ପିନ୍ଧାଉଛ ଓ ସମସ୍ତଙ୍କୁ ଶାନ୍ତିରେ ରହିବାକୁ ସ୍ଥାନ ଦେଇଛ, ତେବେ ଏହା କିପରି କହୁଛ ?' ସେତେବେଳେ ଈଶ୍ୱର କହିବେ 'ମୋର ଜଣେ ଗରିବ ଭକ୍ତ ଯେତେବେଳେ କ୍ଷୁଧାରେ ଥିଲା, ତୁମେ ତା'ର କ୍ଷୁଧା ମେଣ୍ଟାରଲ ନାହିଁ । ତା'ର ଖାଲି ପେଟର ଧ୍ୟାନ ରଖିଲ ନାହିଁ । ଏହିପରି ତୁମେ ମୋର ବେଖାତିର କଲ । ଯେତେବେଳେ ମୋର ଗରିବ ଭକ୍ତ ପୁଙ୍ଗୁଳା ଦେହରେ ଥିଲା, ସେତେବେଳେ ତାକୁ ଘୋଡ଼ାଇବାକୁ ଚେଷ୍ଟା କରି ନଥିଲ । ଏହି ପରି ମୋତେ ଢ଼ାଙ୍କିବାର ବ୍ୟବସ୍ଥା କରି ନଥିଲ । ଯେତେବେଳେ ମୋର ଗରିବ ଭକ୍ତ ତୃଷାର୍ତ୍ତ ଥିଲା, ତା'ର ଶୋଷ ମେଣ୍ଟାଇଲ ନାହିଁ ଯଦ୍ୱାରା ମୋର ଶୋଷ ମେଣ୍ଟି ଯାଇ ପାରିଥାନ୍ତା । ଯେତେବେଳେ ମୋ ଭକ୍ତ ବାସହୀନ ଥିଲା, ତୁମେ ଚେଷ୍ଟା କରି ନଥିଲ ଯେ ତାକୁ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ମିଳୁ । ଏପରି ଭାବେ ମୋ ପାଇଁ ତାହାର ବ୍ୟବସ୍ଥା କରି ନଥିଲ ।'

ସୁତରାଂ ଈଶ୍ୱରଙ୍କର ଗରିବ ସହିତ ଏହିପରି ସମ୍ପର୍କ ରହିଛି, ଯାହା ଇସଲାମର ଶିକ୍ଷା । ଏହି ଶିକ୍ଷା ଅନୁଯାୟୀ ଯେଉଁ ବ୍ୟକ୍ତି ପ୍ରଭୁଙ୍କ ଗରିବ ଭକ୍ତମାନଙ୍କ ସହିତ ସମ୍ପର୍କ ରଖେ ନାହିଁ, ଅଲ୍ଲାଃତାଲା ମଧ୍ୟ ତା' ଠାରୁ ସମ୍ପର୍କ ଛିନ୍ନ କରି ଦିଅନ୍ତି । ସୁତରାଂ ମୋ ବିଷୟବସ୍ତୁର ପ୍ରଥମ ଦିଗ ଥିଲା, ଯେଉଁମାନେ ଗରିବ ଭକ୍ତମାନଙ୍କୁ ଦୁଃଖ କଷ୍ଟ ଦିଅନ୍ତି, ସେମାନେ କଦାପି ପ୍ରଭୁଙ୍କର ହୋଇ ପାରିବେ ନାହିଁ । ଦ୍ୱିତୀୟ ଦିଗଟି ହେଉଛି ଯେଉଁମାନେ ଈଶ୍ୱର ସୃଷ୍ଟଜ ପ୍ରାଣୀମାନଙ୍କର ସେବାରେ ନିୟୋଜିତ ନରହନ୍ତି, ସେମାନେ ବିଭୁ ପ୍ରେମ ଓ ଈଶ୍ୱରଭକ୍ତି କେବେହେଲେ ହାସଲ କରି ପାରିବେ ନାହିଁ ।

ହିନ୍ଦୁ ଧର୍ମରେ ମଧ୍ୟ ଏହି ପ୍ରସଙ୍ଗରେ ଏହିପରି ଅନେକ ଶିକ୍ଷା ରହିଛି । ମୁଁ କେବଳ ଦୁଇ ଚରୋଟି ଉଦାହରଣ ଆପଣଙ୍କ ସମ୍ମୁଖରେ ରଖୁଛି ।

ଶ୍ରୀମଦ୍ ଭଗବତ ଗୀତାର ଉକ୍ତି ହେଉଛି:

'ହେ ଅର୍ଜୁନ ! ଯେଉଁ ବ୍ୟକ୍ତି ସଂସାରର ସମସ୍ତ ସୃଷ୍ଟଜଙ୍କ ପ୍ରତି ବିନା ଭେଦଭାବରେ ସମସ୍ତଙ୍କୁ ସମାନ ମନେ କରେ ଓ ସେମାନଙ୍କ ସୁଖଦୁଃଖକୁ ନିଜ ସୁଖଦୁଃଖ ପରି ଅନୁଭବ କରେ, ସେ ବ୍ୟକ୍ତି ସର୍ବାପେକ୍ଷା ମହାଜ୍ଞାନୀ ମଧ୍ୟରେ ପରିଗଣିତ ହୁଏ ।' (ଭାଗବତ ଗୀତା, ଅଧ୍ୟାୟ ୬, ଶ୍ଳୋକ ୩୪)

ପୁଣି ଭଗବତ ଗୀତା ଅଧ୍ୟାୟ ୧୨ ଶ୍ଳୋକ ୧୩ ରେ ଉଲ୍ଲେଖ ଅଛି:

'ଯେଉଁ ବ୍ୟକ୍ତି କାହାରି ସହିତ ଈର୍ଷାଭାବ ଓ ଶତ୍ରୁତା ନରଖି ମିତ୍ରତା ରଖିଥାଏ ତଥା ପ୍ରତ୍ୟେକଙ୍କ ଦୁଃଖ ସୁଖ, ଦୁର୍ଦ୍ଦଶା ଓ ଆନନ୍ଦକୁ ସମାନ ମନେ କରେ ଏବଂ ଯିଏ ସମସ୍ତ ସୃଷ୍ଟଜଙ୍କ ପ୍ରତି ସହାନୁଭୂତି ଓ ପ୍ରେମ ଭାବନା ରଖିଥାଏ ତଥା ସମସ୍ତଙ୍କ ପ୍ରତି ଦୟା କରେ ଏବଂ ଗର୍ବ, ଅହଂକାର ଠାରୁ ଦୂରେଇ ରହି କ୍ଷମାଶୀଳ ହୁଏ, ସର୍ବଦା ଅଳ୍ପକେ ସନ୍ତୁଷ୍ଟ ରହିଥାଏ, ଧୈର୍ଯ୍ୟଧାରଣ କରେ, କୃତଜ୍ଞ ହୁଏ, ନିଜର କାମନାକୁ ନିୟନ୍ତ୍ରିତ ରଖିଥାଏ, ମୋ ଠାରେ ଦୃଢ଼ ମନୋଯୋଗୀ ରହିଥାଏ, ସେହି ଭକ୍ତ ମୋତେ ଅତ୍ୟନ୍ତ ପ୍ରିୟ ।'

ହଜରତ ଜାବିର୍[ରଅ]ଙ୍କ ଦ୍ୱାରା କଥିତ ଅଛି ଯେ ରସୁଲୁଲ୍ଲାଃ[ସଅ] ଏହିପରି କହିଛନ୍ତି:

'କୟାମତ୍ ଦିନ ତୁମମାନଙ୍କ ମଧ୍ୟରୁ ସେହି ବ୍ୟକ୍ତି ମୋର ସର୍ବାଧିକ ପ୍ରିୟ ହେବେ, ଯେଉଁମାନେ ସର୍ବାପେକ୍ଷା ଚରିତ୍ରବାନ ହୋଇଥିବେ ଏବଂ ସର୍ବାପେକ୍ଷା ତିରସ୍କୃତ ସେହି ବ୍ୟକ୍ତି ଯେଉଁମାନେ ବଢ଼ି ଚଢ଼ି କଥା କହୁଥିବେ ଓ ଲୋକମାନଙ୍କ ମଧ୍ୟରେ ଗର୍ବ ଓ ଅହଂକାର ପୂର୍ବକ ବିଚରଣ କରୁଥିବେ ।'

ଏ ସଂକ୍ରାନ୍ତରେ ଅତ୍ୟନ୍ତ ପ୍ରୀତି ସୁଧାମୟ ଶିକ୍ଷାମାନ ଆମକୁ ଭଗବତ୍ ଗୀତାରେ ମଧ୍ୟ ମିଳିଛି । ସେହିପରି ବେଦରେ ମଧ୍ୟ ଅତ୍ୟନ୍ତ ପବିତ୍ର ଶିକ୍ଷାର ଦୃଷ୍ଟାନ୍ତ ପ୍ରଦର୍ଶିତ ହୋଇଛି । ଉକ୍ତ ଦୃଷ୍ଟାନ୍ତଗୁଡ଼ିକୁ ପାଠ କଲେ ମନୁଷ୍ୟ ହୃଦୟରେ ଏହି ବିଶ୍ୱାସ ଭରିଯାଏ ଯେ ଆମ ଈଶ୍ୱର ଏକ ଓ ପ୍ରତ୍ୟେକ ଧର୍ମର ପ୍ରାରମ୍ଭରେ ମହାନ ଗୁଣିଜ୍ଞାନୀ ବ୍ୟକ୍ତିମାନଙ୍କ ଉପରେ ସେହି ଅଦ୍ୱିତୀୟ ପରମବ୍ରହ୍ମ ପ୍ରକଟିତ ହୋଇଥିଲେ । ଯଦି ସେହି ଏକ ବ୍ରହ୍ମଙ୍କ ସହିତ ଆମର ପ୍ରେମ ରହିଛି, ତେବେ ଆମକୁ ନିଜ ପ୍ରେମର ସ୍ତରକୁ ବଢ଼ାଇବା ଆବଶ୍ୟକ ।

ହଜରତ ମସିହ ମଉଦ[ଅସ] ବାବା ନାନକଙ୍କ ସମ୍ପର୍କରେ କହିଛନ୍ତି:

'ଏଥିରେ ତିଳେହେଲେ ସନ୍ଦେହ ହୋଇପାରେ ନାହିଁ ଯେ ବାବା ଗୁରୁ ନାନକ ଜଣେ ଉତ୍ତମ ପରମ ପୁରୁଷ ଥିଲେ । ସେହି ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଥିଲେ, ଯେଉଁମାନଙ୍କୁ ସେ ମହିମାମୟ ପ୍ରଭୁ ନିଜ ପ୍ରେମର ମଧୁର ପାନୀୟ ପିଆଇଥାନ୍ତି ।' (ରୁହାନି ଖଯାଏନ୍, ପୈଗାମେ ସୁଲାହ, ଭାଗ ୨୩, ପୃ: ୪୪୫)

ପୁଣି ସେ ବର୍ଣ୍ଣନା କରିଛନ୍ତି: 'ଯୋ ଦୂର୍ ଇସ୍‌ସେ ଉସ୍‌ସେ ଖୁଦା ଦୂର ହୈ'

(ରୁହାନି ଖଯାଏନ, ସତ୍ ବଚନ, ଖଣ୍ଡ ୧୦, ପୃ: ୧୬)

'ଯଦି ସେହି ପରମ ବ୍ୟକ୍ତିତ୍ୱ ଓ ତାଙ୍କ ଶିକ୍ଷାରୁ କିଞ୍ଚିତ ଲାଭ ଗ୍ରହଣ କରାଯାଇ ଥାଆନ୍ତା, ତା' ହେଲେ ଆଜି ହିନ୍ଦୁ, ମୁସଲ୍‌ମାନ ସମସ୍ତେ ଏକ ହୋଇ ଥାଆନ୍ତେ । କିନ୍ତୁ ହାୟ ଦୁର୍ଭାଗ୍ୟ ! ଆମକୁ ଏହି କଥା ଚିନ୍ତା କଲେ କାନ୍ଦ ଲାଗେ ଯେ ଏପରି ଉତ୍ତମ ବ୍ୟକ୍ତି ସଂସାରକୁ ଆସିଲେ ଓ ସେ ମଧ୍ୟ ଚାଲିଗଲେ । କିନ୍ତୁ ନିର୍ବୋଧ ଲୋକମାନେ ତାଙ୍କ ଜ୍ୟୋତିରୁ କୌଣସି ଆଲୋକ ପ୍ରାପ୍ତ କଲେ ନାହିଁ ।'

(ରୁହାନି ଖଯାଏନ, ପୈଗାମେ ସୁଲାହ୍, ଖଣ୍ଡ ୨୩, ପୃ- ୪୪୬)

ଚୋଲା ବାବା ନାନକଙ୍କ ସମ୍ପର୍କରେ ସେ କହିଛନ୍ତି:

**ୟହି ପାକ୍ ଚୋଲା ହୈ ସିକ୍ଖୋଁ କା ଆଜ୍**
**ୟହି କାବ୍‌ଲି ମଲ୍ କେ ଘର୍‌ମେଁ ହୈ ଆଜ୍ ।**
**ୟହି ହୈ କେ ନୁରୋଁ ସେ ମାମୁର୍ ହୈ**
**ଯୋ ଦୂର ଇସ୍‌ସେ ଉସ୍‌ସେ ଖୁଦା ଦୂର ହୈ ।**
**ୟହି ଜନମ୍ ସାଖି ମେଁ ମୟ୍‌କୁର୍ ହୈ**
**ଯୋ ଅଙ୍ଗଦ୍ ସେ ଇସ୍ ୱ୍କ୍ତ ମଶ୍‌ହୁର୍ ହୈ ।**
**ଇସିପର ୱ୍ୱହ୍ ଆୟାତ୍ ହୈଁ ବୈୟେନାତ**
**କେ୍ ଜିନ୍‌ସେ ମିଲେ ଜାୱ୍ୱେଦାନି ହୟାତ୍ ।**
**ୟେ ନାନକ୍ କୋ ଖୁଲଅତ୍ ମିଲା ସରଫରାୟ୍**
**ଖୁଦାସେ ଯୋ ଥା ଦର୍ଦକା ଚାରା ସାୟ୍ ।**
**ଉସିସେ ୱ୍ୱହ୍‌ସବ୍ ରାୟ୍ ହକ୍ ପା ଗୟା ।**
**ଉସିସେ ୱ୍ୱହ୍ ହକ୍‌କି ତରଫ୍ ଆ ଗୟା ।**

(ରୁହାନି ଖଯାଏନ, ସତ୍ ବଚନ୍, ଭାଗ ୧୦,ପୃ: ୧୬)

ହଜରତ ମସିହ୍ ମଉଦ୍[ଅସ] ନିଜ ରଚିତ ପଦ୍ୟାବଳୀ ଗ୍ରନ୍ଥରେ ଚୋଲା ବାବା ନାନକ ବିଷୟରେ ବର୍ଣ୍ଣନା କରିଛନ୍ତି, ଯାହାର ସାରାଂଶ ହେଉଛି:

ବାବା ନାନକଙ୍କ ଚୋଲା ଶିଖ୍‌ମାନଙ୍କ ମୁକୁଟ, ଯାହା ଆଜି ମଧ୍ୟ କାବ୍‌ଲିମଲ୍ ଘରେ ବିଦ୍ୟମାନ ରହିଛି । ଏହା ପବିତ୍ର ଜ୍ୟୋତିରେ ପ୍ରକାଶିତ । ଯେଉଁ ବ୍ୟକ୍ତି ଏହାଠାରୁ ଦୂରେଇ ଯାଏ, ପ୍ରଭୁ ମଧ୍ୟ ତା'ଠାରୁ ଦୂରେଇ ଯାନ୍ତି । ଏହି ବିଷୟ ଜନମ ସାଖୀ (ଗୁରୁଗ୍ରନ୍ଥର ଏକ ଅଧ୍ୟାୟ)ରେ ଉଲ୍ଲେଖ ଅଛି । ଏହି ଚୋଲାରେ ପବିତ୍ର କୁର୍‌ଆନର ସେହି ଆୟତ ଉଲ୍ଲିଖିତ ଅଛି, ଯାହା ଦ୍ୱାରା ମନୁଷ୍ୟ ଚିରଂଜୀବି ହୋଇପାରିବ । ବାବା ନାନକଙ୍କୁ ଏହି ପୋଷାକ (ଚୋଲା) ପବିତ୍ର ବସ୍ତ୍ର ସ୍ୱରୁପ ପ୍ରଦାନ କରାଯାଇଥିଲା । ଏହା ତାଙ୍କର ପ୍ରଭୁଙ୍କ ପ୍ରତି ଥିବା ପ୍ରେମଭାବ ହେତୁ ପ୍ରାପ୍ତ

ହୋଇଥିଲା । ଏହା ଦ୍ୱାରା ସେ ବାସ୍ତବିକ ଧର୍ମତତ୍ତ୍ୱର ସନ୍ଧାନ ପାଇ ପାରିଲେ ଓ ପ୍ରକୃତ ସତ୍ୟ ଆଡ଼କୁ ଢଳି ପଡ଼ିଲେ ।

ଶ୍ରୀକୃଷ୍ଣଙ୍କ ବିଷୟରେ ହଜରତ ମସିହ୍ ମଉଦ୍[ଅସ] ଏହିପରି ଉଲ୍ଲେଖ କରିଛନ୍ତି:

'ଥରେ ମୁଁ କୃଷ୍ଣଙ୍କୁ ସ୍ୱପ୍ନରେ ଦେଖିଲି । ସେ କଳା ବର୍ଣ୍ଣର ଥିଲେ, ତାଙ୍କର ନାକ ପତଳା ଚଉଡା ମଥା ଥିଲା । ସେ ଉଠି ପଡ଼ି ନିଜ ନାକ ମୋ ନାକ ସହିତ ଓ ନିଜ ମଥା ମୋ ମଥା ସହିତ ଘଷି ଜଡ଼ିତ କରିଦେଲେ ।'

(ଅଲ ହକମ୍, ଭାଗ ୧୨, ସଂ ୧୭, ୨ ମାର୍ଚ୍ଚ ୧୯୦୮, ପୃ:୬, ତଯ୍କରା ପୃ: ୩୧, )

ଏହି କଥା ଆପଣମାନଙ୍କ ପାଇଁ ବିସ୍ମୟର କାରଣ ହୋଇପାରେ ଯେ ଜଣେ ବ୍ୟକ୍ତି ଯେତେବେଳେ ଅନ୍ୟ ଜଣଙ୍କ ସହିତ ଆଲିଙ୍ଗନ କରିବ, ସେ ନାକ ସହିତ ନାକ ଓ ମଥା ସହିତ ମଥା କାହିଁକି ଲଗାଇବ । ମୋ ପାଇଁ ମଧ୍ୟ ଏହି ଗୁମର ସ୍ପଷ୍ଟ ହୋଇ ପାରି ନଥାନ୍ତା ଯଦି ମୁଁ ନ୍ୟୁଜିଲ୍ୟାଣ୍ଡ୍ ଯାଇ ନଥାନ୍ତି । ସେଠାରେ ମୁଁ ଏକ ପ୍ରାଚୀନ ଜାତିଙ୍କୁ ବାସ କରୁଥିବାର ଦେଖିଲି, ଯେଉଁମାନେ ଆଜିର ସଭ୍ୟ ସମାଜ ଆସିବାର ବହୁ ପୂର୍ବରୁ ସେଠାରେ ବାସ କରୁଛନ୍ତି । ନିଜର ପୁରାତନ ପରମ୍ପରାକୁ ଜୀବନ୍ତ ରଖିଛନ୍ତି । ସୁତରାଂ ସେଠାକାର ମୁଖିଆ ନିଜର ପ୍ରେମ ଓ ବନ୍ଧୁତାକୁ ପ୍ରକଟ କରିବା ପାଇଁ ମୋତେ ଆଲିଙ୍ଗନ କରିବା ସହିତ ମୋ ନାକ ସହିତ ନିଜର ନାକ ଓ ମୋ ମଥା ସହିତ ନିଜର ମଥା ମିଳାଇ ଦେଲା । ସେତେବେଳେ ଏହି ଭେଦ ସ୍ପଷ୍ଟ ହୋଇଥିଲା । ଅବଶ୍ୟ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା, ମାତ୍ର ଏହା ଦ୍ୱାରା ଅନ୍ୟ ଏକ ଲାଭ ମଧ୍ୟ ହୋଇଥିଲା ।

ହଜରତ ମସିହ୍ ମଉଦ୍[ଅସ]ଙ୍କ ସ୍ୱପ୍ନରେ ଯେଉଁ ଦୃଶ୍ୟ ଦେଖା ଯାଇଥିଲା ଯେ ସେ ଶ୍ରୀକୃଷ୍ଣଙ୍କ ସହିତ ଆଲିଙ୍ଗନ କରୁଛନ୍ତି । ନିଶ୍ଚିତ ଭାବେ ଏହି ପ୍ରଥା ରହିଥିବ ଯେପରି କି ପ୍ରାଚୀନ ଜାତିମାନଙ୍କ ସଭ୍ୟତାର ଏକ ଦୃଶ୍ୟ ମୁଁ ନିଜେ ଦେଖିଲି । ଦ୍ୱିତୀୟ ରହସ୍ୟ ଏହା ଜଣାପଡ଼ିଲା ଯେ ଏ ଅଞ୍ଚଳରେ ହଜରତ ମସିହ୍ ମଉଦ୍[ଅସ]ଙ୍କର ସତ୍ୟତାର ଅତି ଦୃଢ଼ ପ୍ରମାଣ ରହିଛି । ଅନ୍ୟଥା ଜଣେ ସାଧାରଣ ବ୍ୟକ୍ତି ଏହାକୁ କୌଣସି ମନଗଢ଼ା କଥା ବୋଲି କହିପାରେ । କିନ୍ତୁ ଭାରତୀୟ ସଭ୍ୟତାରେ ପ୍ରତିପୋଷଣ ହୋଇଥିବା ବ୍ୟକ୍ତି କଦାପି ଏକଥା ଚିନ୍ତା କରିପାରିବ ନାହିଁ ଯେ ଅର୍ଦ୍ଧ ଚେତନ ଅବସ୍ଥାରେ ଦେଖାଯାଇଥିବା ଦୃଶ୍ୟରେ କୌଣସି ମର୍ଯ୍ୟାଦା ପୁରୁଷକୁ ଦେଖିବ ଓ ସେ ତାଙ୍କ ସହିତ ଆଲିଙ୍ଗନ କରିବ କିମ୍ବା ତାଙ୍କ ଚରଣ ସ୍ପର୍ଶ କରିବ କିମ୍ବା ସେ ତାକୁ ସ୍ପର୍ଶ କରି ଅଥବା ସେ ନିଜ ନାକ ସହିତ ନାକ ଓ ମଥାକୁ ରଗଡ଼ି ଜଡ଼ାଇ

ରଖିବ, କେବେ ଏହା କପୋଳ କଳ୍ପିତ ହୋଇଥିବ । ସୁତରାଂ ବାସ୍ତବରେ ସେହି ଈଶ୍ୱର ଯେକି ଏକ ଓ ଅନୁପମ, ଐଶ୍ୱର୍ଯ୍ୟମୟ, ସର୍ବଜ୍ଞ, ସେ କିପରି ହଜରତ ମସିହ୍ ମଉଦ୍[ଅସ]ଙ୍କ ଉପରେ ଏହା ପ୍ରକଟ କରିଥିଲେ ଯେ ଯେଉଁ ଯୁଗରେ ଶ୍ରୀକୃଷ୍ଣଙ୍କର ଆଗମନ ହୋଇଥିଲା ସେ ସମୟରେ ଜାତିମାନଙ୍କ ମଧ୍ୟରେ ପ୍ରେମର ଆଦାନ ପ୍ରଦାନ ତଥା ସମନ୍ୱିତ ଭାବନାରେ ଏକାକାର ହେବା ବିଷୟ ପ୍ରକାଶ କରିବାର ଅନୁରୂପ ପ୍ରଥା ରହିଥିଲା ।

'ରାଜା କୃଷ୍ଣଙ୍କୁ ଯେଉଁ ପ୍ରକାରରେ ମୋ ଠାରେ (ହଜରତ ମିର୍ଜା ଗୁଲାମ ଅହମଦ – ଅନୁବାଦକ) ପ୍ରକାଶିତ କରାଯାଇଛି, ବାସ୍ତବରେ ସେ ଜଣେ ପରିପୂର୍ଣ୍ଣ ବ୍ୟକ୍ତିତ୍ୱଧାରୀ ଉତ୍ତମ ପୁରୁଷ ଥିଲେ, ଯାହାର ଦୃଷ୍ଟାନ୍ତ ହିନ୍ଦୁମାନଙ୍କର କୌଣସି ମୁନି ଋଷି ଅବା ଅବତାରମାନଙ୍କ ଠାରେ ଦେଖାଯାଏ ନାହିଁ । ନିଜ ସମୟର ସେ ଅବତାର (ନବୀ) ଥିଲେ, ଯାହାଙ୍କ ଠାରେ ପ୍ରଭୁଙ୍କ ଆଡୁ 'ରହୁଲ୍ କୁଦ୍ଦୁସ୍ (ପବିତ୍ର ଆତ୍ମା) ଅବତୀର୍ଣ୍ଣ ହେଉଥିଲା । ସେ ପ୍ରଭୁଙ୍କ ତରଫରୁ ବିଜୟର ସୌଭାଗ୍ୟ ପ୍ରାପ୍ତ କରିଥିଲେ, ଯିଏ କି ଆର୍ଯ୍ୟାବର୍ତ୍ତର ଭୂମିକୁ ପାପ ମୁକ୍ତ କରିଥିଲେ । ସେ ନିଜ ଯୁଗର ପ୍ରକୃତ ଅବତାର ଥିଲେ, ଯାହାଙ୍କ ଶିକ୍ଷାକୁ ପରିବର୍ତ୍ତୀ ସମୟରେ ଅଧିକାଂଶ ମାତ୍ରାରେ ବିଗାଡ଼ି ଦିଆଗଲା । ସେ ପ୍ରଭୁଙ୍କ ପ୍ରେମରେ ପରିପୂର୍ଣ୍ଣ ଥିଲେ ଓ ସାଧୁମାନଙ୍କ ସହିତ ମିତ୍ରତା ତଥା ଅସାଧୁମାନଙ୍କ ସହିତ ଶତ୍ରୁତା କରୁଥିଲେ ।'

(ରୁହାନି ଖଯାଏନ, ଲେକଚର ସିଆଲ୍‌କୋଟ, ଭାଗ ୨୦, ପୃ: ୨୨୮-୨୨୯)

ହଜରତ ମୁହମ୍ମଦ[ସଅ] ମଧ୍ୟ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ହଜରତ ମସିହ୍ ମଉଦ୍[ଅସ] ସେହି ଉକ୍ତିକୁ ଉଦ୍ଧାର କରି ବର୍ଣ୍ଣନା କରିଛନ୍ତି:

'ଥରେ ରସୁଲୁଲ୍ଲା[ସଅ]ଙ୍କୁ ଅନ୍ୟାନ୍ୟ ଦେଶମାନଙ୍କରେ ଆବିର୍ଭୁତ ହୋଇଥିବା ନବୀମାନଙ୍କ ସମ୍ବନ୍ଧରେ ପ୍ରଶ୍ନ କରାଗଲା । ମହାଭାଗ ଏହାହିଁ କହିଲେ 'ପ୍ରତ୍ୟେକ ଦେଶରେ ଅଲ୍ଲାଃତାଲାଙ୍କ ନବୀ ଆସିଛନ୍ତି ।'

كَانَ فِي الْهِنْدِ نَبِيًّا اَسْوَدَ اللَّوْنِ اِسْمُهٗ كَاهِنًا

**କାନା ଫିଲ୍ ହିନ୍ଦେ ନବିୟନ୍ ଅସୱଦଲ୍ ଲୌନି ଇସ୍‌ମୁହୁ କାହିନା**

ଅର୍ଥାତ 'ଭାରତରେ ଜଣେ ନବୀ ଆସିଥିଲେ ଯାହାଙ୍କର ବର୍ଣ୍ଣ କଳା ଥିଲା । ଏବଂ ତାଙ୍କ ନାମ 'କାହିନା' (ଅର୍ଥାତ୍ କହ୍ନେୟା ବା କାହ୍ନା) ଥିଲା ।'

ପୁଣି ହଜରତ ମସିହ୍ ମଉଦ୍[ଅସ]ଙ୍କୁ ଈଶ୍ୱର କଳିଯୁଗର ଅବତାର କରି ପ୍ରେରଣ କଲେ । ତାଙ୍କ ଉପରେ ଏହି ଐଶ୍ୱବାଣୀ ଅବତୀର୍ଣ୍ଣ କରିଥିଲେ:

**ହେ କ୍ରିଷ୍ଣ ରିଦ୍ର ଗୋପାଲ ! ତେରି ମହିମା ଗୀତା ମେଁ ଲିଖି ଗୟି ହେ**

(ରୁହାନି ଖଯାଏନ୍, ତୋହଫାଏ ଗୋଲଡିଆ, ତଯକରା)

ସେହିପରି ଅନ୍ୟ ଏକ ଐଶିବାଣୀରେ ମଧ୍ୟ ତାତ୍ପର୍ଯ୍ୟ ଏକା ଥିଲା:

"ହେ କୃଷ୍ଣ ରୁଦ୍ର ଗୋପାଲ୍ ! ତୋର ମହିମା ଗୀତାରେ ବର୍ଣ୍ଣିତ ଅଛି"

(ରୁହାନି ଖଯାଏନ୍, ଲେକ୍‌ଚର ସିଆଲ୍‌କୋଟ, ଖଣ୍ଡ ୨୦, ପୃ: ୩୮୦, ୧୯୬୯, ରବୁଆ)

ଏବେ ମୁଁ ଏହି ବିଷୟବସ୍ତୁକୁ ମୋ ବକ୍ତବ୍ୟର ଅନ୍ତିମ ଚରଣ ଆଡ଼କୁ ନେଇଯାଉଛି । ଶେଷରେ କେତେକ ବିଷୟ ଆପଣଙ୍କ ସମ୍ମୁଖରେ ପ୍ରସ୍ତୁତ କରିବି । ସମସ୍ତ ଉକ୍ତିର କେବଳ ଏକ ମାତ୍ର ଉଦ୍ଦେଶ୍ୟ ହେଉଛି ଭାରତବର୍ଷର ପାବନ ଭୂମିରେ ମୁଁ ଅନେକ ପ୍ରକାରର ସମାନତା କେତେକ ଦୃଷ୍ଟିରୁ ରହିଥିବାର ଦେଖୁଛି । ଏହା ମୋର ପ୍ରଥମ ଦେଶ, ଏହିଠାରେ ହିଁ ମୁଁ ଜନ୍ମ ହୋଇଥିଲି । ଏହି ଠାରେ ମୋର ଆଖି ଖୋଲିଛି । ଏହି ଭୂମିର ମାଟିରେ ମୋର ଅସ୍ତିତ୍ୱ ଗଠନ ହୋଇଛି । ହୁଏତ କୌଣସି କାରଣରୁ ମୁଁ ଏଠାରୁ ପ୍ରବାସ ଗ୍ରହଣ କରିଛି । କିନ୍ତୁ ମୋର ପ୍ରଗାଢ଼ ପ୍ରେମ ଭାରତ ଭୂମି ପ୍ରତି ରହିଛି । ପୁଣି କାଦିୟାନ ଗ୍ରାମ ସହିତ ପ୍ରତ୍ୟେକ ଅହମଦିର ଏକ ଅତୁଟ ପ୍ରେମ ରହିଛି, ଯାହା କୟାମତ୍ ପର୍ଯ୍ୟନ୍ତ ଜାରି ରହିବ । ଏହି ସମ୍ପର୍କ ଦୃଷ୍ଟିରୁ ମଧ୍ୟ ଏ ଦେଶ ସହିତ ମୋର ଗଭୀର ଅନୁରକ୍ତି ଅଛି, ଯେଉଁ ଦେଶରେ କାଦିୟାନ ଗ୍ରାମ ଅବସ୍ଥିତ । ପ୍ରତ୍ୟେକ ଧର୍ମ ମଧ୍ୟ ମୋତେ ଏହି ଶିକ୍ଷା ଦେଇଛି । ଆପଣଙ୍କ ଧର୍ମ ମଧ୍ୟ ମୋତେ ଏହି ଶିକ୍ଷା ପ୍ରଦାନ କରିଛି, ଆପଣଙ୍କ ଧର୍ମ ମଧ୍ୟ ଆପଣଙ୍କୁ ଏହି ଶିକ୍ଷା ଦେଇଛି ଯେ ଜଣେ ଅନ୍ୟ ସହିତ ପ୍ରେମ କର, ପ୍ରେମ ଭାବକୁ ବୃଦ୍ଧି କର । ଯେତେବେଳେ ମୁଁ ଦୁନିଆରେ ବିଶୃଙ୍ଖଳା ଓ ଉପଦ୍ରବମାନ ଘଟିବାର ଆଭାସ ପାଇଥାଏ, ମୋ ହୃଦୟକୁ ଅନେକ ଆଘାତ ପହଞ୍ଚିଥାଏ । ବିଶେଷ ଭାବରେ ଯଦି ଭାରତରେ ବିଶୃଙ୍ଖଳା ଘଟିବାର ଦେଖେ କିମ୍ବା ପାକିସ୍ତାନରେ ଘଟିଥାଏ । ଯେତେବେଳେ ଏଠାକାର ଲୋକମାନଙ୍କୁ ପରସ୍ପର ମଧ୍ୟରେ ଲଢ଼େଇ କରୁଥିବାର ଦେଖାଯାଏ କିମ୍ବା ଉଭୟ ଦେଶ ପରସ୍ପର ପ୍ରତି ଘୃଣା ଭାବ ରଖି ଜଣେ ଅନ୍ୟ ଠାରୁ ଦୂରେଇ ଯାଉଥିବାର ଅବସ୍ଥାକୁ ନିରୀକ୍ଷଣ କରେ, ସେତେବେଳେ ମୋ ହୃଦୟ ବିଦାରି ହୋଇଯାଏ ଓ ମନରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରେ । ଏହାର ପରିଣତି ଦ୍ୱାରା ଭବିଷ୍ୟତରେ ହେବାକୁ ଥିବା ଏପରି ଭୟାବହ ବିପଦର ଦୃଶ୍ୟକୁ ମାନସ ପଟଳରେ ଅବଲୋକନ କରିଥାଏ । ଯଦି ଆପଣମାନଙ୍କ ଜ୍ଞାତସାରରେ ଏହା ଆସିଥାଏ, ତେବେ ଆପଣଙ୍କ ଚେତନା ହଜିଯିବ । ଅତ୍ୟନ୍ତ ଭୟଙ୍କର ଦିନ ଆମ ସମ୍ମୁଖକୁ ଆସିବାର ଅଛି । ତେଣୁ ମୁଁ ଆପଣଙ୍କ ପବିତ୍ର ଧର୍ମଗ୍ରନ୍ଥମାନଙ୍କ ବାଣୀ

ମାଧ୍ୟମରେ ଉପଦେଶ ଦେଉଛି । ନିଜ ପବିତ୍ର ଗ୍ରନ୍ଥର ଦିବ୍ୟ ପଙ୍କ୍ତି ଦ୍ୱାରା ଅହମଦିମାନଙ୍କୁ ତଥା ସମସ୍ତ ମୁସଲ୍‌ମାନ୍‌ମାନଙ୍କୁ ନିର୍ଦ୍ଦେଶ ଦେଉଛି ଯେ ଏବେ ମଧ୍ୟ ସମୟ ଅଛି, ଯଥା ଶୀଘ୍ର ପରସ୍ପର ସହିତ ପ୍ରେମ ଭାବକୁ ସଂଯୋଗ କର ଓ ଘୃଣା ଭାବକୁ ସବୁ ଦିନ ପାଇଁ ତ୍ୟାଗ କରି ଦିଅ । ନଚେତ ଏହି ସଂସାରର ଜୀବନ ଶୈଳୀ ଠାରୁ ଦୂରରେ ଯାଇ ପଡ଼ିବ । ଏପରି ପରିବର୍ତ୍ତନ ଘଟିବା ଆରମ୍ଭ ହୋଇ ଗଲାଣି, ଯାହାର ବର୍ଣ୍ଣନା ମୁଁ ଥରେ କରିଦେଇଛି । ଏହା ଫଳରେ ପାଶ୍ଚାତ୍ୟ ଶକ୍ତିମାନେ ଏକ ନୂତନ କ୍ଷମତା, ଏକ ନୂତନ ବିଶ୍ୱାସ ତଥା ଏପରି ଦୃଢ଼ ସଂକଳ୍ପ ସହିତ ଦୁନିଆ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଉଦ୍ୟମ କରୁଛନ୍ତି, ଯାହାର ଦୁର୍ବଳ ଦେଶଗୁଡ଼ିକ କଳ୍ପନା ମଧ୍ୟ କରି ପାରିବେ ନାହିଁ ଯେ କିପରି ସେମାନଙ୍କୁ କବଳରୁ ରକ୍ଷା ପାଇବେ । ଏହି ଶକ୍ତିମାନେ ଯଦିଓ ସର୍ବସାଧାରଣଙ୍କ ମାନସ ପଟଳରେ ସଂପୂର୍ଣ୍ଣ ସ୍ୱଷ୍ଟ ହୋଇ ଦେଖାଯା'ନ୍ତୁ କିମ୍ବା ସେମାନଙ୍କ ସ୍ଥିତି ଅସ୍ୱଷ୍ଟ ହୋଇଥାଉ । କିନ୍ତୁ ପ୍ରଶାସନିକ ସାମର୍ଥ୍ୟ ଦୃଷ୍ଟିରୁ ପାଶ୍ଚାତ୍ୟ ଦେଶର ରାଜନୀତି ଏକ କ୍ଷମତାଶାଳୀ ପ୍ରଶାସକ ଭାବେ ପ୍ରକଟିତ ହେଉଛି ଓ ସେହି ପଥକୁ ଅନୁସରଣ କରିବାରେ ଲାଗିଛି । କାରଣ ଦୁର୍ଭାଗ୍ୟ ବଶତଃ ଏହି ଦେଶଗୁଡ଼ିକର ପ୍ରଶାସନର ଲଗାମ ଆଜି ଆମେରିକା ହାତରେ ରହିଛି । ଏବଂ ଆମେରିକା ଅହଂକାରର ଶେଷ ସୀମାରେ ପହଞ୍ଚି ଯାଇଛି । ଯାହା ପରେ ଅବନତିର ଅବସ୍ଥା ଆରମ୍ଭ ହୋଇଯାଇ ଥାଏ । କିନ୍ତୁ ଏହି ବିରାଟ ପରିବର୍ତ୍ତନ ଘଟିବା ପୂର୍ବରୁ ଆମକୁ ଅନେକ ପ୍ରକାରର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ଯଦି ଆମେ ଆମ ଦେଶରେ ଶାନ୍ତି ପ୍ରତିଷ୍ଠା ନକରିବା ଓ ଯଦି ଦରିଦ୍ର ବର୍ଗ ଅନ୍ୟ ଦରିଦ୍ର ବର୍ଗଙ୍କ ସହିତ ମିଳି ମିଶି ନିଜର ଜୀବିତ ରହିବାର ଉପାୟ ବାହାର ନକରିବା, ତା' ହେଲେ ଆମେ ଦିନକୁ ଦିନ ଦୁର୍ବଳ ଓ ଅଧିକ ଖରାପ ଆଡ଼କୁ ଗତି କରି ଚାଲିବା । ଯାହା ଫଳରେ ସ୍ୱଷ୍ଟ ଭାବେ ସଦା ସର୍ବଦା ପାଇଁ ଦାସତ୍ୱର ଜଞ୍ଜିର୍‌ରେ ବାନ୍ଧି ହୋଇଯିବା ଏବଂ କେହି ହେଲେ ସେଥିରୁ ମୁକୁଳି ପାରିବା ନାହିଁ । କେବଳ ଅଲ୍ଲାଃତାଲାଙ୍କ ଅଲୌକିକ ଶକ୍ତି ସେହି ଗୁଲାମିରୁ ମୁକୁଳାଇ ପାରିବ । ଦାସତ୍ୱର ଯୁଦ୍ଧରେ ପରିବର୍ତ୍ତିତ କରିଦେବ, ଯେଉଁଥିରୁ ଦୁନିଆ ପଛଘୁଞ୍ଚା ଦେଇ ସାରିଛି । କିନ୍ତୁ ମୁଁ ଆପଣଙ୍କୁ ବିଶ୍ୱାସର ସହିତ କହୁଛି ଯେ ଆମେ କଦାପି ପଛକୁ ହଟିବା ନାହିଁ । ବରଂ ସେହି ବୈପ୍ଲବିକ ପରିବର୍ତ୍ତନ ଆସିବା ପରେ, ଯେଉଁ ପରିବର୍ତ୍ତନ ଯୋଗୁଁ ରୁଷ୍ ବିପ୍ଲବ ପରେ ବର୍ଲିନର ପାଚେରି ଭାଙ୍ଗିଥିଲା, ଏହାର ଫଳ ସ୍ୱରୂପ ଦୁନିଆ ମହାଯୁଦ୍ଧର ଅଧିକ ନିକଟତର ହୋଇଯାଇଛି । ଭବିଷ୍ୟତ ପାଇଁ ଦୁନିଆର ଶାନ୍ତି ଶୃଙ୍ଖଳା ପ୍ରତି ଭୀଷଣ ବିପଦର ସମ୍ଭାବନା ରହିଛି । ଏହାର

ଭୟାବହତା ସଂବନ୍ଧରେ ସେହି କାଦିୟାନ୍‌ରୁ ଏଥିପୂର୍ବରୁ ପ୍ରଭୁଙ୍କ ଦ୍ୱାରା ମନୋନୀତ ବ୍ୟକ୍ତି ଦୁନିଆକୁ ସତର୍କ କରାଇ ଥିଲେ ।

ଏବେ ସେହି ସତର୍କ ବାଣୀକୁ ଆଜି ମୁଁ ଆପଣମାନଙ୍କ ସମ୍ମୁଖରେ ପୁନରାବୃତ୍ତି କରୁଛି । ଯାହାର ସୂଚନା ହଜରତ ମସିହ୍ ମଉଦ୍[ଅସ]ଙ୍କ ଦ୍ୱାରା ଦିଆଯାଇ ଥିଲା ।

'ନିଜର ସୁଧାର କରିନିଅ, ନିଜ ଆତ୍ମାକୁ ପବିତ୍ର କରିନିଅ ତଥା ନିଜ ହୃଦୟକୁ ନିର୍ମଳ କରି ନିଅ । ପ୍ରଭୁଙ୍କ ପାଇଁ ନିଜ ମନରୁ ମନ୍ଦ ଭାବନାକୁ ପରିତ୍ୟାଗ କର । ମାନବଜାତି ସହିତ ପ୍ରେମପୂର୍ଣ୍ଣ ବ୍ୟବହାରର ଶିକ୍ଷା ଦିଅ । ଜଣେ ଅନ୍ୟ ସହିତ ସ୍ନେହ ଓ ଆଦର ସହିତ ବାସ କରିବା ଶିଖ । ନଚେତ ତୁମର ସମ୍ମାନ ପୂର୍ବକ ଜୀବନ ଯାପନ କରିବାର କେହି ହେଲେ ଜାମିନ୍ ହେବେ ନାହିଁ ।'

ଏବେ ଆପଣମାନେ ଦେଖନ୍ତୁ, ଆମର ଗରିବ ଦେଶମାନଙ୍କର ବଜେଟ ଓ ଆର୍ଥିକ ଆକଳନ ଅଧିକ ମାତ୍ରାରେ ନିଜର ପ୍ରତିରକ୍ଷା ପାଇଁ ଖର୍ଚ୍ଚ କରାଯାଉଛି । ପ୍ରତିରକ୍ଷା କାହା ବିରୁଦ୍ଧରେ ? ଜଣେ ଗରିବ ଦେଶ ଅନ୍ୟ ଏକ ଗରିବ ଦେଶ ବିରୁଦ୍ଧରେ । ସେହି ଗରିବ ଦେଶ ନିଜର ପ୍ରତିରକ୍ଷା ପାଇଁ ଅଧିକ ପରିମାଣରେ ବଜେଟ ପ୍ରସ୍ତୁତି କରୁଛି । ଯେହେତୁ ଆକ୍ରମଣର ଆଶଂକା ଜଣକର ଅନ୍ୟ ଜଣକ ପ୍ରତି ରହିଛି ।ଏପରି ବିଶୃଙ୍ଖଳିତ ଅବସ୍ଥାରେ ଦେଶର ସାଧାରଣ ଜନତା କିପରି ଭାବେ ଶୃଙ୍ଖଳାର ସହିତ ଜୀବନ ଯାପନ କରି ପାରିବେ । ଯେଉଁ ଜାତିର ଧନ, ସମ୍ପଦର ବିପୁଳ ଭାଗ ଜଣେ ଅନ୍ୟର ରକ୍ତପାତ କରିବା ସକାଶେ ଅସ୍ତ୍ରଶସ୍ତ୍ର କ୍ରୟ କରିବାରେ ବ୍ୟୟ କରାଯାଏ, ସେ ଜାତିର ଗରିବ ଜନତାକୁ ରକ୍ତଦାନ କିଏ କରିବ ? ତେଣୁ ଯଦି ଯୁଦ୍ଧ ହେବ ତେବେ ଗରିବମାନଙ୍କର ରକ୍ତ ହିଁ ସେଥିରେ ଢଳା ହେବ । ଏହା ଅତି ସ୍ପଷ୍ଟ ଓ ଖୋଲା ଖୋଲି ପରିସ୍ଥିତି ସୃଷ୍ଟି କରିଛି । ଏକଥାକୁ କୌଣସି ଜାତି ବା ଦେଶମାନେ କାହିଁକି ବୁଝିପାରୁ ନାହାନ୍ତି ?

ସୁତରାଂ ମୁଁ ଆପଣଙ୍କୁ ପରାମର୍ଶ ଦେଉଛି । ଯଦି ଏପରି ଉପାୟ ନ କରିବ, ତେବେ ଅତି ମନ୍ଦ ଓ ଭୟଙ୍କର ବିଭୀଷିକାର ଦିନ ଆସିବାର ରହିଛି । ଏହା ବ୍ୟାଖ୍ୟା କରିବାକୁ ସମୟ ନାହିଁ, ଏବେ ଅନେକ ବିଳମ୍ବ ମଧ୍ୟ ହୋଇ ସାରିଛି ।

ମୁଁ ଯେଉଁ ପଦ୍ୟ ପାଠ କରିଥିଲି, ଏହାର ଶେଷ ପଦର ପୂର୍ବରେ କହିଥିଲି, ସେ ଆମ ଦୁଇ ଜାତିଙ୍କ ଏକତ୍ର କରି ଦିଅନ୍ତୁ ଓ ଏକ ଖୁଦା ଆଡ଼କୁ ନତମସ୍ତକ ହେବା ପାଇଁ ଉତ୍ତମ ଆହ୍ୱାନର ବାଣୀ ହେଉଛି 'ୱାହେଗୁରୁ-ଅଲ୍ଲାହୁ ଅକ୍‌ବର୍' ଈଶ୍ୱର କରନ୍ତୁ, ଏହି ନୀତିବାକ୍ୟର ସ୍ୱର କେବଳ ନାରା ହୋଇ ନରହୁ ବରଂ ବାସ୍ତବିକ ରୂପେ ଆମ ହୃଦୟ ଏକ୍ ଅଲ୍ଲାହ୍ଙ୍କ ପ୍ରେମରେ ଚିରଦିନ ପାଇଁ ବାନ୍ଧି ହୋଇଯାଉ ।

ଏବେ ମୁଁ ଆପଣମାନଙ୍କ ଠାରୁ ମେଲାଣି ନେବି, ସମୟ ଅଧିକ ହୋଇ ଗଲାଣି । ଯିବା ପୂର୍ବରୁ କିଛି ଆପଣଙ୍କ ସମ୍ମୁଖରେ ପ୍ରାର୍ଥନା (ଦୁଆ) ଉଦ୍ଦେଶ୍ୟରେ ରଖିବାକୁ ଚାହୁଁଛି ।

ଜମାଅତ୍ ଅହମଦିୟା ଦୁନିଆର ଯେ କୌଣସି ଭାଗରେ ବସବାସ କରୁଥିଲେ ସୁଦ୍ଧା କାଦିୟାନ ସହିତ ସେମାନଙ୍କର ପ୍ରଗାଢ଼ ସମ୍ପର୍କ ରହିଛି । ବିଶେଷ ଭାବେ ପାକିସ୍ତାନ ବାସିନ୍ଦାଙ୍କର ଏକ ଦୀର୍ଘ ସମୟରୁ ହୃଦୟରେ ଧାରଣା ରହିଥିଲା ଯେ ଆମର କାଦିୟାନ ପରିଦର୍ଶନ କରିବା ଓ ଆମ ମୁନିବଙ୍କ ସହିତ ସାକ୍ଷାତ କରିବା ସମ୍ଭବତଃ ଭାରତ ସରକାର ତଥା କାଦିୟାନ୍ ବାସିନ୍ଦାଙ୍କୁ ପସନ୍ଦ ନଲାଗି ପାରେ । ଏବଂ ଏହାହିଁ ଏକ ମୁଖ୍ୟ କାରଣ ଥିଲା କିମ୍ବା ହୁଏତ ଅନ୍ୟ କୌଣସି କାରଣ ବଶତଃ ଜମାଅତ୍‌ର କୌଣସି ଖଲିଫାଙ୍କୁ ଦେଶ ବିଭାଜନ ପରେ ଏଠାକୁ ଆସିବାର ସୌଭାଗ୍ୟ ପ୍ରାପ୍ତ ହୋଇ ନଥିଲା । ମୁଁ ଯେତେବେଳେ ଆସିବାକୁ ନିଷ୍ପତ୍ତି କଲି, ସେତେବେଳେ ବହୁତ ଦୁଆ କଲି, ବହୁତ ଇସ୍ତେଖାରା କରାଇଲି । (କୌଣସି କାର୍ଯ୍ୟ ସଫଳ ହେବାର ସଂକେତ ମିଳିଥାଏ) ଏବଂ ସମଗ୍ର ବିଶ୍ୱରୁ ବହୁଳ ଭାବେ ଈଶ୍ୱରଙ୍କ ଆଡୁ ଆଙ୍ଗୁଳି ନିର୍ଦ୍ଦେଶ ହୋଇଥିଲା ଯେ ତୋ'ର କାଦିୟାନ୍ ଯାତ୍ରା ପ୍ରଭୁଙ୍କ ଇଚ୍ଛା ଓ ପ୍ରସନ୍ନତା ଅନୁଯାୟୀ ହେବ ଏବଂ ଏଥିରେ ବିହିତ ଉପକାର ଓ କଲ୍ୟାଣ ରହିଛି । ଏଥିରେ ସମସ୍ତ ବିଶ୍ୱର କଲ୍ୟାଣ ରହିଛି ତଥା ଏହା ଦ୍ୱାରା ଅନେକ ପବିତ୍ର ପରିବର୍ତ୍ତନମାନ ଘଟିବ ।

ସେହି ରୋୟା (ଅର୍ଦ୍ଧଚେତନ ଅବସ୍ଥାରେ ଦେଖାଯିବା ଅଲୌକିକ ଦୃଶ୍ୟ) ଯାହାକୁ ମୁଁ ଗୋଟିଏ ଫାଇଲ୍‌ରେ ଅଲଗା ସୁରକ୍ଷିତ ରଖିଅଛି, ଆପଣମାନେ ଏହାକୁ ପାଠ କଲେ ଚକିତ ରହିଯିବେ ଯେ କିପରି ଭାବେ ପ୍ରଭୁ ବିଶ୍ୱର ବିଭିନ୍ନ ଦେଶରେ ଅହମଦିମାନଙ୍କୁ ଏହି କଲ୍ୟାଣକାରୀ ଯାତ୍ରା ବିଷୟରେ ବିଶ୍ୱାସ ଯୋଗାଇଛନ୍ତି ଓ ଜଣାଇ ଦେଇଛନ୍ତି ଯେ ଏହି ଯାତ୍ରା ତାହାଙ୍କ ଇଚ୍ଛା ଓ ପ୍ରସନ୍ନତା ଅନୁଯାୟୀ ଅତ୍ୟନ୍ତ ଶୁଭ ଓ ଆଶୀଷ ଦାୟକ ହେବ । କେତେକ ସୂଚନା ମୋତେ ସାନ୍ତ୍ୱନା ଆକାରରେ ଏପରି ସ୍ପଷ୍ଟ ଭାବେ ମିଳିଥିଲା ଯେ ମୋର ହୃଦୟରେ ଆନନ୍ଦ, ପ୍ରଶାନ୍ତ ଚିତ୍ତ ଓ ଆତ୍ମ ବିହ୍ୱଳିତ ହୋଇ ଉଠିଛି । ତତ୍‌କ୍ଷଣାତ ମୋର ଆତ୍ମା ସିଜଦାରେ ପଡ଼ି ଯାଇଥିଲା ।

ଅନେକ ସମୟରେ ଅତି ସାମାନ୍ୟ କଥା ମଧ୍ୟ ମନୁଷ୍ୟ ଜୀବନରେ ଘଟିଥାଏ । କିନ୍ତୁ ଏହା ଦ୍ୱାରା ମନୁଷ୍ୟକୁ ପୂର୍ଣ୍ଣ ବିଶ୍ୱାସ ହୋଇଯାଏ ଯେ ପ୍ରଭୁ ଅତି ସ୍ନେହର ସହିତ ତଥା ଅତି ସୁକ୍ଷ୍ମ ଦୃଷ୍ଟିରେ ଆମକୁ ଦେଖୁଛନ୍ତି ଓ ଆଶ୍ୱାସନା ପ୍ରଦାନ କରିଛନ୍ତି ଯେ ମୁଁ ତୋ' ସହିତ ରହିଛି । ତେଣୁ ଆଗକୁ ବଢ଼ି ଚାଲ । ଯେଉଁ କରୁଣା ତୁମ ପାଇଁ ନିର୍ଦ୍ଧାରଣ କରାଯାଇଛି, ତାହା ଗ୍ରହଣ କର ।

ଦିନେ ଆମେ ଲଣ୍ଡନ୍‌ରେ ବସି ଆଲୋଚନା କରୁଥିଲୁ ଯେ ପିଲାମାନେ ସେଠାକୁ କିପରି ଯିବେ । ସେତେବେଳେ ମୋର ଗୋଟିଏ ନାତି (ଝିଅର ପୁଅ) ସୈନିକ ପୋଷାକ ପିନ୍ଧିଥିଲା । ଛୋଟ ପିଲା, ତା'ର ଦୃଢ଼ ଇଚ୍ଛା ଥିଲା ଯେ ମୁଁ ସୈନିକ ପୋଷାକରେ ଭାରତ ଯିବି । ତା'ର ମାଆ କହୁଥିଲା ଏଇଟା ପାକିସ୍ତାନୀ ସୈନିକର ପୋଷାକ, ଏହାକୁ ତୁ ପିନ୍ଧିକି ଗଲେ ଜଣାନାହିଁ ସେମାନେ (ଭାରତୀୟମାନେ) କ'ଣ ଭାବିବେ ଯେ ସେ କେଉଁ ଉଦ୍ଦେଶ୍ୟରେ ଆସିଛି ? ମୁଁ ତାଙ୍କୁ ବୁଝାଇଲି, ଦୁଇ ଅଢେଇ ବର୍ଷର ଛୁଆର ବେଶ ପୋଷାକ ଦେଖି ସେମାନେ କ'ଣ ଭାବିବେ ? ସେମାନେ ଖୁବ୍ ଭଲ ଓ ବିବେକଶୀଳ ଲୋକ, ପିଲାର ଇଚ୍ଛା ପୁରଣ କରିବାକୁ ଦିଅ । କିନ୍ତୁ ଯେହେତୁ ସେମାନଙ୍କ ବିବାଦ ବଢ଼ିଲା, ତେଣୁ ମୁଁ ନିଷ୍ପତ୍ତି କଲି ଯେ ମୋତେ ତ ଅହମଦି ବାଳକମାନଙ୍କୁ ସୈନିକ ପୋଷାକରେ ଥିବା ଅଧିକ ପସନ୍ଦ ଲାଗେ । ଅର୍ଥାତ କାଦିୟାନ ଯିବା ପାଇଁ ଅନ୍ୟାନ୍ୟ ପୋଷାକ ଅପେକ୍ଷା ସୈନିକ ପୋଷାକ ଅଧିକ ପସନ୍ଦ । ଯେତେବେଳେ ମୁଁ ତଳେ ଥିବା ଅଫିସ କୁ ଆସି ଦେଖେ ତ ସମ୍ମୁଖରେ ଡାକରେ ଆସିଥିବା ଜଣେ ଧର୍ମପ୍ରାଣ ବ୍ୟକ୍ତିଙ୍କର ଚିଠି ଖଣ୍ଡେ ଆସି ପଡ଼ିଛି । ସେଥିରେ ସେ ଲେଖିଛନ୍ତି ଯେ ମୁଁ ଯେଉଁ ଇସ୍ତେଖାରା କରିଥିଲି, ଯାହାଦ୍ୱାରା ପ୍ରଭୁ ମୋତେ ଏହି ଦୃଶ୍ୟ ଦେଖାଇଛନ୍ତି । 'ଭାରତ ଜଲ୍‌ସାକୁ ଯିବା ବେଳେ ଆପଣଙ୍କୁ ଝିଅମାନଙ୍କ ପାଇଁ ତ ସାଧାରଣ ପୋଷାକ ପସନ୍ଦ ଓ ପୁଅ ପିଲାମାନଙ୍କୁ ଫୌଜି ପୋଷାକ ପସନ୍ଦ ।' ଏବେ କୁହନ୍ତୁ, ତାହା କେଉଁ ଶକ୍ତି ଥିଲା ଯାହା ଦୂରରେ ରହିଥିବା ବିଦେଶର ଏକ ଅହମଦିକୁ ଏହି ଦୃଶ୍ୟ ଦେଖାଇଲା । ପୁଣି ତାହା ଏପରି ସଠିକ ସମୟରେ ଯେ ଏଣେ ଉପରେ ମୁଁ କଥାବାର୍ତ୍ତା କରି ତଳକୁ ଆସିଛି, ତେବେ ମୋ ଆଗରେ ସେହି ଚିଠିଟି ପଡ଼ିଛି, ଯେଉଁଥିରେ ସେହି ବିଷୟର ଉଲ୍ଲେଖ ରହିଛି, ଯାହା ଆମେ ଉପରେ ଆଲୋଚନା କରୁଥିଲୁ । ଏପରି ଈଶ୍ୱର ଅନେକ ଥର ଅତି ସ୍ପଷ୍ଟ ରୂପେ ଏହାର ସୂକ୍ଷ୍ମ ରହସ୍ୟକୁ ଖୋଲି ଦେଇ ସୁନ୍ଦର ଭାବେ ମୋର ଉତ୍ସାହ ବର୍ଦ୍ଧନ କରିଛନ୍ତି । ଆଶ୍ୱାସନା ମଧ୍ୟ ଦେଇଛନ୍ତି ଯେ ଏପରି ଅଲୌକିକ ଶକ୍ତି ରହିଛି, ଯାହା ତୋତେ ସେଠାକୁ ଟାଣି ନେଇ ଯାଉଛି ।

ଏବେ ଅନ୍ୟ ଏକ ଘଟଣା ଶୁଣି ନିଅନ୍ତୁ । ସେଠାରେ ଆମର ଜଣେ ମିତ୍ର ଉସ୍‌ମାନ ଚିନି ସାହେବ୍ ରହୁଛନ୍ତି । ସେ ଚିନ୍ ଭାଷାରେ କୁର୍‌ଆନ୍‌ର ଅନୁବାଦ କରିଛନ୍ତି । ସେ ମୋର ପିଲା ଦିନର ସହପାଠୀ ତଥା ବହୁତ ପ୍ରଭୁ ଭକ୍ତ ମଧ୍ୟ । ତାଙ୍କୁ ମଧ୍ୟ ମୁଁ ଇସ୍ତେଖାରା ପାଇଁ ଲେଖିଥିଲି । ତାଙ୍କ ଠାରୁ ଅଦ୍ଭୁତ ଉତ୍ତର ଆସିଲା । ସେ

ଉଲ୍ଲେଖ କରିଛନ୍ତି ଯେ ମୁଁ ସ୍ୱପ୍ନରେ ଦେଖିଲି ଆପଣଙ୍କ ସହିତ ଆପଣଙ୍କ ଘରର ବାର ଜଣ କିମ୍ବା ଚଉଦ ଜଣ ପାଖାପାଖି ଲୋକ ଅଛନ୍ତି । ପୁଣି ବିଚାର କରାଯାଇଛି ଯେ ଯେଉଁ ଘରେ ଆପଣଙ୍କୁ ରଖାଯିବ, ସେଠାରେ ଥିବା ଦୁଇଟି ଘର ଖାଲି କରାଯିବ କି ନାହିଁ । ସେତେବେଳେ ମୁଁ କହୁଛି ଯେହେତୁ ପରିବାରର ସଦସ୍ୟ ଅଧିକ, ତେଣୁ ଦୁଇଟିଯାକ ଘର ଖାଲି କରିଦେବା ହିଁ ଉଚିତ ହେବ । ଏଣେ ସେହି ସ୍ୱପ୍ନର ଚିଠି ମୋତେ ମିଳିଛି ତ ଠିକ୍ ସେତିକି ବେଳେ କାଦିୟାନ୍‌ରୁ ସୁଚନା ମିଳୁଛି ଯେ ଆପଣଙ୍କ କୋଠରି ? ଅର୍ଥାତ୍ 'ଉମ୍ମେ ତାହେର୍' ରେ ଆପଣଙ୍କ ରହିବାର ବ୍ୟବସ୍ଥା କରାଯାଇଛି । କିନ୍ତୁ ସେଠାରେ ଦୁଇଗୋଟି ଦର୍‌ୱେଶ୍ ପରିବାର ଏ ପର୍ଯ୍ୟନ୍ତ ରହିଥିବା ଯୋଗୁଁ ଆମେ ନିଷ୍ପତ୍ତି କରିଛୁ ଯେ ତାଙ୍କୁ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତରିତ କରି ଦେବୁ । ଯଦ୍ୱାରା ଆପଣଙ୍କୁ ସଂପୂର୍ଣ୍ଣ ରୂପେ ରହିବାର ସୁବିଧା ଉପଲବ୍ଧ ହୋଇ ପାରିବ । ମୁଁ ସେମାନଙ୍କୁ ଲେଖିଲି ଓ ଲେଖିବା ପରେ ଏହି ସ୍ୱପ୍ନ ସଂକ୍ରାନ୍ତୀୟ ପତ୍ର ମୋତେ ମିଳିଲା । ମୁଁ ସେମାନଙ୍କୁ ଉତ୍ତରରେ ଲେଖିଥିଲି ଯେ ମୋତେ ଏହା ପସନ୍ଦ ନାହିଁ ଯେ ଏହି ଅବସ୍ଥାରେ ଦରୱେଶ୍‌ମାନେ କୌଣସି କଷ୍ଟ ଓ ଅସୁବିଧାରେ ପଡ଼ନ୍ତୁ । ତେଣୁ ଯେ ପର୍ଯ୍ୟନ୍ତ ମୋତେ ଏହି ଆଶ୍ୱାସନା ନଦେବ ଯେ ସେମାନେ ସମ୍ପୂର୍ଣ୍ଣ ଭାବେ ସ୍ୱଇଚ୍ଛାରେ ତଥା ବିନା ଦ୍ୱିଧାରେ ଘର ଖାଲି କରିବାକୁ ପ୍ରସ୍ତୁତ ଅଛନ୍ତି, ସେ ପର୍ଯ୍ୟନ୍ତ ତାଙ୍କୁ ସେଠାରୁ ବାହାର କରା ନଯାଉ । ଏ ପତ୍ର ଯେତେବେଳେ ମୁଁ ଲେଖାଇ ସାରିଲି ଏହା ପରେ ଉସ୍‌ମାନ ଚିନି ସାହେବଙ୍କର ଉକ୍ତ ପତ୍ର ମୋ ସମ୍ମୁଖରେ ଥିଲା । ଏଥିରୁ ମୋତେ ବିଶ୍ୱାସ ହୋଇଗଲା ଯେ ପ୍ରଭୁଙ୍କ ଲୀଳା ମୋତେ ସୂଚୀତ କରୁଛି ଯେ ତୋର ନିଷ୍ପତ୍ତି ମଧ୍ୟ ଠିକ ରହିଛି । କିନ୍ତୁ ତାହାହିଁ ହେବ ଯାହା ମୁଁ ଇଚ୍ଛା କରିଛି । ସୁତରାଂ କାଦିୟାନ୍‌ରୁ ଫ୍ୟାକ୍‌ସ ଆସିଲା ଯେ ସେହି ଦୁଇ ଦର୍‌ୱେଶ୍ ଅତି ପ୍ରେମ ଓ ଆଗ୍ରହର ସହିତ କହୁଛନ୍ତି ଯେ ଆମକୁ କଦାପି କୌଣସି ଅସୁବିଧା ହେବ ନାହିଁ । ଆମ ପାଇଁ ଅନ୍ୟ ଘର ହୁଏତ ଅଧିକ ଭଲ ହୋଇପାରେ । ତେଣୁ ଆମକୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତରିତ କରି ଦିଅନ୍ତୁ । ସେହିପରି ଯେତେ ଦୂର 'ବାର ଓ ଚଉଦ'ର ସମ୍ପର୍କ ରହିଛି, ମୋ ସହିତ ମୋ ପିଲାମାନେ ଓ ତାଙ୍କ ପିଲାମାନଙ୍କୁ ମିଶାଇଲେ ବାରଜଣ ହେଉଛନ୍ତି । ମୁଁ ଓ ପତ୍ନୀକୁ ମିଶାଇ ଚଉଦ ଜଣ ହୋଇ ଯାଉଛନ୍ତି । କାରଣ ମୁଁ ଏହି ତାରତମ୍ୟ ରଖିଥିଲି ଯେ ମୁଁ ଓ ମୋର ପତ୍ନୀ ଜମାଅତର ପ୍ରତିନିଧି ଭାବେ ଦୁଇଜଣ ଯିବୁ ଓ ଅବଶିଷ୍ଟ ବ୍ୟକ୍ତିମାନଙ୍କୁ ବ୍ୟକ୍ତିଗତ ଭାବେ ମୋ ସହିତ ମୁଁ ନେଇଯିବି ।

ଏଇଥି ପାଇଁ ପ୍ରଭୁ ସ୍ପଷ୍ଟ ଶବ୍ଦରେ ମଧ୍ୟ ତାଙ୍କୁ ଏହି ବ୍ୟତିକ୍ରମ ସହିତ ଦର୍ଶାଇ ଥିଲେ ଯେ ୧୨ କିମ୍ବା ୧୪ ଜଣ ଲୋକ ହେବେ । ସେମାନଙ୍କର ପାଇଁ ସ୍ୱାଭାବିକ

ରୂପେ ଖୋଲା ଜାଗାର ଆବଶ୍ୟକତା ରହିଛି । ଏବେ ଦେଖନ୍ତୁ, ଯଦି ଆମର ପ୍ରଭୁଙ୍କ ସହିତ ସମ୍ପର୍କ ନାହିଁ, ତାଙ୍କର ସ୍ନେହଭରା ଦୃଷ୍ଟି ଆମ ଉପରେ ନାହିଁ, ତେବେ ଏତେ ସୂକ୍ଷ୍ମ ତଥ୍ୟ ସହିତ କାହିଁକି ଆମ ବିଷୟରେ ସେ ଆଗ୍ରହ ପ୍ରକାଶ କରିଛନ୍ତି ? କାହିଁକି ସମୟ ପୂର୍ବରୁ ଭବିଷ୍ୟତରେ ଘଟିବା ବିଷୟ ପ୍ରତି ଆମକୁ ଅବଗତ କରାଇ ଦେଉଛନ୍ତି ?

ମୁଁ ଆପଣଙ୍କୁ ମନେ ପକାଇ ଦେବାକୁ ଚାହୁଁଛି ଯେ ପ୍ରଭୁଙ୍କ ସହିତ ସମ୍ପର୍କର ଏହି କ୍ରମ ଏହି କାଦିୟାନ ଗ୍ରାମରୁ ଆଜିକୁ ପ୍ରାୟଃ ଏକଶତ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା । ଏହା ସେ ଗ୍ରାମ, ଯାହାର ଆମେ ସର୍ବଦା କୃତଜ୍ଞ ରହିବୁ । କାରଣ ଏହି ଗ୍ରାମ ମାଧ୍ୟମରେ ଆମକୁ ମକ୍କା ଓ ମଦିନା ସହିତ ସଂଯୋଗ କରି ଦିଆଯାଇଛି । ଏହି ଗ୍ରାମର ଗନ୍ତବ୍ୟ ପଥ ଦ୍ୱାରା ଆମକୁ ଚଉଦ ଶହ ବର୍ଷର ଦୂରତାକୁ ଲୋପ କରି ଦିଆଗଲା ଓ (ଆଖରିନ୍) ଶେଷରେ ରହିଥିବା ସତ୍ତ୍ୱେ (ଅଓ୍ୱଲିନ୍) ପ୍ରଥମଙ୍କ ସହିତ ମିଳିତ ହୋଇଗଲୁ । ଏଇଥି ପାଇଁ ଏହି ଗ୍ରାମର ସ୍ନେହ ଶ୍ରଦ୍ଧା ସର୍ବଦା ଆମ ହୃଦୟରେ ରହିବ । କିନ୍ତୁ ସହାନୁଭୁତିର କେବଳ ପ୍ରଶ୍ନ ନାହିଁ, ଆମେ ତ ଏହାର ପ୍ରେମରେ ବାନ୍ଧି ହୋଇ ଯାଇଛୁ । ବିଶ୍ୱରେ ଯେଉଁଠାରେ ମଧ୍ୟ ଅହମଦି ଅଛନ୍ତି, ପ୍ରତ୍ୟେକଙ୍କ ହୃଦୟରେ ସ୍ୱାଭାବିକ ଭାବେ କାଦିୟାନ୍ ପ୍ରତି ଅଗାଧ ପ୍ରେମ ଓ ଆବେଗ ଦେଖାଯାଇଥାଏ ।

ଯେତେବେଳେ ମୁଁ ଏଠାକୁ ଆସୁଥିଲି, ମୋର ଓ ମୋ ପିଲାମାନଙ୍କର ମଧ୍ୟ ଏହି ଅବସ୍ଥା ଥିଲା । ଏପରି ଜଣା ପଡୁଥିଲା ସତେ ଯେପରି ଆମେ ସ୍ୱପ୍ନ ଦେଖୁଛୁ । ଆମେ ଜାଣିପାରୁ ନଥିଲୁ ଯେ ଏହି ସ୍ୱପ୍ନର ସ୍ପଷ୍ଟୀକରଣ ହୋଇ ପାରିବ କି ନାହିଁ । ଏବେକାର ସ୍ୱାଭାବିକ ଅବସ୍ଥା ଆମ ପାଇଁ ଅବିଶ୍ୱସନୀୟ ଥିଲା । କିନ୍ତୁ ଏକ ସ୍ୱପ୍ନର ଦୁନିଆରେ ସତେ ଯେପରି ଆମେ ସମୟ ଅତିବାହିତ କଲୁ ।

ଯେତେବେଳେ ଏଠାରେ ପହଞ୍ଚିଲୁ, ସେତେବେଳେ ଏପରି ଜଣାଗଲା ଯେ ସ୍ୱପ୍ନର ସ୍ପଷ୍ଟୀକରଣ ମଧ୍ୟ ଏକ ସ୍ୱପ୍ନ ପରି ଲାଗୁଥିଲା । ଯେତେ ସମୟ ମୁଁ ଏଠାରେ ଅତିବାହିତ କରିଛି, ସେମାନଙ୍କର ମଧ୍ୟ ଏହି ଅବସ୍ଥା ଥିଲା ଯେ ଆମ ସ୍ୱପ୍ନ ବାସ୍ତବରେ ପରିଣତ ହେବା ପରେ ମଧ୍ୟ ଆମେ ସ୍ୱପ୍ନାବସ୍ଥା ପରି ଅନୁଭବ କରୁଛୁ । ଯେତେ ସମୟ ବିତାଇ ଚାଲିଛି ଏକ ସ୍ୱପ୍ନ ସଦୃଶ ତାହା ଅତିବାହିତ ହୋଇ ଚାଲିଛି । ଏବେ ସେ ଦିନ ମଧ୍ୟ ପାଖେଇ ଆସୁଛି ଯେ ଏହି ସ୍ୱପ୍ନ ମଧ୍ୟ ଦିନେ ସ୍ୱପ୍ନ ହୋଇ ଉଭେଇ ଯିବ । ଯେତେବେଳେ ବିଦାୟକାଳୀନ ବିୟୋଗର ଚିନ୍ତା କରୁଛି, ସେତେବେଳେ ମୋ ହୃଦୟ ଦୁଃଖରେ ଭାଙ୍ଗି ପଡୁଛି । ଏହି ଗ୍ରାମ ମୋତେ ଏତେ

ପ୍ରିୟ ଯେ ଇଚ୍ଛା ହେଉଛି ସାରା ଜୀବନ ଏହି ମାଟିରେ ବିଚରଣ କରୁଥାଆନ୍ତି କି ! ଏହି ପବନରେ ନିଶ୍ୱାସ ନେଇ ଏହାର ଗଳି କନ୍ଦିରେ ପାଦ ଚଳନା କରି ମସିହ୍ ମଉଦ୍[ଅସ] ତଥା ତାଙ୍କ ପ୍ରିୟଜନମାନଙ୍କ ସ୍ମୃତିରେ ଏଠାରେ ନିଜର ଜୀବନ କଟାଇ ଦିଅନ୍ତି କି ! ଏହି ଅବସ୍ଥା ଆପଣମାନଙ୍କର ମଧ୍ୟ ହେଉଥିବ । କିନ୍ତୁ ପରିଶେଷରେ ଆମକୁ ପୃଥକ ହେବାକୁ ପଡ଼ିବ । କିନ୍ତୁ ମୁଁ ଆପଣଙ୍କୁ ଏହି ଆଶ୍ୱାସନା ଦେଉଛି ଯେ କାଦିୟାନ୍‌ର ଏହି ଯାତ୍ରା ପ୍ରଥମ ହୋଇପାରେ, କିନ୍ତୁ ଅନ୍ତିମ ନୁହେଁ । ହଜରତ ମସିହ୍ ମଉଦ୍[ଅସ] ଙ୍କୁ ଅଲ୍ଲାଃତାଲା ଅତି ସ୍ପଷ୍ଟ ଭାବେ ସୂଚନା ଦେଇଛନ୍ତି, ବିଷଦ ଭାବେ ଜଣାଇଛନ୍ତି, ଯଦ୍ୱାରା ଜଣାପଡ଼ିବ ଯେ ଶାନ୍ତିଜନକ ଅବସ୍ଥାରେ ଆମକୁ କାଦିୟାନ୍ ଆସିବାକୁ ହେବ । ଏପରି ଥରେ ହେବ ନାହିଁ, ବରଂ ଦୁଇ ଦୁଇ ଥର, ତିନି ତିନି ଥର, ଚାରି ଚାରି ଥର ହେବ । ପରିଶେଷରେ ଅଲ୍ଲାଃତାଲା ଯୁଗର ଅବସ୍ଥାକୁ ଏପରି ପରିବର୍ତ୍ତନ କରିଦେବେ ଯେ ଏହି ଦେଶ ଓ ଏହାର ଅନ୍ତେବାସୀ ଆମକୁ ସଦା ସର୍ବଦା ପାଇଁ ନିଜର ବାସିନ୍ଦା ରୂପେ ସ୍ୱୀକାର କରିନେବେ । ଅତି ପ୍ରେମର ସହିତ ଆମକୁ ଏଠାରେ ବାସ କରିବା ପାଇଁ ଆମନ୍ତ୍ରଣ କରିବେ । ଏହାର କେତେକ ନିଦର୍ଶନ ମୁଁ ମୋର ପ୍ରାତଃ ଭ୍ରମଣ ସମୟରେ ଦେଖିଛି । ଥରକର ଘଟଣା ହେଉଛି, ଯେତେବେଳେ ଆମେ ଦାରୁଲ୍ ଅନଓ୍ୱାରରୁ ପ୍ରାତଃ ଭ୍ରମଣ କରି ଫେରୁଥିଲୁ, ସେତେବେଳେ ଗୋଟିଏ କୋଠିର କବାଟ ପାଖରେ ଜଣେ ସଜ୍ଜନ ଶିଖ୍ ଓ ତାଙ୍କ ପତ୍ନୀ ଛିଡ଼ା ହୋଇଥିଲେ । ମୁଁ ସେମାନଙ୍କୁ ସଲାମ କଲି, ସେମାନେ ମଧ୍ୟ ସଲାମ କଲେ । ନିକଟକୁ ଆସି କହିଲେ 'ମୁଁ ଏହି ବିନତୀ କରିବାକୁ ଛିଡ଼ା ହୋଇଛି ଯେ ଆପଣ ଯେତେବେଳେ ଏଠାକୁ ଆସିଛନ୍ତି, ଆଉ ଫେରି ଯାଆନ୍ତୁ ନାହିଁ । ଆମକୁ ଆପଣଙ୍କର ଆବଶ୍ୟକତା ରହିଛି । ସଦା ସର୍ବଦା ପାଇଁ ଆମର ହୋଇ ଏଠାରେ ରହିଯାଆନ୍ତୁ ।'

ମନେ ରଖନ୍ତୁ ! ଏହି ପ୍ରେମର ଭାବନା ଯେଉଁଠି ଏମାନଙ୍କର ଶିଷ୍ଟାଚାରର ସାକ୍ଷ୍ୟ ଦେଉଛି ଓ ସେମାନଙ୍କର ମାନବିକତା ପ୍ରତି ସମ୍ମାନର ପ୍ରତୀକ ହେବାର ପ୍ରମାଣ ଦେଉଛି, ସେପରି ସ୍ଥଳେ କାଦିୟାନ୍‌ର ଦର୍‌ୱେଶ୍‌ମାନଙ୍କ ଅବସ୍ଥାର ଯଥାର୍ଥତା ମଧ୍ୟ ଅନେକ ବଡ଼ ସାକ୍ଷ୍ୟ ଦେଉଛି । କାଦିୟାନ୍‌ର ଦରୱେଶମାନେ ଅତି ମହତ୍ତ୍ୱପୁର୍ଣ୍ଣ ଭୂମିକା ନିର୍ବାହ କରିବାର ପ୍ରମାଣ ମିଳୁଛି ଯେ ସେମାନେ ଅତ୍ୟନ୍ତ ଧୈର୍ଯ୍ୟର ସହିତ ଏଠାରେ କାଳାତିପାତ କରୁଛନ୍ତି ଓ ଅତି ପ୍ରେମ ଓ ସଦାଚାରୀତାରେ ଦିନ କାଟୁଛନ୍ତି । ଯେଉଁ ଲୋକମାନେ ଦୂରରେ ଥିଲେ ସେମାନଙ୍କୁ ନିକଟତର କଲେ । ତାଙ୍କ ମନରେ ଥିବା ଭ୍ରାନ୍ତ ଧାରଣା ଓ ସନ୍ଦେହମାନ ଦୂର କରିଦେଲେ । ସତ୍‌କର୍ମ ଓ ଶିଷ୍ଟାଚାର ଦ୍ୱାରା ଏହା ଦେଖାଇଲେ । ସୁତରାଂ ଏହି ଦର୍‌ୱେଶମାନଙ୍କର

ଧର୍ମନିଷ୍ଠା, ତ୍ୟାଗ ଓ ସଦାଚାରୀତା ଆମ ପଥକୁ ସୁଗମ କରିଛି । ଆଜି ମଧ୍ୟ ସେମାନଙ୍କୁ ଦୁଆରେ ମନେ ରଖିବା ଓ ଏଠାରୁ ଫେରିବା ପରେ ମଧ୍ୟ ସେମାନଙ୍କୁ ସର୍ବଦା ଦୁଆରେ ମନେ ରଖି ଚାଲିଥିବା । ଈଶ୍ୱରଙ୍କ ସେହି ଅନୁପ୍ରେରିତ ବାଣୀ ପ୍ରତି ସମ୍ପୂର୍ଣ୍ଣ ବିଶ୍ୱାସ ରଖ । ଏହି ବିଶ୍ୱାସ ସହିତ ଆମେ ପ୍ରତ୍ୟାବର୍ତ୍ତନ କରିବା । ଏହି ଆଶା ବାନ୍ଧି ଯେ ପ୍ରଭୁ ପୁଣି ଆପଣମାନଙ୍କୁ ଆଉ ଥରେ ଫେରାଇ ନେଇ ଆସିବେ । ଈଶ୍ୱର କରନ୍ତୁ ମୁଁ ମଧ୍ୟ ଆପଣମାନଙ୍କ ସହିତ ପୁନର୍ବାର ଫେରି ଆସେ । ପ୍ରଭୁ କରନ୍ତୁ ଆମେମାନେ ବାରମ୍ବାର ଏଠାକୁ ଆସୁଥିବା ଓ ବାରମ୍ବାର ଏହି ଜଲସାର ଦୃଶ୍ୟ ବିଶାଳତମ ହୋଇ ଚାଲିଥିବ । ଏହାର ମହାତ୍ମ୍ୟ ଅଧିକ ବିସ୍ତୃତ ହୋଇ ଚାଲିଥିବ । ଏପରିକି ପାକିସ୍ତାନର ସେହି ଜଲ୍‌ସା ଯାହାକୁ ମୁଁ ଶେଷଥର ଦେଖିଥିଲି ଓ ଯାହାର ଉପସ୍ଥାନ ଅଢ଼େଇ ଲକ୍ଷ ଥିଲା । ପ୍ରଭୁ କରନ୍ତୁ ଯେ ଏପରି ଦିନ ଆସୁ କାଦିୟାନ ପୁଣ୍ୟଧାମରେ ଆମେ ଦଶ ଲକ୍ଷ ଓ କୋଡ଼ିଏ ଲକ୍ଷ ଲେଖାଏଁ ଜନସଂଖ୍ୟା ବିଶିଷ୍ଟ ସମାବେଶର ଜଲସା ପାଳନ କରି ପାରିବା । ଅଲ୍ଲାଃତାଲା ଏହାହିଁ କରନ୍ତୁ ।

ଅହମଦିୟତର ଜଲ୍‌ସା କୌଣସି ମେଳା ମହୋତ୍ସବ ନୁହେଁ । ଅହମଦିୟତର ଜଲ୍‌ସା ମାନବୀୟ ଜୀବନ ପାଇଁ ଏକ ବ୍ୟାପକ ସନ୍ଦେଶ ବହନ କରିଛି । ମାନବିକତାର ନୂତନ ଜୀବନ ଶୈଳୀର, ମାନବିକତାକୁ ଦୁର୍ଦ୍ଦଶାରୁ ମୁକ୍ତ କରାଇବାର କାଦିୟାନ୍‌ର ଜଲ୍‌ସା ଏକ ଅନନ୍ୟ ଉଦାହରଣ । ଏଠାରେ ସମସ୍ତ ଜାତି ଓ ସମ୍ପ୍ରଦାୟ ସଦ୍‌ଭାବନା ସହିତ, ପ୍ରେମ ସହିତ ଏକତ୍ରିତ ହୋଇଥିବାର ଦୃଷ୍ଟି ଗୋଚର ହେଉଛି । ଏଠାରେ ଇଂରେଜ ମୁସଲମାନ ହୁଅନ୍ତୁ କିମ୍ବା ଆମେରିକାନ୍ ଅହମଦି ମୁସଲିମ୍ ହୁଅନ୍ତୁ କିମ୍ବା ଭାରତୀୟ ହୁଅନ୍ତୁ, ପରସ୍ପର ମଧ୍ୟରେ ସମସ୍ତ ପ୍ରକାର ବିବିଧତା ଓ ପାର୍ଥ୍ୟକ୍ୟ ଲୋପ ପାଇ ଯାଇଥିବାର ଦେଖାଯାଉଛି । ତେଣୁ ଯଦି ପ୍ରକୃତରେ **ବିଶ୍ୱରେ ଜାତି ଜାତି ମଧ୍ୟରେ ଐକ୍ୟବଦ୍ଧତାର ଆଧାରଶୀଳା ରଖାଯାଏ, ତା' ହେଲେ ମୁଁ ପ୍ରଭୁଙ୍କ ଶପଥ ନେଇ ଆପଣମାନଙ୍କୁ କହୁଛି ଯେ ଏହାର ପୃଷ୍ଠଭୁମି ହେଉଛି ଏହି ସ୍ଥାନ, ଯେଉଁଠି ଭବିଷ୍ୟତରେ ଏକତନ୍ତ୍ରର ଆଧାରଶୀଳା ରଖାଯିବ ।**

ନିଜ ପ୍ରାର୍ଥନାରେ ସେହି ଆତିଥ୍ୟ ଗ୍ରହଣ ପାଇଁ ଅନୁଗ୍ରହୀ ଶ୍ରଦ୍ଧାଳୁମାନଙ୍କୁ ମନେ ରଖିବେ, ଯେଉଁମାନେ ଆମ ସହିତ ସଦ୍‌ବ୍ୟବହାର କରିଛନ୍ତି । ଭାରତ ସରକାରଙ୍କର କୃତଜ୍ଞତା ଜ୍ଞାପନ କରିବା ନିହାତି ମୋ ପକ୍ଷେ ଜରୁରୀ ହେଉଛି । କାରଣ ଆମକୁ ହଜରତ ମୁହମ୍ମଦ[ସଅ] ଏହି ଶିକ୍ଷା ଦେଇଛନ୍ତି ଯେ ଯିଏ ଈଶ୍ୱରଙ୍କ ସୃଷ୍ଟିଜ ପ୍ରାଣୀମାନଙ୍କ କୃତଜ୍ଞତା ଜ୍ଞାପନ ନକରେ, ସେ ଈଶ୍ୱରଙ୍କ ମଧ୍ୟ କୃତଜ୍ଞତା ଜ୍ଞାପନ

କରେ ନାହିଁ । ଆମ ସହିତ ଏହି ସରକାର ଅନେକ ସଦ୍‌ଭାବନା ପୂର୍ଣ୍ଣ ବ୍ୟବହାର କରିଛି, ପଞ୍ଜାବ ସରକାର ମଧ୍ୟ ଓ କେନ୍ଦ୍ର ସରକାର ମଧ୍ୟ । ଯେଉଁମାନେ ଅତି ଉତ୍ତମ ଭାବେ ମାନବିକ ଶିଷ୍ଟାଚାର ପ୍ରଦର୍ଶନ କରିଛନ୍ତି, ସେମାନଙ୍କୁ ନିଜ ଦୁଆରେ ମନେ ରଖିବା ।

କାଦିୟାନ୍ ଗ୍ରାମର ଲୋକମାନଙ୍କୁ ମଧ୍ୟ ମନେ ରଖିବା, ପାକିସ୍ତାନର ମୃତକମାନଙ୍କୁ ମନେ ରଖିବା । ସେହି ଦେଶକୁ ମଧ୍ୟ ମନେ ରଖିବା ଯେଉଁଠାରେ ମାନବ ଅଧିକାର ଓ ତାର ସ୍ୱତନ୍ତ୍ରତା ପ୍ରତି କଟକଣା ଜାରି କରାଯାଇଛି । ଯେଉଁଠି ସରକାର ଧାର୍ମିକ ସ୍ୱତନ୍ତ୍ରତା ପ୍ରସଙ୍ଗରେ ହସ୍ତକ୍ଷେପ କରିବାର ଦୁଃସାହାସ କରିଛି, ସେଥିରେ ହସ୍ତକ୍ଷେପ କରିବା ଏକାନ୍ତ ଅଶୋଭନୀୟ । ଯେଉଁଠାରେ ପ୍ରଭୁଙ୍କ ସ୍ତୁତି ଓ ଉପାସନା କରିବା ପ୍ରତି ଜଗୁଆଳି ମୁତୟନ କରାଯାଇ ଥାଏ । ଯେଉଁଠାରେ କଲ୍‌ମା ତୌହିଦ୍‌କୁ ପ୍ରକାଶ କରିବାରେ ପ୍ରତି ପ୍ରତିବନ୍ଧକ ସୃଷ୍ଟି କରାଯାଇଥାଏ । ତେଣୁ ଆମେ ସେହି ଅତ୍ୟାଚାରୀ ବିରୋଧିମାନଙ୍କ ପାଇଁ ମଧ୍ୟ ଦୁଆ କରିବା । ଯାହା ହେଲେ ବି ସେମାନେ ଆମର ଭାଇ । ଅଲ୍ଲାଃତାଲା ସେମାନଙ୍କ ହାତକୁ ଅତ୍ୟାଚାର କରିବାରୁ ରୋକି ଦିଅନ୍ତୁ । ଶେଷରେ ମୁଁ ଆପଣଙ୍କୁ ଅସୀରାନେ ରାହେମୌଲା (ଅଲ୍ଲାଃତାଲାଙ୍କ ମାର୍ଗରେ କଷ୍ଟ ଭୋଗ କରୁଥିବା ବ୍ୟକ୍ତି)ମାନଙ୍କ ପାଇଁ, ଯେଉଁମାନେ ଅତ୍ୟନ୍ତ ନିର୍ଯାତନା ଭୋଗ କରୁଛନ୍ତି, ଅଥଚ ସେମାନଙ୍କର କୌଣସି ଅପରାଧ ନାହିଁ । କେବଳ ଏତିକି ଅପରାଧ ଯେ ସେମାନେ ଏହା ଘୋଷଣା କଲେ **'ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ଓ ଅଶ୍‌ହଦୁ ଅନ୍ନାମୁହମ୍ମଦର ରସୁଲୁଲ୍ଲାହି'** ଅର୍ଥାତ୍ 'ଅଲ୍ଲାଃ ଏକ ଓ ମୁଁ ସାକ୍ଷୀ ଦେଉଛି ଯେ ମୁହମ୍ମଦ ଅଲ୍ଲାଃଙ୍କର ରସୁଲ' । ଏହି ଅପରାଧରେ ସହସ୍ର ଲୋକ ରହିଛନ୍ତି ଯେଉଁମାନଙ୍କୁ କାରାବାସରେ ଅକଥନୀୟ କଷଣ ଭୋଗିବାକୁ ପଡୁଛି । କେତେକ ନିର୍ଦ୍ଦୋଷ ବ୍ୟକ୍ତି ଏପରି ମଧ୍ୟ ଅଛନ୍ତି, ଯାହାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେବାର ନିଷ୍ପତ୍ତି କରାଯାଇଛି । ଯଦିଓ ପ୍ରଭୁ ଅତ୍ୟାଚାରୀମାନଙ୍କ ହାତରୁ ସେହି ଫାଶୀ ଦଉଡ଼ିକୁ ଛଡ଼ାଇ ନେଇଛନ୍ତି, ତଥାପି ଏପର୍ଯ୍ୟନ୍ତ ସେମାନେ କାରାବାସର ଯନ୍ତ୍ରଣାଦାୟକ ଶାସ୍ତି ସହିତ ଜୀବନ ଅତିବାହିତ କରୁଛନ୍ତି । ସେମାନଙ୍କୁ ମଧ୍ୟ ବିଶେଷ ଭାବେ ନିଜ ଦୁଆରେ ମନେ ରଖନ୍ତୁ । ପ୍ରଭୁ ଦୁଇଟିଯାକ ଦେଶ ମଧ୍ୟରେ ଏକ ବିଶେଷ ପରିବର୍ତ୍ତନ ଆଣନ୍ତୁ । ମାନବିକତା ମନୁଷ୍ୟର ଅତ୍ୟାଚାରରୁ ଚିରଦିନ ପାଇଁ ସ୍ୱତନ୍ତ୍ର ହୋଇଯାଉ । ଆସନ୍ତୁ, ଆମେ ସମସ୍ତେ ପ୍ରାର୍ଥନାରେ ସାମିଲ ହୋଇଯିବା ।

ତା'ହେଲେ, ଏବେ ମୁଁ ମେଲାଣି ମାଗୁଛି । ମୁବାରକ ସୌ ମୁବାରକ, (କଲ୍ୟାଣ ହେଉ, ଶତ ଶତ କଲ୍ୟାଣ ହେଉ)

ଅଲ୍ଲାଃତାଲା ହଜରତ ମସିହ ମଉଦ୍[ଅସ]ଙ୍କୁ ସମ୍ବୋଧିତ କରି କହିଛନ୍ତି 'ଏପରି ଦିନ ଆସିବାର ଅଛି, ଯେତେବେଳେ ଜମାଅତ୍ ଅହମଦିୟା ପ୍ରତି ଶ୍ରଦ୍ଧା ରଖୁଥିବା ସମସ୍ତ ବ୍ୟକ୍ତି ପରସ୍ପରକୁ ଏହି ଶବ୍ଦ ଦ୍ୱାରା ଶୁଭେଚ୍ଛା ଜଣାଇବେ, "ମୁବାରକ ସୌ ମୁବାରକ" ।

ଅଲ୍ଲାଃତାଲା ଆମମାନଙ୍କୁ ଏହି ସୁଯୋଗ ପ୍ରଦାନ କରିଛନ୍ତି ଯେ ଜମାଅତ ଅହମଦିୟାର ଏକ ଶହ ବର୍ଷ ପୂର୍ତ୍ତି ହେବା ଅବସରରେ ଆମେ ଜଣେ ଅନ୍ୟକୁ ଏହି ଶବ୍ଦ 'ମୁବାରକ୍ ସୌ ମୁବାରକ୍' କହିଛନ୍ତି । ଆଜି ଏହ ଜଲ୍‌ସା ସାଲାନାର ମଧ୍ୟ ଶହେ ବର୍ଷ ପୂରଣ ହେଉଅଛି । ଆଜି ମୁଁ ଏହି ଶବ୍ଦରେ ଆପଣମାନଙ୍କୁ ଶୁଭେଚ୍ଛା ଜଣାଉଛି, "ମୁବାରକ ସୌ ମୁବାରକ" ଆମ୍ଭେମାନେ ପୁଣି ସାକ୍ଷାତ ହେବା, ଯଦି ଈଶ୍ୱର ଆମକୁ ଏଠାକୁ ଫେରାଇ ଆଣନ୍ତୁ ।

**'ଅସ୍‌ସଲାମୁ ଆଲୈକୁମ୍ ଓ୍ୱ ରହମତୁଲ୍ଲାଃ' ।**

T T T T T T T